

ୟୁଏସ୍ ଓପନରେ ଶୀର୍ଷ ସିଡ୍ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-67 ♦MONDAY ♦31 AUGUST 2026 ♦PAGE-12 ♦₹ 7.00

BHUBANESWAR

♦ବର୍ଷ-୪୪ ♦ସଂଖ୍ୟା-୬୭ ♦ସୋମବାର ♦୩୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ଆମ୍ବୁଲାନ୍ସ ଡ୍ରାଇଭରରୁ ଇସ୍ରୋ ବୈଜ୍ଞାନିକ



■ ନଦିଆ, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାରୁ ଏକ ପ୍ରେରଣାଦାୟକ କାହାଣୀ ସାମ୍ନାକୁ ଆସିଛି। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଚଳାଇବା ସହ କଠିନ ପରିଶ୍ରମ କରି ଦେବଜିତ୍ ଭଦ୍ରା ନାମକ ଜଣେ ଯୁବକ ଭାରତୀୟମହାକାଶଗବେଷଣାସଂସ୍ଥା (ଇସ୍ରୋ) ରେଚାକିରିହାସଲକରିଛନ୍ତି। ବାରମ୍ବାର ବିଫଳତା ସାତ୍ତ୍ୱେ ତାଙ୍କର ଅଦମ୍ୟ ଜିଦ୍ ଏବଂ କଠିନ ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଛି। ଘଟଣା ଅନୁଯାୟୀ, ନାଦିଆର ଗଙ୍ଗାନାପୁରର ବାସିନ୍ଦା ଦେବଜିତ୍ ଶକ୍ତିନଗର ଜିଲ୍ଲା ହସ୍ପିଟାଲରେ ସରକାରୀ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ଦିନକୁ ପ୍ରାୟ ୧୨ ଘଣ୍ଟା କାମ କରିବା ପରେ ସେ ନିଜର ଅବଶିଷ୍ଟ ସମୟକୁ ପାଠପଢ଼ା ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ଲଗାଉଥିଲେ। ଚନ୍ଦ୍ରଯାନର ସଫଳତା ପରେ ତାଙ୍କର ଇସ୍ରୋରେ କାମ କରିବାର ସ୍ୱପ୍ନ ଆହୁରି ଦୃଢ଼ ହୋଇଥିଲା। ତେବେ ଏହି ଯାତ୍ରା ସହଜ ନଥିଲା ଏବଂ ସେ ପ୍ରାୟ ପାଞ୍ଚରୁ ଛଅ ଥର ପରୀକ୍ଷାରେ ବିଫଳ ହୋଇଥିଲେ ମଧ୍ୟ ହାର ମାନି ନଥିଲେ। ୟୁଟ୍ୟୁବ୍ ଏବଂ କୋଚିଂ ସହାୟତାରେ ସେ ପ୍ରସ୍ତୁତି ଜାରି ରଖିଥିଲେ ଏବଂ ଶେଷରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରେ 'ଟେକ୍ନିସିଆନ୍-ବି' ପଦବୀ ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି କାହାଣୀ ପ୍ରମାଣ କରୁଛି ଯେ ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ଯେକୌଣସି ବାଧାବିଘ୍ନକୁ ଅତିକ୍ରମ କରି ଲକ୍ଷ୍ୟ ହାସଲ କରାଯାଇପାରିବ।




## ବ୍ୟାଙ୍କ, ନାଇଟ୍ କ୍ଲବ୍‌ରେ ବିବାହ ପଞ୍ଜୀକରଣ

■ ବେଜିଂ, ୩୦।୮ (ଏଜେନ୍ସି): ଚୀନ୍‌ରେ କମୁଥିବା ବିବାହ ଏବଂ ଜନ୍ମହାରକୁ ବୃଦ୍ଧି କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଦେଶରେ ଯୁବପିଢ଼ିଙ୍କୁ ବିବାହ ପ୍ରତି ଆକର୍ଷିତ କରିବା ଏବଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ବ୍ୟାଙ୍କ, ମେଟ୍ରୋ ଷ୍ଟେସନ୍, ପ୍ରସୂତି ହସ୍ପିଟାଲ ଏବଂ ଏପରିକି ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପଞ୍ଜୀକରଣ କାଉଣ୍ଟର ଖୋଲାଯାଇଛି। ଶାଣ୍ଡୋଂ ପ୍ରଦେଶର ଏକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ହସ୍ପିଟାଲରେ ଏଭଳି କାଉଣ୍ଟର ଆରମ୍ଭ କରାଯାଇଛି, ଯେଉଁଠାରେ ଦମ୍ପତିମାନେ ବିବାହ ପଞ୍ଜୀକରଣ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ମଧ୍ୟ ପାଇପାରିବେ। ସେହିପରି ତିଆଞ୍ଜିନ୍ ସହରର ଏକ ବ୍ୟାଙ୍କ ଶାଖାରେ ମଧ୍ୟ ଦେଶର ପ୍ରଥମ ଥର ପାଇଁ ବିବାହ ପଞ୍ଜୀକରଣ ସେବା ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ବିମାନବନ୍ଦର, ପାର୍କ, ଏବଂ ଶାଘାଇର ଏକ ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ବିବାହ ଏବଂ ଜନ୍ମହାର ହ୍ରାସ ପାଉଥିବାରୁ ଚୀନ୍ ସରକାର ଏହି ବ୍ୟବସ୍ଥା ଆଣିଛନ୍ତି। ତେବେ ସୋସିଆଲ ମିଡ଼ିଆରେ ଲୋକମାନେ ଏହାକୁ ନେଇ ଭିନ୍ନ ମତ ଦେଇଛନ୍ତି। କିଛି ଲୋକଙ୍କ ମତରେ କେବଳ ପଞ୍ଜୀକରଣ ସ୍ଥାନ ବଢ଼ାଇବା ଦ୍ୱାରା ବିବାହ ବଢ଼ିବ ନାହିଁ, ବରଂ ଆର୍ଥିକ ସୁରକ୍ଷା ଏବଂ ଭବିଷ୍ୟତର ଆହ୍ୱାନକୁ ନେଇ ଯୁବପିଢ଼ିଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ଜରୁରୀ।

ନେପାଳ ବନ୍ୟା ପ୍ରଳୟ

# ସୁଡ଼ଙ୍ଗରେ ଫସିଛନ୍ତି ୯୦୦ ଶ୍ରମିକ

■ କାଠମାଣ୍ଡୁ, ୩୦।୮ (ଏଜେନ୍ସି): ନେପାଳରେ ଆସିଥିବା ଭୟଙ୍କର ବନ୍ୟା ପରେ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକର ସୁଡଙ୍ଗ ଭିତରେ ଫସି ରହିଛନ୍ତି ୯୦୦ରୁ ଅଧିକ ଶ୍ରମିକ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀରେ ଆସିଥିବା ହଠାତ୍ ବନ୍ୟା ଯୋଗୁଁ ବ୍ୟାପକ ବିଧ୍ୱଂସ

### ତ୍ୱରାନ୍ୱିତ ହେଲା ଉଦ୍ଧାର ଅଭିଯାନ
### ପାଇପ୍ ଯୋଗେ ଅମ୍ଳଜାନ ଯୋଗାଣ
### ମୃତ୍ୟୁସଂଖ୍ୟା ୮୦୦ ଟପିଲା
### ୩ ହଜାର ଏବେ ବି ନିଖୋଜ

ଘଟିଛି। ଏହି ପ୍ରଳୟଙ୍କରୀ ବନ୍ୟା କାରଣରୁ ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ମଧ୍ୟରେ ଶ୍ରମିକମାନେ ଫସି ରହିଛନ୍ତି। ପ୍ରାୟ ୮୯୮ ଜଣ ଶ୍ରମିକ ସୁଡଙ୍ଗ ଭିତରେ ବନ୍ଦୀ ହୋଇ ରହିଥିବା ବେଳେ ପ୍ରାୟ ୩୬୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତ୍ରିଶୂଳୀ-୩ ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ କିଛିଟା ସଫଳତା ମିଳିଛି।





ସୁଡଙ୍ଗ ଭିତରୁ ପଙ୍କ ଓ କାଦୁଅ ହଟାଇବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ଭାରୀ ଯନ୍ତ୍ରପାତି ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସୁଡଙ୍ଗରେ ଏକ ଛଅ ଇଞ୍ଚର କଣା କରାଯାଇ ଏକ ପାଇପ୍ ଜରିଆରେ ଭିତରେ ଥିବା ଶ୍ରମିକମାନଙ୍କ ପାଇଁ ବାୟୁ ଯୋଗାଣ କରାଯାଉଛି। ନେପାଳ ସରକାର ଏହି ଜଟିଳ ସୁଡ଼ଙ୍ଗ ଉଦ୍ଧାର କାର୍ଯ୍ୟ ପାଇଁ ଭାରତ ଓ ଚୀନର ବିଶେଷଜ୍ଞ ଦଳର ସହାୟତା ଲୋଡ଼ିଛନ୍ତି।

ଏହି ପ୍ରାକୃତିକ ଦୁର୍ବିପାକରେ ନେପାଳରେ ୭୯୪ ଜଣ ଏବଂ ପଡ଼ୋଶୀ ତିବ୍ବତରେ ୧୬ ଜଣଙ୍କ ସମେତ ମୋଟ ୮୧୦ ଜଣଙ୍କର ପ୍ରାଣହାନି ଘଟିଛି। ବର୍ତ୍ତମାନ ସୁଦ୍ଧା ନେପାଳରେ ପ୍ରାୟ ୨,୫୦୨ ଜଣ ଏବଂ ତିବ୍ବତ ସୀମାରେ ୫୪୦ ରୁ ଅଧିକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ ଯୋଗୁଁ ପାସାଙ୍ଗ ଲାମୁ ଜାତୀୟ ରାଜପଥର ପ୍ରାୟ ୪୦ କିଲୋମିଟର ରାସ୍ତା ପୋତି ହୋଇ ରହିଛି। ଏହାଛଡ଼ା ନେପାଳର ଅନେକ ସୌର ଏବଂ ଜଳବିଦ୍ୟୁତ ▶ପୃଷ୍ଠା-୭

## ଲଘୁଚାପ ସକ୍ରିୟ; ଆହୁରି ବର୍ଷିବ

### ବରଗଡ଼କୁ ରେଡ୍, ୧୦ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ

■ ଭୁବନେଶ୍ୱର, ୩୦।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରକୋପ ଜାରି ରହିଛି। ରବିବାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଆସନ୍ତା ସୋମବାର ମଧ୍ୟ ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରାଯାଇଛି।



ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏଠାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଅତ୍ୟଧିକ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା, ରାସ୍ତାଘାଟରେ ଜଳବନ୍ଦୀ ସୃଷ୍ଟି ହେବା ଏବଂ ଯାତାୟାତ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଲଘୁଚାପର ପ୍ରଭାବରେ ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ମଧ୍ୟମରୁ ଭାରି ବର୍ଷା ହେବା ସହ ବଜ୍ରପାତ ଓ ଝଟକା ପବନର ସମ୍ଭାବନା ରହିଛି। ଅପରପକ୍ଷରେ ସେପ୍ଟେମ୍ବର ୧ ତାରିଖରେ ମଧ୍ୟ ବର୍ଷାର ପ୍ରଭାବ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହି ତିନି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀନାଳରେ ଜଳସ୍ତର ବୃଦ୍ଧି, ତଳିଆ ଅଞ୍ଚଳରେ ଜଳବନ୍ଦୀ ଏବଂ କେତେକ ସ୍ଥାନରେ ଅସ୍ଥାୟୀ ରାସ୍ତା ବିଛିନ୍ନ ହେବାର ଆଶଙ୍କା ରହିଛି। ତେଣୁ ଜିଲ୍ଲା ପ୍ରଶାସନକୁ ସଜାଗ ରହିବା ସହ ସାଧାରଣ ଲୋକଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

### ଚାପରେ ନଇଁଲେ ସରକାର

## ୭ ଦିନ ବଢ଼ିଲା ଖରିଫ ପଞ୍ଜୀକରଣ

■ ଭୁବନେଶ୍ୱର, ୩୦।୮ (ସମିସ): ଲଗାତାର ଲଘୁଚାପ ସହ ବାରମ୍ବାର ବନ୍ୟା ଯୋଗୁଁ ଚାଷୀ ନୟାନ୍ତ। ସମାନ ସମୟରେ ରାଜ୍ୟ ସରକାରଙ୍କ ଜଟିଳ ନିୟମାବଳୀ ପାଇଁ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତାକାଲି ଧାନ ପଞ୍ଜୀକରଣର ଶେଷ ଦିନ ଥିବାବେଳେ ଏହାକୁ ଅତିକମରେ ୨୦ ଦିନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି ହେଉଥିଲା। ଚାଷୀ ସଂଗଠନ ମଧ୍ୟ ପଞ୍ଜୀକରଣ ଅବଧି ବୃଦ୍ଧି ଏବଂ ନିୟମାବଳୀରେ ସରଳୀକରଣ କରିବାକୁ ଲଗାତାର ଦାବି କରି ଆସୁଥିଲେ। ବିଭିନ୍ନ ମହଲରୁ ଏ ନେଇ ପ୍ରବଳ ଚାପ ପଡ଼ିବା ପରେ ଶେଷରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ଅବଧିକୁ ୭ ଦିନ ବୃଦ୍ଧି କରିଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅବଧି ବୃଦ୍ଧି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି । ଖରିଫ ଋତୁରେ ଧାନ ବିକ୍ରି ନିମନ୍ତେ ଗତ ଅଗଷ୍ଟ ୬ ▶ପୃଷ୍ଠା-୭

## ଶୁଦ୍ଧିକ୍ରିୟାର ମାସକ ପରେ ଘରକୁ ଫେରିଲେ ଯୁବକ

### ଅଜଣା ଶବକୁ ନେଇ ପରିବାର କରିଥିଲେ ସତ୍କାର

■ ଢେଙ୍କାନାଳ/ହିନ୍ଦୋଳ, ୩୦।୮ (ସମିସ): ମାସକ ତଳେ ନିଖୋଜ ହୋଇଥିବା ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ତଥା ବାଲିମି ଥାନା ବାର୍ଷିଙ୍ଗା ଗ୍ରାମର ଜଣେ ଯୁବକ ଏବେ ଘରକୁ ଫେରିଛନ୍ତି। ସେ ହେଲେ ଗ୍ରାମର ସନାତନ ନାଏକ (୨୯)। ଅନ୍ୟପଟେ ସନାତନଙ୍କ ନିଖୋଜର କିଛିଦିନ ପରେ ରାସୋଳ ଥାନା ଅଞ୍ଚଳରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ଏହି ମୃତଦେହ ସନାତନଙ୍କର ବୋଲି ସନ୍ଦେହ କରି ପୁଲିସ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଉକ୍ତ ମୃତଦେହ ସତ୍କାର କରିବା ସହ ସନାତନଙ୍କ ଶୁଦ୍ଧିକ୍ରିୟା ମଧ୍ୟ କରିଦେଇଥିଲେ। ଏବେ ସନାତନ ଫେରିଆସିବା ପରେ



### ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ

ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସନାତନ ବିବାହିତ ହୋଇଥିବା ବେଳେ ତାଙ୍କର ସାମାନ୍ୟ ମାନସିକ ବିକୃତି ରହିଛି। ପରିବାରରେ ତାଙ୍କ ବାପା, ମାଆ ଓ ୩ ଭାଇ ଅଛନ୍ତି। ଗତ ଜୁଲାଇ ୧୭ ତାରିଖରୁ ସେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବାଲିମି ଥାନା ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଓ ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ସନାତନଙ୍କ ସନ୍ଧାନ ମିଳି ନ ଥିଲା। ତେବେ ସନାତନଙ୍କ ନିଖୋଜର ଠିକ୍ ୧୦ ଦିନ ପରେ ଜୁଲାଇ ୨୭ ତାରିଖ ରାସୋଳ ଥାନା କୁନୁଆଁ ଗାଁ ଧାନଜମିରୁ ଅଜଣା ଯୁବକଙ୍କ ଗଳିତ ମୃତଦେହ ଠାବ ହୋଇଥିଲା। ପୁଲିସ ଏହି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସନାତନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ମୃତଦେହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ତେଣୁ ▶ପୃଷ୍ଠା-୭

### 'ମନ୍ କି ବାତ୍'ରେ ଡେବ୍ରିଗଡ଼ର ମୈଥିଳୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

## ଜଙ୍ଗଲ ସଂରକ୍ଷଣ ଓ ମହିଳା ସଶକ୍ତୀକରଣର ସାଜିଛନ୍ତି ପ୍ରେରଣା

■ ସମ୍ବଲପୁର, ୩୦।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରେଡିଓ କାର୍ଯ୍ୟକ୍ରମ "ମନ୍ କି ବାତ୍'ରେ ଡେବ୍ରୀଗଡ଼ର ଆଦିବାସୀ ମହିଳା ତଥା ପରିବେଶ ସଂରକ୍ଷଣକାରୀ ମୈଥିଳୀ ଭୁଏଙ୍କ ସାହସ ଓ ପ୍ରେରଣାଦାୟୀ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂଲଗ୍ନ ଧୋଡ୍ରୋକୁସୁମ ଗ୍ରାମର ୪୦ ବର୍ଷୀୟା ମୈଥିଳୀ କିଭଳି ଜଙ୍ଗଲ ସୁରକ୍ଷା ସହିତ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି, ତାହାକୁ ପ୍ରଧାନମନ୍ତ୍ରୀ ସମଗ୍ର ଦେଶ ଆଗରେ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କିଛିବର୍ଷ ପୂର୍ବେ ମୈଥିଳୀ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ଜଙ୍ଗଲରୁ ଜାଳେଣି କାଠ,






ମହୁଲ ଫୁଲ, କେନ୍ଦୁପତ୍ର ଓ କରଡ଼ି ସଂଗ୍ରହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ। କିନ୍ତୁ ଡେବ୍ରୀଗଡ଼ ଇକୋ-ଟୁରିଜିମ ସହ ଯୋଡ଼ି ହେବାପରେ ତାଙ୍କ ଜୀବନ ଓ ଜଙ୍ଗଲ ସହିତ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଜଙ୍ଗଲ ସଂରକ୍ଷଣ ହିଁ ତାଙ୍କ ପାଇଁ ଜୀବିକାର ନୂଆ ମାଧ୍ୟମ ପାଲଟିଛି। ମୈଥିଳୀଙ୍କ ପ୍ରେରଣାରେ ଆଜି ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଜଙ୍ଗଲ ସଂରକ୍ଷଣ, ଘାସଭୂମି ବିକାଶ, ବନ୍ୟପ୍ରାଣୀ ସୁରକ୍ଷା ସ୍କ୍ୱାଡ୍ ଏବଂ ଇକୋ-ଟୁରିଜିମ କାର୍ଯ୍ୟରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରକୃତି ସୁରକ୍ଷା ସହ ଆର୍ଥିକ ଉନ୍ନତି ଯେ ଏକାଠି ସମ୍ଭବ, ତାହା ମୈଥିଳୀ ଓ ତାଙ୍କ ସହଯୋଗୀ ମହିଳାମାନେ ପ୍ରମାଣ କରି ▶ପୃଷ୍ଠା-୭

### ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆହ୍ୱାନ

## ପରିବାରକୁ ନ ପୋଷିଲେ କଟିବ ଦରମା

■ ଭୁବନେଶ୍ୱର, ୩୦।୮ (ସମିସ): କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଉ ନଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସଂପୃକ୍ତ କର୍ମଚାରୀଙ୍କ ଦରମାରୁ ସିଧାସଳଖ କାଟି ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଷଣ ଖର୍ଚ୍ଚ ପଠେଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଷପୋଷଣ ସହାୟତା ଦେଉନାହାନ୍ତି। ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ (ଆଲିମୋନି) ମଧ୍ୟ ଦେଉନାହାନ୍ତି। ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ, କୋର୍ଟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଅଛି। ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସଂପୃକ୍ତ

### ଅବହେଳିତ ପତ୍ନୀ ବା ସନ୍ତାନସନ୍ତତିଙ୍କ ଆକାଉଣ୍ଟକୁ ଯିବ ଦରମା ଟଙ୍କା

କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ▶ପୃଷ୍ଠା-୭

## ଶୁଖିଲା ଗଛ ପଡ଼ି ବାଇକ୍ ଆରୋହୀ ମୃତ

■ ଫିରିଙ୍ଗିଆ, ୩୦।୮ (ସମିସ): ଫିରିଙ୍ଗିଆ ବ୍ଲକ୍ ନୂଆପଦର ପଞ୍ଚାୟତ ବିଲୁପଦର ଛକ ନିକଟରେ ଏକ ଶୁଖିଲା ପଣସ ଗଛ ରାସ୍ତା ଉପରେ ଯାଉଥିବା ଜଣେ ବାଇକ୍ ଆରୋହୀଙ୍କ ଉପରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଆଜି ସକାଳେ ନୂଆପଦର ପଞ୍ଚାୟତ ଲତପଙ୍ଗିଆ ଗାଁର ବିପିନ କହଁର ଫିରିଙ୍ଗିଆ ପଟୁ ଏକ ବାଇକ୍ ଯୋଗେ ନିଜ ଗାଁ ଲତପଙ୍ଗିଆକୁ ଫେରୁଥିଠବା ବେଳେ ନୂଆଁପଦର ମେଡିକାଲ ଛକ ନିକଟରେ ଏହି ଅଘଟଣ ଘଟିଥିଲା। ଗଛ ବିପିନଙ୍କ ଉପରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆଁପଦର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଫିରିଙ୍ଗିଆ ଦମକଳ ବାହିନୀ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ଗଛକୁ କାଟି ସଫା କରିଥିଲେ। ଅନ୍ୟପଟେ ଘଟଣାକୁ ନେଇ ନୂଆଁ ପଦର ସରପଞ୍ଚ ଭବାନୀ ଶଙ୍କର କହଁର ଫିରିଙ୍ଗିଆ ଥାନାକୁ ଖବର ଦେଇଥିଲେ। ଫିରିଙ୍ଗିଆ ଥାନାରୁ ଏଏସ୍ଆଇ କୃଷ୍ଣଚନ୍ଦ୍ର ଗୌଡ଼ ଏବଂ ଟିମ୍ ପହଞ୍ଚି ଶବ ଜବତ କରିଥିବା ବେଳେ ▶ପୃଷ୍ଠା-୭

### ଅଶୋଧିତ ତୈଳ ମୂଲ୍ୟ କମିଲା, ପେଟ୍ରୋଲରେ ଇଥାନଲ୍ ମିଶିଲା

# ଖସୁନି ପେଟ୍ରୋଲ, ଡିଜେଲ ଦର




■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ମଧ୍ୟରେ ରୁଷ-ୟୁକ୍ରେନ ଯୁଦ୍ଧ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଥରେ କହିଛନ୍ତି ଯେ ୟୁକ୍ରେନ ସହିତ ଆଲୋଚନାର କୌଣସି ଫଳାଫଳ ମିଳୁନାହିଁ ଏବଂ ରୁଷ ଯୁଦ୍ଧକୁ ଆହୁରି ତୀବ୍ର କରିବାକୁ ପ୍ରସ୍ତୁତ ହେଉଛି। ଏହା ସତ୍ତ୍ୱେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ପୁନର୍ବାର ଆରମ୍ଭ ଆଶା ଏବଂ ଏହି ଜଳ ମାର୍ଗ ଦେଇ ଜାହାଜ ଚଳାଚଳ ନେଇ ଇରାନ-ଓମାନ ଚୁକ୍ତି ଏହାର ମୁଖ୍ୟ କାରଣ। ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୩ ଡଲାର ଯାଏ ହ୍ରାସ ଘଟିଛି। ତଥାପି, ଭାରତରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅର୍ଥାତ୍ ବିଶ୍ୱ ବଜାରରେ

### ରୁଷକୁ ୨ ମାସରେ ଯାଇଛି ୧୦ ଲକ୍ଷ ବ୍ୟାରେଲ୍ ତୈଳ

### କମ୍ପାନୀ ମାଲେମାଲ; ଖାଉଟି ହତାଶ

ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଏବଂ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସତ୍ତ୍ୱେ ଘରୋଇ ବଜାରରେ ତେଲ ଦର ଖସୁନାହିଁ। ଅପରପକ୍ଷେ ଭାରତ ରୁଷକୁ ତୈଳ ରପ୍ତାନି କରିବାରେ ବ୍ୟସ୍ତ। ପୂର୍ବରୁ ରୁଷରୁ ଭାରତ ଶସ୍ତା ତେଲ ଆମଦାନୀ ମଧ୍ୟ କରିଥିଲା। ଉଭୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟି ନ ଥିବାବେଳେ ଖାଉଟିଙ୍କୁ ବି ଏହାର କୌଣସି ଲାଭ ମିଳିନାହିଁ। ଏଥିରେ କେବଳ ଶସ୍ତା ତେଲ ଆମଦାନୀ ଏବଂ ରପ୍ତାନି କରି କର୍ପୋରେଟ୍ ସଂସ୍ଥା ମାଲେମାଲ ହୋଇଛନ୍ତି। ସେହିପରି ଇଥାନଲ୍ ବ୍ଲେଣ୍ଡିଂ ଯୋଜନାରେ କେନ୍ଦ୍ର ସରକାର ପେଟ୍ରୋଲରେ ୨୦% ପେଟ୍ରୋଲ ମିଶ୍ରଣ କରିଥିଲେ। ହେଲେ ଏହା ପରେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବଦଳିନାହିଁ।

ସମ୍ପ୍ରତି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ରହିଛି। ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୮୮.୧୭୫ ଡଲାରକୁ ହ୍ରାସ ଘଟିଥିବାବେଳେ ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୮୩.୪୪୦ ଡଲାରକୁ ହ୍ରାସ ପାଇଛି। ସେହିପରି ଏଥିରେ ▶ପୃଷ୍ଠା-୭

# ନେପାଳ ବନ୍ୟା ପରେ ଉତ୍ତରାଖଣ୍ଡ ଗ୍ଲେସିୟର୍ ଉପରେ କଡ଼ା ନଜର

ଡେରାଡୁନ୍, ୩୦।୮(ଏଜେନ୍ସି): ନେପାଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଏହାର କାରଣ ସ୍ୱରୂପ ଗ୍ଲେସିୟର୍ ଭୁଶୁଡ଼ିବା ଘଟଣା ପରେ ଭାରତର ପଡ଼ୋଶୀ ରାଜ୍ୟ ଉତ୍ତରାଖଣ୍ଡରେ ସତର୍କତା ଜାରି କରାଯାଇଛି। ଚୀନ୍ ଏବଂ ନେପାଳ ସୀମାକୁ ଲାଗି ରହିଥିବା ହିମାଳୟ ଅଞ୍ଚଳଗୁଡ଼ିକରେ ଗ୍ଲେସିୟର୍ ଏବଂ ଗ୍ଲେସିୟର ଜନିତ ହ୍ରଦଗୁଡ଼ିକ ଉପରେ ନଜର ରଖିବା ପାଇଁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ନେପାଳ-ତିବ୍ବତ ସୀମାରେ ଘଟିଥିବା ଏହି ଭୟଙ୍କର ବିପର୍ଯ୍ୟୟ ଏକ ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ଘଟିଥିବା ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍ ଜିଓଲୋଜିକାଲ୍ ସର୍ଭେ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଦୁର୍ଘଟଣାରେ ୬୨୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ବିପଦସଙ୍କୁଳ ଗ୍ଲେସିୟର୍ ହ୍ରଦଗୁଡ଼ିକ ନିକଟରେ ଅତ୍ୟାଧୁନିକ ସେନ୍ସର୍ ଏବଂ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ନିୟୋଜିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରାଖଣ୍ଡରେ ମୋଟ ୧୩ଟି ଗ୍ଲେସିୟର୍ ହ୍ରଦକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୪ଟି ହ୍ରଦର ସର୍ବେକ୍ଷଣ କାର୍ଯ୍ୟ ଶେଷ

## ସମ୍ବେଦନଶୀଳ ହ୍ରଦଗୁଡ଼ିକର ଯାଞ୍ଚ ଆରମ୍ଭ

ହୋଇଥିବା ବେଳେ ବାକି ହ୍ରଦଗୁଡ଼ିକର ବୈଜ୍ଞାନିକ ଆକଳନ ପର୍ଯ୍ୟାୟକ୍ରମେ କରାଯିବ। ଚମୋଲି ଜିଲ୍ଲାର ସରସ୍ୱତୀ ତାଳ ଏବଂ ଉତ୍ତରକାଶୀ ଜିଲ୍ଲାର କେଦାରତାଳର ସ୍ଥିତି ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଉଛି। ଜଳସ୍ତର, ଆକାରରେ ପରିବର୍ତ୍ତନ ଏବଂ ତଳ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବା ସହ ନିରାପଦ ସ୍ଥାନାନ୍ତର ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମ୍ମାନିତ କରୁଛନ୍ତି ଉଜବେକିସ୍ତାନ ରାଷ୍ଟ୍ରପତି ମିର୍ଜୋୟେଭ୍। ମୋଦୀଙ୍କୁ ଉଜବେକିସ୍ତାନର ସର୍ବୋଚ୍ଚ ବିଦେଶୀ ନେତା ସମ୍ମାନ "ଓଲି ଦରାଜାଲି ଦୋସ୍ତଲିକ୍" ପ୍ରଦାନ କରାଯାଇଛି। ମୋଦୀ ଏବେ ଉଜବେକିସ୍ତାନ ଗସ୍ତରେ ଅଛନ୍ତି।

## ଆଇଏଏସ୍ ଅଧିକାରୀ ଗିରଫ

ବେଙ୍ଗାଲୁରୁ,୩୦।୮(ଏଜେନ୍ସି): କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସ୍ସି) ପରୀକ୍ଷା ଦୁର୍ନୀତି ମାମଲାରେ ଆଇଏଏସ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଗାଙ୍ଗୱାରଙ୍କୁ ହେପାଜତକୁ ନିଆଯାଇଛି। ପଶୁ ଚିକିତ୍ସା ଅଧିକାରୀ



ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ୨୦୧୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଗାଙ୍ଗୱାରଙ୍କୁ ସିଆଇଡି ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ନୀତି ସମୟରେ ଗାଙ୍ଗୱାର କେପିଏସ୍ସିର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିଲେ। କ୍ରମାଗତ ଦୁଇ ଦିନ ଧରି ଜେରା କରାଯିବା ସତ୍ତ୍ୱେ ସେ ତଦନ୍ତରେ ସହଯୋଗ କରି ନଥିଲେ, ଯାହାଫଳରେ ପୁଲିସ ତାଙ୍କୁ ହେପାଜତକୁ ନେଇଥିଲା। ଏହି ମାମଲାରେ ପୂର୍ବରୁ ଗତ ଅଗଷ୍ଟ ୨୩ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ବେଙ୍ଗାଲୁରୁ ଏବଂ ବରେଲିସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରିଥିଲା। ବିଧାନସୌଧ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ଏହି ମାମଲାକୁ ଗତ ଜୁଲାଇ ୨୮ ତାରିଖରେ ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା।

## ଦୁର୍ଘଟଣାରେ ୩ ଭାଇଭଉଣୀଙ୍କ ମୃତ୍ୟୁ

ଫରିଦାବାଦ,୩୦।୮(ଏଜେନ୍ସି): ରାଖି ପୂର୍ଣ୍ଣିମାରେ ହରିୟାଣାର ଫରିଦାବାଦରେ ଏକ ଦ୍ରୁତଗାମୀ ଗାଡ଼ି ମାଡ଼ିଯିବାରୁ ତିନି ଜଣ ସମ୍ପର୍କୀୟ ଭାଇଭଉଣୀଙ୍କ ମୃତ୍ୟୁ ହୋଇଛି। ଚାରି ଜଣ ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିବା ପରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ଏଥିରେ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ଅନୁଯାୟୀ, ମୃତ ଅଖିଳେଶଙ୍କ ଘରେ ଚାରି ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିଥିଲେ। ପରଦିନ ସକାଳେ ଭଉଣୀମାନେ ନିଜ ଘରକୁ ଫେରିବା ପାଇଁ ବାହାରିବାରୁ ଅଖିଳେଶ ସେମାନଙ୍କୁ ବସଷ୍ଟାଣ୍ଡରେ ଛାଡ଼ିବାକୁ ଯାଇଥିଲେ। ବସଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ଏକ ଅଜଣା ଦ୍ରୁତଗାମୀ ଫର୍ଚୁନର ଗାଡ଼ି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଅଖିଳେଶ ଏବଂ ଅବଧେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେହିପରି ଦୁଇ ଭଉଣୀ ସରୋଜ ଏବଂ ରାଜକୁମାରୀ ଗୁରୁତର ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସରୋଜଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବେଳେ ରାଜକୁମାରୀ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

## ମାନସିକ ଅନଗ୍ରସର ପୁଅକୁ ହତ୍ୟା

ନୂଆଦିଲ୍ଲୀ,୩୦।୮(ଏଜେନ୍ସି): ଦିଲ୍ଲୀର କାଳିନ୍ଦୀ କୁଞ୍ଜ ଅଞ୍ଚଳରେ ମାନସିକ ଅସୁସ୍ଥ ପୁଅକୁ ହତ୍ୟା ଅଭିଯୋଗରେ ୬୪ ବର୍ଷୀୟ ବାପା ଓ ତାଙ୍କ ଜଣେ ବନ୍ଧୁଙ୍କୁ ପୁଲିସ ଗିରଫ କରିଛି। ମୃତକ ହେଲେ ୩୮ ବର୍ଷୀୟ ଗୁଲ୍ ହସନ୍। ଅଭିଯୁକ୍ତମାନେ ହେଲେ ହସନଙ୍କ ବାପା ତାଲୁକଦାର ଅନସାରୀ ଏବଂ ତାଙ୍କ ବନ୍ଧୁ ମହମ୍ମଦ ୱାସିମ୍। ପୁଲିସର ସୂଚନା ଅନୁଯାୟୀ, ଅଗଷ୍ଟ ୨୩ ତାରିଖ ସନ୍ଧ୍ୟା ବେଳେ କାଳିନ୍ଦୀ କୁଞ୍ଜରେ



ଏକ ପରିତ୍ୟକ୍ତ କଣ୍ଟେନର ଭିତରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଖବର ମିଳିଥିଲା। ମୃତକଙ୍କ ମୁଣ୍ଡରେ ଆଘାତର ଚିହ୍ନ ଥିବା ବେଳେ ନିକଟରୁ ରକ୍ତ ଲାଗିଥିବା ଏକ କଂକ୍ରିଟ୍ ପଥର ମିଳିଥିଲା। ଘଟଣାର ତଦନ୍ତ ବେଳେ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରି ମୃତକଙ୍କ ଗତିବିଧି ଉପରେ ନଜର ପକାଇଥିଲା। ଶେଷରେ ହସନ୍ ଦୁଇଜଣ ବ୍ୟକ୍ତିଙ୍କ ସହ ଘଟଣାସ୍ଥଳ ଅଭିମୁଖେ ଯାଇଥିବା ଜଣାପଡ଼ିଥିଲା। ତଦନ୍ତ ପରେ ଉଭୟ ଅଭିଯୁକ୍ତଙ୍କୁ ଏକ ସିଲେଇ କାରଖାନାରୁ ଧରାଯାଇଥିଲା। ହତ୍ୟା କଥା ସେ ସ୍ୱୀକାର କରିଛନ୍ତି। ତାଙ୍କ ପୁଅ ମାନସିକ ରୋଗରେ ପୀଡ଼ିତ ଥିଲେ ଏବଂ ତାଙ୍କ ଆକ୍ରମଣାତ୍ମକ ବ୍ୟବହାରରେ ସେ ଅତିଷ୍ଠ ହୋଇପଡ଼ିଥିଲେ।

# ବଢୁଛି ଉତ୍ତରାଖଣ୍ଡ ଶୁଦ୍ଧିକରଣ ବିବାଦ

## ଖଡ଼ଗେଙ୍କ ପ୍ରତି ଅପମାନ ପାଇଁ ବିଜେପି, ଆର୍ଏସ୍ଏସ୍‌କୁ ଘେରିଲେ ରାହୁଲ

ନୂଆଦିଲ୍ଲୀ, ୩୦।୮(ଏଜେନ୍ସି): ଉତ୍ତରାଖଣ୍ଡର ହଲଦୱାନୀରେ ଗତ ଅଗଷ୍ଟ ୮ ତାରିଖରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ରାଲି ପରେ ଦକ୍ଷିଣପନ୍ଥୀ ସଂଗଠନ ଦ୍ୱାରା କରାଯାଇଥିବା ଶୁଦ୍ଧିକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ବିଜେପି ସରକାର ଏଭଳି ଶୁଦ୍ଧିକରଣ ହୋଇଥିବା ସ୍ୱୀକାର କରୁଥିଲେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାକୁ ନେଇ କେନ୍ଦ୍ର ଓ ଉତ୍ତରାଖଣ୍ଡ ସରକାର ସମେତ ବିଜେପି ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏସ୍‌ସି/ଏସ୍‌ଟି ଆଇନ ଅନୁଯାୟୀ ଆୟୋଜକଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ଲାଗି ଦାବି କରିବା ସହିତ ସେ କହିଛନ୍ତି ଯେ ଏଭଳି ଶୁଦ୍ଧୀକରଣ କାର୍ଯ୍ୟକ୍ରମ ବିଜେପି ଓ ଆରଏସଏସର ଦଳିତ-ବିରୋଧୀ ମାନସିକତା ଦର୍ଶାଉଛି।

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଘଟଣାର ୨୦ ଦିନ ପରେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ବିଜେପି ସରକାରର ଦଳିତ ବିରୋଧୀ ମାନସିକତାକୁ ଦର୍ଶାଉଛି। ବିଜେପି-ଆରଏସଏସ ଏବେ ବି ଅସ୍ପୃଶ୍ୟତା ପରମ୍ପରା ଅନୁସରଣ କରୁଛନ୍ତି। ଦଳିତମାନଙ୍କର ଉନ୍ନତି ହେଉ ଏବଂ ସେମାନେ ସମ୍ମାନର ସହ ଜୀବନ ଯାପନ କରନ୍ତୁ, ଏହା ବିଜେପି-ଆର୍ଏସ୍ଏସ୍ ଭଳି ସଂଗଠନ ଚାହାନ୍ତି ନାହିଁ। ଶୁଦ୍ଧୀକରଣ ସପକ୍ଷରେ ଉତ୍ତରାଖଣ୍ଡ ବିଜେପି ସଭାପତି ମହେନ୍ଦ୍ର ଭଟ୍ଟ ଯୁକ୍ତି କରୁଛନ୍ତି ଏବଂ ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ନିରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ କେନ୍ଦ୍ର ଏବଂ ଉତ୍ତରାଖଣ୍ଡରେ ବିଜେପି ସରକାର ବିରୋଧରେ କଂଗ୍ରେସ ସଂଗ୍ରାମ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ସେହିଭଳି କଂଗ୍ରେସ



ସାଂସଦ ପ୍ରିୟଙ୍କା ଗାନ୍ଧୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଶୁଦ୍ଧୀକରଣ ଆୟୋଜକମାନଙ୍କ ବିରୋଧରେ ଏସସି/ଏସଟି ଆଇନ ଅନୁଯାୟୀ ଏଫଆଇଆର ଦାଖଲ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ସୁନିଶ୍ଚିତ କରନ୍ତୁ। ସେ କହିଲେ ଯେ ଘଟଣାର ୨୦ ଦିନ ପରେ ମଧ୍ୟ ପ୍ରଶାସନ ନିରବ ରହିବା ଦୁର୍ଭାଗ୍ୟଜନକ। ସମ୍ବିଧାନ ପ୍ରତି ଯଦି ପ୍ରଧାନମନ୍ତ୍ରୀଙ୍କର ସମ୍ମାନ ରହିଛି, ତାହାହେଲେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଶଶୀ ଥରୁର ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରମେଶ ଅଭିଯୋଗ କରିଛନ୍ତି ପ୍ରାୟ ସବୁ ବିଜେପି ଶାସିତ ରାଜ୍ୟରେ ଦଳିତଙ୍କ ପ୍ରତି ଏପରି ବ୍ୟବହାର କରାଯାଉଛି।


ସୂଚନାଯୋଗ୍ୟ ଯେ ନିଜେ ଖଡ଼ଗେ ଏହି ପ୍ରସଙ୍ଗ ରାଜ୍ୟସଭାରେ ଉଠାଇଥିଲେ। ଏପରି ଆପତ୍ତିଜନକ ଶୁଦ୍ଧୀକରଣ କାର୍ଯ୍ୟକ୍ରମ ହୋଇଥିବା

**"ସରକାର ମାନୁଛନ୍ତି; କିନ୍ତୁ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ? ବିଜେପି-ଆର୍ଏସ୍ଏସ୍‌ର ଦଳିତ-ବିରୋଧୀ ମାନସିକତା ଯାଉନି"**

କେନ୍ଦ୍ର ମନ୍ତ୍ରୀ ନଡ୍ଡା ସ୍ୱୀକାର କରିଥିଲେ। ତେବେ ସେ କହିଥିଲେ ଯେ ଏହା ପଛରେ ବିଜେପିର କୌଣସି ହାତ ନାହିଁ। ଯେଉଁମାନେ ଏଭଳି କାଣ୍ଡ ଘଟାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପୁଣି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏଭଳି ଶୁଦ୍ଧୀକରଣ କଥା ସ୍ୱୀକାର କରିଛନ୍ତି। କିନ୍ତୁ ଏହା ଖଡ଼ଗେଙ୍କ ପାଇଁ ନୁହେଁ ବୋଲି ସେ ଅଜବ ଯୁକ୍ତି କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ରାଲିରେ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଥିଲା। ସେଥିପାଇଁ କିଛି ଲୋକ ଶୁଦ୍ଧୀକରଣ କରିଥିଲେ। କିନ୍ତୁ ସେ ଏହାର ନିନ୍ଦା କରି ନଥିଲେ।

## ପଞ୍ଜାବରେ ଆପ୍ ନେତାଙ୍କୁ ହତ୍ୟା

ଫିରୋଜପୁର,୩୦।୮(ଏଜେନ୍ସି): ପଞ୍ଜାବର ଫିରୋଜପୁର ମାମଡୋଟ୍ ଅଞ୍ଚଳରେ ଆମ୍ ଆଦମୀ ପାର୍ଟି (ଆପ୍) ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ନେତାଜଣଙ୍କ ହେଲେ ଗୁରପ୍ରୀତ ସିଂହ ଗୋପୀ। ନିର୍ବାଚନୀ ବିବାଦକୁ କେନ୍ଦ୍ର କରି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି। ଗୁରପ୍ରୀତ ସିଂହ ଗୋପୀ ଏବଂ ହରପ୍ରୀତ



ନାମକ ଅନ୍ୟ ଜଣେ ବ୍ୟକ୍ତି ମୋଟର ସାଇକେଲରେ ଯାଉଥିବା ସମୟରେ ଏକ କାର୍‌ରେ ଆସିଥିବା କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ିକୁ ଗୋଡ଼ାଇଥିଲେ ଏବଂ ଅତର୍କିତ ଗୁଳିଚାଳନା କରିଥିଲେ। ଏହି ଗୁଳିମାଡ଼ରେ ଗୋପୀଙ୍କର ମୃତ୍ୟୁ ଘଟିଛି। ଏସଏସପି ଭୁପିନ୍ଦର ସିଂହ ସିଦ୍ଧୁଙ୍କ କହିବାନୁଯାୟୀ, ଉଭୟ ପକ୍ଷଙ୍କ ମଧ୍ୟରେ ଏକ ପୁରୁଣା ବିବାଦ ଥିଲା। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି ଏବଂ ମୁଖ୍ୟ ଅଭିଯୁକ୍ତଙ୍କର ଅପରାଧିକ ପୃଷ୍ଠଭୂମି ରହିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ।

# ନିଟ୍-ପିଜି ପରୀକ୍ଷାରେ ବି ବିଭ୍ରାଟ



- ଜୟପୁର କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ୍ ବିଭ୍ରାଟ
- ୨୪୪୫ ପରୀକ୍ଷାର୍ଥୀଙ୍କ ପାଇଁ ସେପ୍ଟେମ୍ବର ୫ରେ ପୁନଃପରୀକ୍ଷା

ନୂଆଦିଲ୍ଲୀ/ଜୟପୁର,୩୦।୮(ଏଜେନ୍ସି): ଜାତୀୟ ଆୟୁଷ ଓ ମେଡିକାଲ ପରୀକ୍ଷା ବୋର୍ଡ ପକ୍ଷରୁ ନିଟ୍ ପିଜି ପରୀକ୍ଷା ପୁନଃ ଅନୁଷ୍ଠିତ ହେବ ବୋଲି ଘୋଷଣା କରାହୋଇଛି। ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍ ସରବାରାହ ବାଧାପ୍ରାପ୍ତ ହେବା ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଅନେକ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରି ନଥିଲେ। ବୋର୍ଡର ସୂଚନା ଅନୁଯାୟୀ, ଦେଶବ୍ୟାପୀ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ସମଗ୍ର ଦେଶରେ ଅନେକ ସହରର ହଜାର ହଜାର କେନ୍ଦ୍ରରେ ପରୀକ୍ଷା ସଫଳତାର ସହ ଶେଷ ହୋଇଥିଲା। ତେବେ ରାଜସ୍ଥାନର ଜୟପୁର ସ୍ଥିତ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆଭ୍ୟନ୍ତରୀଣ ବିଦ୍ୟୁତ୍ ସରବାରାହରେ ଅସୁବିଧା ଏବଂ ବୈଷୟିକ ତ୍ରୁଟି କାରଣରୁ ମୋଟ ୨,୪୪୫ ଜଣ ପରୀକ୍ଷାର୍ଥୀ ସେମାନଙ୍କର ପରୀକ୍ଷା ସମ୍ପୂର୍ଣ୍ଣ କରିପାରି ନଥିଲେ। ଏହି କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ ବିଭ୍ରାଟ ଦେଖାଯାଇଥିଲା। ଏହାସହିତ ଯାନ୍ତ୍ରିକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ଏହି ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁଁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରଭାବିତ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କୁ ପରୀକ୍ଷା ଦେବାର ସମାନ ସୁଯୋଗ ଦେବା ପାଇଁ ବୋର୍ଡ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୫ରେ ଜୟପୁରରେ ପୁନଃ ପରୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା କେନ୍ଦ୍ର ଏବଂ ଅନ୍ୟାନ୍ୟ ଜରୁରୀ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜଣାଇ ଦିଆଯିବ।

## ତାମିଲନାଡୁ ଏକ୍ସପ୍ରେସ୍‌ରେ ଓଡ଼ିଶା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଦମ୍ପତି ଗିରଫ

ଚେନ୍ନାଇ,୩୦।୮(ଏଜେନ୍ସି): ଚେନ୍ନାଇରୁ ତାମିଲନାଡୁ ଏକ୍ସପ୍ରେସରେ ଏକ ସୁଟକେସ୍ ଭିତରୁ ଜଣେ ଓଡ଼ିଶା ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ଘଟଣାରେ ପୁଲିସ ବଡ଼ ସଫଳତା ପାଇଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ମଣିପୁରରୁ ଗିରଫ କରାଯାଇଛି। ଗତ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ ଆଗ୍ରା ଷ୍ଟେସନରେ ପହଞ୍ଚିବା ପରେ ଏକ ବଗିରୁ ଏକାନ୍ତରେ ପଡ଼ିଥିବା ଏକ ଲାଲ ରଙ୍ଗର ସୁଟକେସରୁ ଦୁର୍ଗନ୍ଧ ବାହାରିବାରୁ ଏହି ଭୟଙ୍କର ଅପରାଧ ସାମ୍ନାକୁ ଆସିଥିଲା। ପୁଲିସ ତଦନ୍ତରୁ ମୃତକ ଜଣକ ଓଡ଼ିଶାର ହାୟାଥୁନ୍ ନିଶା ବୋଲି ଜଣାପଡ଼ିଥିଲା। ସିସିଟିଭି ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ଚେନ୍ନାଇର ଗୁଡୁଭାଞ୍ଚେରୀସ୍ଥିତ ଏକ ଭଡ଼ାଘରେ ଚଢ଼ଉ କରିଥିଲା, ଯେଉଁଠାରୁ ଏକ ବଡ଼ ରନ୍ଧାପାତ୍ର ଭିତରୁ ଆଉ କିଛି କଟା ଶରୀର ଅଂଶ ଜବତ କରାଯାଇଥିଲା। ଆସାମର ମାଣିକ୍ ଉଦ୍ଦିନ୍ ଲସ୍କର ଏବଂ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଭାଗବତୀ ମାଝୀ ନାମକ ଦମ୍ପତି ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ଘଟଣା ପରେ ସେମାନେ ଫେରାର ହୋଇଯାଇଥିବା ବେଳେ ତାମିଲନାଡୁ ଏବଂ ମଣିପୁର ପୁଲିସର ମିଳିତ ଟିମ୍ ଅଗଷ୍ଟ ୨୯ ତାରିଖରେ ମଣିପୁରର ଜିରିବାମ୍ ଜିଲ୍ଲାରୁ ସେମାନଙ୍କୁ କାବୁ କରିଛି।

### ନେପାଳରେ ବନ୍ୟା ପ୍ରଳୟ

## ଶିକ୍ଷକଙ୍କ ଯୋଗୁଁ ବର୍ତ୍ତିଗଲେ ୧୬୪୩ ଶିଶୁ

କାଠମାଣ୍ଡୁ,୩୦।୮(ଏଜେନ୍ସି): ନେପାଳର ତ୍ରିଶୂଳୀ ଉପତ୍ୟକାରେ ଘଟିଥିବା ଏକ ଭୟଙ୍କର ବନ୍ୟା ସମୟରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବିଦ୍ୟାଳୟର ୧୬୪୩ ଜଣ ପିଲାଙ୍କ ଜୀବନ ରକ୍ଷା ପାଇଯାଇଛି। ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରଳୟରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ଘଟଣା ଅନୁଯାୟୀ, ଗତ ବୁଧବାର ସକାଳେ ଏକ ବନ୍ଧୁଙ୍କଠାରୁ ଫୋନ୍ ପାଇବା ପରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର



ଦାୱାଦୀ ଜାଣିବାକୁ ପାଇଥିଲେ ଯେ ବନ୍ୟାଜଳ ଦ୍ରୁତ ଗତିରେ ବିଦ୍ୟାଳୟ ଆଡ଼କୁ ମାଡ଼ିଆସୁଛି। ସେ ମାତ୍ର କିଛି ମିନିଟ୍ ମଧ୍ୟରେ ବିଦ୍ୟାଳୟର ଘଣ୍ଟ ବଜାଇ ସମସ୍ତ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଉପର ଅଞ୍ଚଳକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନେ ଦୌଡ଼ି ପଳାଇ ଏକ ଗଛତଳେ ଆଶ୍ରୟ ନେଇଥିଲେ, ଯାହାଫଳରେ ସେମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ସ୍କୁଲର ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ଏବଂ ଜଣେ ପରିଚାଳକ ପ୍ରାଣ ହରାଇଥିବା ବେଳେ ସମଗ୍ର ଅଞ୍ଚଳରେ ବ୍ୟାପକକ୍ଷତି ହୋଇଛି। ପ୍ରଧାନଶିକ୍ଷକଙ୍କ ଏହି ସାହସିକତା ଓ ବୁଦ୍ଧିମତ୍ତାକୁ ସର୍ବତ୍ର ପ୍ରଶଂସା କରାଯାଉଛି।

## ୧୮,୬୦୦ ଫୁଟ୍ ଉଚ୍ଚତାରେ ଭାରତୀୟ ସେନାର ଉଦ୍ଧାର କାର୍ଯ୍ୟ


ଲଦାଖ,୩୦।୮(ଏଜେନ୍ସି): ଲଦାଖର କାର୍ଗିଲ ଅଞ୍ଚଳରେ ଅବସ୍ଥିତ ନ୍ୟୁନ୍-କୁନ୍ ପର୍ବତରେ ଭାରତୀୟ ସେନାର ବୀର ପାଇଲଟମାନେ ଏକ ଅତ୍ୟନ୍ତ ଜଟିଳ ଏବଂ ସାହସିକ ଉଦ୍ଧାର ଅଭିଯାନ ସଫଳତାର ସହ ସମ୍ପାଦନ କରିଛନ୍ତି। ପ୍ରାୟ ୧୮,୬୦୦ ଫୁଟ୍ ଅଧିକ ଉଚ୍ଚତାରେ, ପ୍ରବଳ ପବନ ଏବଂ କଠିନ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜଣେ ରୋଗୀଙ୍କୁ ସୁରକ୍ଷିତ ଭାବେ ଏୟାରଲିଫ୍ଟ କରାଯାଇଛି। ଘଟଣା ଅନୁଯାୟୀ, ସେହି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ହେଲିକାପ୍ଟର ଅବତରଣ କରିବା ପାଇଁ କୌଣସି ସମତଳ ସ୍ଥାନ ନଥିଲା। ଏପରି ସ୍ଥିତିରେ ପାଇଲଟମାନେ ଦକ୍ଷତା ପ୍ରଦର୍ଶନ କରି ହେଲିକାପ୍ଟରର ଗୋଟିଏ ମାତ୍ର ଧାରକୁ ପାହାଡ଼ର ଢାଲୁ ଅଞ୍ଚଳରେ ଟେକି ରଖିଥିଲେ ଏବଂ ସନ୍ତୁଳନ ରକ୍ଷା କରି ରୋଗୀଙ୍କୁ ଉଦ୍ଧାର କରିଥିଲେ। ଅତ୍ୟଧିକ ଉଚ୍ଚତା ଏବଂ କମ ବାୟୁଚାପ ଯୋଗୁଁ ହେଲିକାପ୍ଟରର ଓଜନ ହ୍ରାସ କରିବା ପାଇଁ ସମସ୍ତ ଅଦରକାରୀ

**ପ୍ରବଳ ପବନ ଓ ଦୁର୍ଗମ ପାହାଡ଼ରୁ ରୋଗୀଙ୍କୁ ଏୟାରଲିଫ୍ଟ**

ସରଞ୍ଜାମ ହଟାଇ ଦିଆଯାଇଥିଲା ଏବଂ କେବଳ ଆବଶ୍ୟକୀୟ ଇନ୍ଧନ ରଖାଯାଇଥିଲା। ସେନାର ଏହି ସାହସିକତା ଏବଂ ତ୍ୱରିତ ପଦକ୍ଷେପ ଯୋଗୁଁ ରୋଗୀଙ୍କୁ ସଠିକ୍ ସମୟରେ ଉଦ୍ଧାର କରାଯାଇପାରିଛି। ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଏଭଳି ଏକତରଫା ବା 'ୱାନ୍-ସ୍କିଡ୍' ଅବତରଣ କୌଶଳ ଆପଣାଇ ଭାରତୀୟ ସେନା ପୁଣିଥରେ ପ୍ରମାଣ କରିଛି ଯେ ସେମାନେ ଦେଶବାସୀଙ୍କ ଜୀବନ ରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ରହିଛନ୍ତି।

# ଆମେରିକାରେ 'ବିବିଧତା ମଧ୍ୟରେ ଏକତା' ପାଠ ପଢ଼ାଇଲେ ଭାଗବତ

ନ୍ୟୁୟର୍କ,୩୦।୮(ଏଜେନ୍ସି): ବିବିଧତା ମଧ୍ୟରେ ଏକତା ଭାରତର ଡିଏନ୍ଏରେ ରହିଛି ଏବଂ ଏହାକୁ ସୁରକ୍ଷିତ ରଖିବା ଆବଶ୍ୟକ। ଯଦି କୌଣସି ହିନ୍ଦୁ ଭାବନ୍ତି ଯେ ଭାରତରେ କୌଣସି ମୁସଲମାନ ରହିବା ଉଚିତ ନୁହେଁ, ତେବେ ସେ ପ୍ରକୃତ ହିନ୍ଦୁ ନୁହନ୍ତି। ଆମେରିକାର ନ୍ୟୁୟର୍କରେ ଆ।।ୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଏଭଳି ପାଠ ପଢ଼ାଇଛନ୍ତି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍) ମୁଖ୍ୟ ମୋହନ ଭାଗବତ। ଆମେରିକାରେ ୟୁନିଭର୍ସାଲ ୱାନନେସ୍ ଉତ୍ସବରେ ସାମିଲ ହୋଇ ସେ ବିବେକାନନ୍ଦଙ୍କ ବକ୍ତବ୍ୟକୁ ଦୋହରାଇଛନ୍ତି। ଏହି ଅବସରରେ ଭାଗବତ କହିଛନ୍ତି ଯେ ଯେଉଁମାନେ ମୁସଲମାନଙ୍କୁ ବିରୋଧ କରୁଛନ୍ତି, ସେମାନେ



ହିନ୍ଦୁ ନୁହନ୍ତି। ମୁସଲମାନଙ୍କୁ ଦେଶରୁ ବାହାର କରିବା ଚିନ୍ତା କରିବା ବାସ୍ତବ ହିନ୍ଦୁତ୍ୱ ନୁହେଁ। ଭାରତରେ


- ଯେଉଁମାନେ ମୁସଲ୍‌ମାନ୍‌ଙ୍କୁ ବିରୋଧ କରନ୍ତି; ସେମାନେ ହିନ୍ଦୁ ନୁହନ୍ତି
- ବିଦେଶରେ ଜ୍ଞାନବାଣୀ, ଦେଶରେ ନିରବତା କାହିଁକି: କପିଲ ସିବଲ୍

ସାଂପ୍ରଦାୟିକ ଘୃଣାର ପରିବେଶ ମଧ୍ୟରେ ଭାଗବତଙ୍କ ଏହି ବୟାନ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି।

୧୯୯୬ ମସିହାରେ ହରିୟାଣାରେ ଘଟିଥିବା ବିମାନ ଦୁର୍ଘଟଣାର ଉଦାହରଣ ଦେଇ ଭାଗବତ କହିଲେ ଯେ ଏହି ସମୟରେ ଆରଏସଏସ ସ୍ୱୟଂସେବକଙ୍କ ଦ୍ୱାରା ଜାତି-ଧର୍ମ ନିର୍ବିଶେଷରେ ସହାୟତା କରାଯାଇଥିଲା। ଉକ୍ତ ବିମାନର ଅଧିକାଂଶ ଯାତ୍ରୀ ମୁସଲମାନ ହୋଇଥିବା ସତ୍ତ୍ୱେ ଆର୍ଏସ୍ଏସ୍ ସେମାନଙ୍କ ସହ ଭେଦଭାବ ନକରି ସେବା ଯୋଗାଇଥିଲା ବୋଲି କହିଥିଲେ।

ତେବେ ଆମେରିକାରେ ଭାଗବତଙ୍କ ଏହି ବୟାନ ଉପରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ସିବଲ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରବିବାର ସେ ସମାଜିକ ଗଣମାଧ୍ୟମ 'ଏକ୍ସ'ରେ ଆରଏସଏସ ମୁଖ୍ୟଙ୍କୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ କେବଳ ଆଦର୍ଶର କଥା କହିଲେ କିଛି ହେବ ନାହିଁ, କାର୍ଯ୍ୟରେ ତାହା ପ୍ରତିଫଳିତ ହେବା ଉଚିତ। ଭାଗବତଙ୍କ ଏହି ମନ୍ତବ୍ୟକୁ ସେ "ବିଦେଶରେ ଜ୍ଞାନବାଣୀ ଏବଂ ନିଜ ଦେଶରେ ନୀରବତା' ବୋଲି ଆଖ୍ୟା ଦେଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିଦେଶରେ ସଦ୍‌ଭାବନାର ବଡ଼ ବଡ଼ କଥା କହୁଥିବା ସଂଗଠନ ନିଜ ଦେଶରେ ଘଟୁଥିବା ଘଟଣାଗୁଡ଼ିକ ଉପରେ ଚୁପ ରହୁଛି କାହିଁକି? ଭାରତରେ ମଧ୍ୟ ଏହା ପ୍ରତିଫଳିତ ହେବା ଉଚିତ। ପୂର୍ବରୁ ମଧ୍ୟ ଭାଗବତଙ୍କ ଆମେରିକା ଗସ୍ତ ନେଇ ବିବାଦ ଉଠିଥିଲା। ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ଏବଂ ମୁସଲିମ ମେୟର ଜୋହରାନ ମମଦାନୀ ମୋହନଙ୍କ ଆମେରିକା ଗସ୍ତକୁ ବିରୋଧ କରିଛନ୍ତି। ସେ ଭାଗବତଙ୍କୁ ବିଜେପିର ଆଦର୍ଶଗତ ଉତ୍ସ, ଆରଏସଏସକୁ ଏକ ସାମ୍ପ୍ରଦାୟିକ ସଂଗଠନ ବୋଲି ସମାଲୋଚନା କରିଛନ୍ତି।

# କର୍ଣ୍ଣାଟକ ସ୍କିଲ୍ ଡେଭେଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ହେଲେ ସୁବ୍ରତୋ ବାଗ୍‌ଚୀ



ଭୁବନେଶ୍ୱର, ୩୦।୮ (ସମିସ): କର୍ଣ୍ଣାଟକର ସ୍କିଲ୍ ଡେଭଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ପୂର୍ବତନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ନିଯୁକ୍ତ ହୋଇଛନ୍ତି। ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଶିଳ୍ପ ଉପଯୋଗୀ ଓ ଭବିଷ୍ୟତମୁଖୀ କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ "ଭିଜନ୍ ଗ୍ରୁପ୍ ଫର୍ ସ୍କିଲ୍ ଡେଭଲପମେଣ୍ଟ' ଗଠନ କରିବା ପରେ କର୍ଣ୍ଣାଟକ ସରକାର ଏହି ନୂତନ ନିଯୁକ୍ତି ଦେଇଛନ୍ତି।

ରାଜ୍ୟର ସମସ୍ତ ଅଞ୍ଚଳ, ବିଭିନ୍ନ କ୍ଷେତ୍ର ଓ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଏକ ପ୍ରତିଯୋଗିତାମୂଳକ ବାତାବରଣ ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଏଥିପାଇଁ କର୍ଣ୍ଣାଟକ ସରକାର ଦକ୍ଷତା ବିକାଶ ପଲିସି ୨୦୨୫-୩୨ ଧାର୍ଯ୍ୟ କରିଛନ୍ତି। ଏହି ଭିଜନ୍ ଗ୍ରୁପ୍‌ରେ ଶିଳ୍ପ, ଶିକ୍ଷା, ସିଭିଲ୍ ସୋସାଇଟି ଓ ସରକାରୀ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତି ଏବଂ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ବିଭିନ୍ନ କ୍ଷେତ୍ରର ଅଭିଜ୍ଞତାକୁ ଏକାଠି କରି ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାରେ ଥିବା ଅଭାବ ଓ ସମସ୍ୟା ଚିହ୍ନଟ କରିବା ସହ ଏହାର ସମାଧାନ ପାଇଁ ଏହି ଗ୍ରୁପ୍ ସୁପାରିସ କରିବ। ବଦଳୁଥିବା ଶିଳ୍ପ ଆବଶ୍ୟକତା, ନୂଆ ପ୍ରଯୁକ୍ତି, ରୋଜଗାରର ନୂଆ ସୁଯୋଗ ଏବଂ ଭବିଷ୍ୟତରେ ଆବଶ୍ୟକ ହେବାକୁ ଥିବା ଦକ୍ଷତା ଉପରେ ମଧ୍ୟ ଭିଜନ୍ ଗ୍ରୁପ୍ ପରାମର୍ଶ ଦେବ। ଏହା ସହିତ ରାଜ୍ୟର ସ୍କିଲିଂ ଇକୋସିଷ୍ଟମ୍‌ରେ ଥିବା ଖାଲି ସ୍ଥାନଗୁଡ଼ିକୁ ଚିହ୍ନଟ କରି ଆବଶ୍ୟକ ହସ୍ତକ୍ଷେପ ପାଇଁ ସୁପାରିସ କରିବ। ରାଜ୍ୟ ସ୍କିଲ୍ ପଲିସିର କାର୍ଯ୍ୟକାରିତାକୁ ଦିଗ୍‌ଦର୍ଶନ ଦେବା ମଧ୍ୟ ଏହି ଗ୍ରୁପ୍‌ର ଏକ ପ୍ରମୁଖ ଦାୟିତ୍ୱ ରହିବ। ସୁବ୍ରତୋ ବାଗ୍‌ଚୀଙ୍କ ଦୀର୍ଘ ଶିଳ୍ପ ଓ ଦକ୍ଷତା ବିକାଶ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯିବା ବିଶେଷ ଗୁରୁତ୍ୱ ବହନ କରୁଛି। ଓଡ଼ିଶାରେ ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ନେତୃତ୍ୱ ନେଇଥିବା ବାଗ୍‌ଚୀ ଦକ୍ଷତା ବିକାଶ କ୍ଷେତ୍ରରେ ଶିଳ୍ପ ଓ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ଗୁରୁତ୍ୱ ଦେଇଆସିଛନ୍ତି। କର୍ଣ୍ଣାଟକର ନୂଆ ଭିଜନ୍ ଗ୍ରୁପ୍ ତାଙ୍କ ଅଭିଜ୍ଞତାରୁ ଲାଭ ଉଠାଇ ରାଜ୍ୟର ସ୍କିଲିଂ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବ ବୋଲି ଆଶା କରାଯାଉଛି।

# ଆଜି ରତ୍ନ ଅଳଙ୍କାର ଗଣତି

ପୁରୀ,୩୦।୮ (ସମିସ): କିଛିଦିନର ବ୍ୟବଧାନ ପରେ ପୁଣି ଆରମ୍ଭ ହେବାକୁ ଯାଉଛି ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀ। ସୋମବାର ଓ ମଙ୍ଗଳବାର ଏହି ଗଣତି କରାଯିବ। ଏ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଗତ ୨୨ ତାରିଖରେ ଏ ସମ୍ପର୍କରେ ସୂଚନା ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସେ କହିଥିଲେ, ଆଗକୁ ଆସୁଥିବା ବିଭିନ୍ନ ପର୍ବପର୍ବାଣିକୁ ଦୃଷ୍ଟିରେ ରଖି ତଥା କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ ଏହି ତାରିଖ ନିର୍ଦ୍ଧାରଣ କରାଯାଇଛି। ଏହି ଗଣତି ପ୍ରକ୍ରିୟା ସମୟରେ ଭକ୍ତମାନଙ୍କ ଦର୍ଶନ ଏବଂ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତି ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସ୍‌ଓପି ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପନ୍ନ ହେବ। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ସମସ୍ତ ନିୟମାବଳୀ ଓ ପ୍ରୋଟୋକଲକୁ କଡ଼ାକଡ଼ି ଭାବେ ପାଳନ କରାଯିବ। ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରଖାଯିବ। ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ନିମନ୍ତେ ପ୍ରବେଶ କରିପାରିବେ। ମାତ୍ର ସୁରକ୍ଷା ଦୃଷ୍ଟିକୋଣରୁ ସର୍ବସାଧାରଣଙ୍କ ନିମନ୍ତେ ଦର୍ଶନ ବ୍ୟବସ୍ଥା ଭିତରକାଠ ନିକଟରୁ ବନ୍ଦ ରଖାଯାଇ କେବଳ ବାହାର କାଠରୁ ହିଁ ହେବ। ଗଣତି ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ମନ୍ଦିର ପ୍ରଶାସନ ସମସ୍ତ ସେବାୟତ ତଥା ଶ୍ରଦ୍ଧାଳୁଙ୍କ ପୂର୍ଣ୍ଣ ସହଯୋଗ କାମନା କରିଛି।

# ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ: ରାଜ୍ୟ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ବିଜେପିର ସୁରକ୍ଷା

ନୟାଗଡ଼,୩୦।୮ (ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ଏମ୍‌ଏମ୍‌ଡିଆର୍ ତଥା ଖଣି ନୀତିକୁ ନେଇ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ୧୦ ପ୍ରଶ୍ନ ପଚାରିଛନ୍ତି। ୨୦୨୨ ମସିହା ଫେବୃୟାରୀ ୨୨ ତାରିଖରେ

## ୧୦ ପ୍ରଶ୍ନର ଜବାବ୍ ମାଗିଲେ ଅରୁଣ

ଓଡ଼ିଶାର ଖଣି ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରିଭୂରି ପ୍ରଶଂସା କରିଥିଲେ। ନିଲାମରୁ ଯେତିକି ରାଜସ୍ୱ ଆସୁଛି ଓଡ଼ିଶା ସବୁଠାରୁ ଅଧିକ, ଖଣି ସଂସ୍କାର କରିବାରେ ସାରା ଭାରତ ବର୍ଷରେ ଓଡ଼ିଶା ସବୁଠାରୁ ଅଗ୍ରଣୀ ରାଜ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏବେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ଓଡ଼ିଶାରେ ହଟଚମଟ ଚାଲିଛି, ତର୍କ ବିତର୍କ ଚାଲିଛି। ଏତର୍କ ବିତର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧି ଦଳ ନେତା ଏକ ଚିଠି ଲେଖିଥିଲେ। ତୁରନ୍ତ ବିଧାନସଭା ଡକାଅ ଓ ଆଲୋଚନା କର। ସେ ଉତ୍ତର ଦେଲେ ନାହିଁ। ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ବୟାନ ଦେଲେ। ତା ତରଫରୁ ଯଥାର୍ଥ ଉତ୍ତର ଦିଆଯାଇଥିଲା। ପୁଣି ନବୀନ ବାବୁ ଏକ ଚିଠି ଲେଖି ରାଜ୍ୟରେ ବିଜେପି ଦଳର ରହିଥିବା ୨୦ ଜଣ ଏମ୍‌ପି ଚୁପ ନରହି ବିବେକାନୁଦିତ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି। ଯଦି ସେମାନେ ଚୁପ ରହିବେ, ଇତିହାସ ପାଇଁ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଚୁପ୍ ନରହି କେନ୍ଦ୍ର ସରକାରଙ୍କ ନିକଟରେ ସେମାନେ ଦାବି କରନ୍ତୁ। ପୁଣିଥରେ ଧର୍ମେନ୍ଦ୍ର ପ୍ରଧାନ ନବୀନ ବାବୁଙ୍କୁ ଏକ ଚିଠି ଲେଖିଛନ୍ତି, ଯାହା ରାଜ୍ୟ ସ୍ୱାର୍ଥକୁ ସୁରକ୍ଷା ଦେବା ବଦଳରେ ଭାରତୀୟ ଜନତା ପାର୍ଟି ସ୍ୱାର୍ଥକୁ ସୁରକ୍ଷା ଦେଉଛି। ସୋସିଆଲ ମିଡିଆରେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ରାଜ୍ୟ ବାସୀଙ୍କ କମେଣ୍ଟ ଗୁଡ଼ିକ ପଢ଼ିବା ନିହାତି ଆବଶ୍ୟକ ବୋଲି କହିଛନ୍ତି। ସଂଘୀୟ ବ୍ୟବସ୍ଥା ଅନୁସାରେ, ରାଜ୍ୟ ସହିତ ଆଲୋଚନା କରି ବିଲ୍ ଉପସ୍ଥାପନ କରାଯିବା କଥା। କେନ୍ଦ୍ର ସରକାର ରାଜ୍ୟ ସହିତ ଆଲୋଚନା କରି ନାହାନ୍ତି। ୯ ଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ, ବକେୟା ରାଜସ୍ୱ ଆଦାୟ ହୋଇଥିଲେ ଡବଲ ଇଞ୍ଜିନ ସରକାର ବାହାବା ନେଇଥାନ୍ତା। ଓଡ଼ିଶା ସରକାରଙ୍କ ପାଖରେ ଅର୍ଥ ଅଭାବ ପାଇଁ ଚାରି ଚାରି ମାସର ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇପାରୁନାହିଁ। ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ନିଯୁକ୍ତି ଦେଇ ପାରୁନାହାନ୍ତି। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ହାହାକାର ଦେଖାଦେଇଛି। ଋଣଭାର ଆଶାତୀତ ଭାବେ ବୃଦ୍ଧି ପାଉଛି। ୨୦୧୪-୧୫ରେ ଖଣି ସଂଶୋଧନ ବିଲ୍ ଆଣିବା ପରେ ଓଡ଼ିଶାରେ ୫ ହଜାର କୋଟି ରାଜସ୍ୱ ବୃଦ୍ଧି ପାଇଁ ୫୦ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ସରକାରୀ ଦଳ କହୁଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏହା ଉପରେ ଏକ ତଥ୍ୟ ଉପସ୍ଥାପନ କରିଛନ୍ତି। ଝାଡ଼ଖଣ୍ଡରେ ୨୦୧୪-୧୫ ମସିହାରେ ୩ ହଜାର କୋଟିରୁ ୨୦୨୩-୨୪କୁ ୬



ହଜାର କୋଟି ଛୁଇଁଥିଲା। ୨୦୧୪-୧୫ରେ ଛତିଶଗଡ଼ ସରକାର ୩ ହଜାର ୫ ଶହ କୋଟିରୁ ବଢ଼ି ୧୩ ହଜାର କୋଟି ହୋଇଛି। ମହାରାଷ୍ଟ୍ରରେ ୧୯୦୦ କୋଟିରୁ ବଢ଼ି ୬୯୦୦ କୋଟି ଛୁଇଁଛି। ଗୁଜୁରାଟରେ ୨୦୧୪-୧୫ରେ ୪ହଜାର ୨୦ କୋଟି ଟଙ୍କା ରାଜସ୍ୱ ଆସୁଥିଲା। ୨୦୨୩-୨୪ରେ ୫ ହଜାର ୮ ଶହ ଟଙ୍କା ଛୁଇଁଥିଲା। ଗୁଜୁରାଟ୍ ମଡେଲ୍ ସରକାର ରାଜସ୍ୱ ଆଦାୟ କ୍ଷେତ୍ରରେ ଆଗେଇଲେ ନାହିଁ କାହିଁକି। ଯେଉଁ ରାଜ୍ୟ ଖଣି କ୍ଷେତ୍ରରେ ସଂସ୍କାର ଆଣି ପାରିଥିଲେ, କେବଳ ସେଠି ରାଜସ୍ୱ ଅବିବୃଦ୍ଧି ଘଟିଥିଲା। ଓଡ଼ିଶା ତାହାର ଉଦାହରଣ ବୋଲି ନୟାଗଡ଼ ବିଧାୟକ କହିଛନ୍ତି। ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗକୁ ନେଇ ବିଧାୟକ ଅରୁଣ ୧୦ଟି ପ୍ରଶ୍ନ ପଚାରିଛନ୍ତି। ରାଜ୍ୟର ଲୋକସଭାରେ ୨୦ ଏମ୍‌ପି, ରାଜ୍ୟ ସଭାରେ ୫ ଏମ୍‌ପି କାହିଁକି ପାଟି ଖୋଲୁ ନାହାନ୍ତି। ଏମ୍‌ଏମଡିଆର୍ ବିଲ୍ କାହିଁକି ଆଲୋଚନା ନହୋଇ ୫ ମିନିଟ୍‌ରେ ପାସ କାହିଁକି ହେଲା। ତରବରିଆ ଭାବେ ଏହି ବିଲ୍ ପାସ୍ କରାଗଲା। କେଉଁ ଖଣିପତି, ଆରବପତି, କେଉଁ ବେପାରୀଙ୍କ ପାଇଁ ଏହା କରଗଲା। ଏହା କେଉଁ ଗଣତାନ୍ତ୍ରିତ ବିଧି ବ୍ୟବସ୍ଥା। ଓଡ଼ିଶା ୯୦ ପ୍ରତିଶତ ପାଇବା କଥା ବିଲ୍‌ର କେଉଁଠି ଲେଖାଯାଇଛି। ଓଡ଼ିଶାର ଖଣି ନୀତିକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଥିବା ବେଳେ ରାଜ୍ୟ ଇଞ୍ଜିନ କାହିଁକି ବିରୋଧ କରୁଛି। ବିଜେପି ପାର୍ଟିକୁ ଚାନ୍ଦା ଆସିବା ପାଇଁ ତରବରିଆ ବିଲ୍ ପାସ୍ କରାଯିବା, ପାର୍ଟିର ସ୍ୱାର୍ଥ ନାଁ ମାଟିର ସ୍ୱାର୍ଥ। ଜମିର ମାଲିକ ରାଜ୍ୟ ସରକାର ହୋଇଥିବା ବେଳେ ଖଣି ଓ ଖଣିଜ ଜମି ଗୁଡ଼ିକୁ କେନ୍ଦ୍ର ସରକାର ନିଜ ନାଁକୁ ନେଇ ଯିବା ପଛରେ କଣ ଉଦ୍ଦେଶ୍ୟ ରହିଛି। ରାଜ୍ୟ ସରକାର ଟିକସ ଆଦାୟ କରି କେନ୍ଦ୍ରକୁ ଦିଆଯିବା କଥା, ଏଥିରେ ତଥା ଖଣି ଖାଦାନାରେ କାହିଁକି କେନ୍ଦ୍ର ଟିକସ ଆଦାୟ କରି ରାଜ୍ୟକୁ ଦେବେ ବୋଲି ଆମେ ପ୍ରଶ୍ନ ରଖୁଛି। ବିଲକୁ ସାର୍ବଜନୀନ କର, କେତୋଟି ଖଣି ଅଛି, କେଉଁ ଖଣି କିଏ ନେଇଛନ୍ତି, ଖଣିପତିମାନେ କେତେ ଉତ୍ତୋଳନ କରିଛନ୍ତି। ଖଣି ଖୋଳିକୁ କେତେ ଖୋଳ କରିଛନ୍ତି, ତାହା ସାର୍ବଜନୀନ କର ବୋଲି କହିଛନ୍ତି।

# ପୁଲିସକୁ ବାନ୍ଧିଲା ପୁଲିସ: ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ; ଏସ୍‌ଆଇ ସ୍ୱାମୀ ଗିରଫ



ଭଦ୍ରକ,୩୦।୮ (ସମିସ): ପୁଲିସକୁ ଗିରଫ କରିଛି ପୁଲିସ। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଟାଉନ୍ ଥାନାରେ। ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଗିରଫ ହୋଇଛନ୍ତି ଟାଉନ୍ ଥାନା ପୁଲିସ ଏସ୍‌ଆଇ (ସବ୍‌ଇନ୍ସପେକ୍ଟର) ଗଣନାଥ ସେଠୀ।

ସୂଚନାନୁଯାୟୀ, ଭଦ୍ରକ ଟାଉନ ଥାନା ସବ୍ ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ସ୍ତ୍ରୀ ମୋନାଲିସା ଦେବୀଙ୍କ ଅଭିଯୋଗ କ୍ରମେ ଟାଉନ ପୁଲିସ ଏକ ମାମଲା ନଂ ୫୩୦/୨୬ ରୁଜୁ କରିବା ସହ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ବର୍ଷେ ତଳେ ବିବାହ ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ବିବାହର କିଛି ଦିନ ପରେ

**ବର୍ଷେ ତଳେ ହୋଇଥିଲା ବିବାହ**

ସ୍ୱାମୀ ଗଣନାଥ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମୋନାଲିସା ଅଭିଯୋଗ କରିଥିଲେ। ଟାଉନ ପୁଲିସ ଘଟଣାରେ ଏକ ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରି ସବ୍‌ଇନ୍ସପେକ୍ଟର ଗଣନାଥଙ୍କୁ ଗିରଫ କରିଛି ବୋଲି ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଧର୍ମେନ୍ଦ୍ର ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ: କଂଗ୍ରେସ

■ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିରବତାକୁ ନେଇ ପ୍ରଶ୍ନ
■ ବିଲ୍ ଉପରେ ଆଲୋଚନା ପାଇଁ ଆହ୍ୱାନ କଲା କଂଗ୍ରେସ



ଭୁବନେଶ୍ୱର,୩୦।୮ (ସମିସ): ଏମଏମଡିଆର ସଂଶୋଧନ ଆଇନକୁ ନେଇ ମୁଖ୍ୟମନ୍ତ୍ରୀ ନିରବ ଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ଜନତାଙ୍କୁ ବିଭ୍ରାନ୍ତ କରୁଥିବା ନେଇ ଅଭିଯୋଗ ଆଣିଛି କଂଗ୍ରେସ। ରବିବାର କଂଗ୍ରେସ ଭବନଠାରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଏହି କଳା ଆଇନକୁ ନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ କାହିଁକି ପ୍ରତିକ୍ରିୟାହୀନ ବୋଲି ପ୍ରଶ୍ନ କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମଏମଡିଆର ସଂଶୋଧନ ବିଷୟରେ ଓଡ଼ିଶାବାସୀଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରନ୍ତୁ ନାହିଁ। କେନ୍ଦ୍ର ସରକାରଙ୍କ ନୂଆ ନିୟମ ଯୋଗୁଁ ରାଜ୍ୟ କେବଳ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ କ୍ଷତି ସହିବ ନାହିଁ, ପକ୍ଷାନ୍ତରେ ବର୍ଷକୁ ବର୍ଷ ଏ ବାବଦରେ ବିପୁଳ ରାଜସ୍ୱରୁ ବଞ୍ଚିତ ହେବେ। ସରକାର ସହଯୋଗୀ ସଂଘୀୟ ବ୍ୟବସ୍ଥା ଉପରେ ପ୍ରବଚନ ଦେଉଛନ୍ତି ଅଥଚ ସୁପ୍ରିମକୋର୍ଟଙ୍କ ରାୟ ପରେ ମଧ୍ୟ କେନ୍ଦ୍ର ଏହି ବ୍ୟବସ୍ଥାକୁ ଉଲଂଘନ କରି ବିଲ ପାସ କରିଛି। ଏହି ବିଲ ଲାଗୁହେବା ଫଳରେ ଶିଳ୍ପସମୃଦ୍ଧ ଅଞ୍ଚଳରେ ଲୋକେ ଭିକଥାଳି ଧରିବାକୁ ବାଧ୍ୟ ହେବେ। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟପାଳ ଏହି କଳା ବିଲକୁ ନେଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଗତ ୧୩ ଅଗଷ୍ଟରେ ରାଷ୍ଟ୍ରପତି ଏମଏମଡିଆର ବିଲକୁ ଅନୁମୋଦନ କଲେ। ଯେହେତୁ ରାଷ୍ଟ୍ରପତି ଓଡ଼ିଶାର ଏବଂ ଏଥିଯୋଗୁଁ ରାଜ୍ୟର ପ୍ରଭୂତ କ୍ଷୟକ୍ଷତି ଘଟୁଛି ତେଣୁ ଅନୁମୋଦନ କରିବା ପୂର୍ବରୁ ଆଇନ କାନୁନ ଦିଗ ଉପରେ ତର୍ଜମା କରିବା ଆବଶ୍ୟକ ଥିଲା। କଂଗ୍ରେସ ରାଜ୍ୟର ସମସ୍ତ ସାମ୍ବିଧାନିକ ପଦରେ ଥିବା ପ୍ରତିନିଧି ଏବଂ ବୁଦ୍ଧିଜୀବୀଗଣଙ୍କୁ ଏହି ବିଲ ଉପରେ ଆଲୋଚନା ପାଇଁ ଆହ୍ୱାନ କରୁଛି ବୋଲି ସେ କହିଛନ୍ତି।

# ସାର ଗୋଦାମ ଘରେ ଚଢ଼ଉ; ୩୫ ଟନ୍ ଡିଏପି ଜବତ



ବାଲିଗୁଡ଼ା,୩୦।୮ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସ ଏକ ସାର ଗୋଦାମରେ ଚଢ଼ଉ କରି ଅନଧିକୃତ ଭାବେ ଗଚ୍ଛିତ ଥିବା ୩୫ଟନ୍ ଡିଏପି ସାର ଜବତ କରିଥିବା ଜଣାପଡ଼ିଛି। ବେଆଇନ ଗଞ୍ଜେଇ ଚାଷରେ ଏହାକୁ ବ୍ୟବହାର କରାଯିବା ପାଇଁ ଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂଚନା ଆଧାରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ଗୋଦାମରେ ଚଢ଼ଉ କରାଯାଇଥିଲା। ସେଠାରେ ବେଆଇନ ଗଞ୍ଜେଇ ଚାଷ ପାଇଁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ଥିବା ୩୫ ଟନ୍ (୭୦୦ ବ୍ୟାଗ) ଡିଏପି ସାର ସହ ଏକ ଟ୍ରକ୍ (ଓଡି-୦୭-ଆର୍-୫୨୫୩) ଜବତ କରାଯାଇଥିଲା। ପୁଲିସ ଗୋଦାମକୁ ମଧ୍ୟ ସିଲ୍ କରିଛି। ଏ ନେଇ ବାଲିଗୁଡ଼ା ଥାନାରେ କେସ୍ ନମ୍ବର ୨୧୯/୨୬ ରେ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ମାଲିକ ଏବଂ ଟ୍ରକ୍ ଡ୍ରାଇଭରଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସ୍‌ଡିପିଓ ଶୁଭମ୍ ଭୋସଲେ।

**ଗଞ୍ଜେଇ ଚାଷରେ ବ୍ୟବହାର ପାଇଁ ରଖାଯାଇଥିଲା**

# ବଢ଼ିବ ବିଧାୟକଙ୍କ ଦରମା ଓ ଭତ୍ତା!

**ବାଚସ୍ପତି ଓ ମନ୍ତ୍ରୀଙ୍କ ସହ ଆଲୋଚନା କଲା ପାର୍ଲାମେଣ୍ଟ ଯୁଗ୍ମ କମିଟି**

**ଦରମା ଓ ଭତ୍ତା ବୃଦ୍ଧି ଦାବି କଲେ ଶାସକ, ବିରୋଧୀ ବିଧାୟକ**



ଭୁବନେଶ୍ୱର, ୩୦।୮ (ସମିସ): ଆଜି ଭୁବନେଶ୍ୱର ଗସ୍ତରେ ଆସିଥିବା ଦରମା ଓ ଭତ୍ତା ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଭତ୍ତା ଓ ଦରମା ବୃଦ୍ଧି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବାଚସ୍ପତିଙ୍କ ସମେତ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଫଳରେ ପୁଣିଥରେ ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସମେତ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ବଢ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସାଂସଦ ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ଅଧ୍ୟକ୍ଷତାରେ ଏହି କମିଟି କମିଟି ପ୍ରଥମେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅଧିକାରୀଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି। ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ତୁଳନା କରିଛନ୍ତି। ଏହାପରେ ଓଡ଼ିଶାର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା ଓ ଭତ୍ତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୁଗ୍ମ କମିଟିରେ ସାଂସଦ ବିଜୟ କୁମାର ଦୁବେ, ବୀଣା ଦେବୀ, କେ. ଗୋପୀନାଥ, ବାବୁ ସିଂ କୁଶୱାହା, ରିଚାର୍ଡ ଭାମିଲାହମନଙ୍ଗିଆଙ୍କ ସହ ସଂସଦର ନିର୍ଦ୍ଦେଶକ ଭଟଶାଳା ଜୋଷୀ ପ୍ରମୁଖ ସାମିଲ ଅଛନ୍ତି। ଅପରପକ୍ଷେ ବିଧାୟକ, ପୂର୍ବ ବିଧାୟକଙ୍କ ଦରମା, ପେନସନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି, କଂଗ୍ରେସ ବିଧାୟକଙ୍କ ସମେତ ଶାସକ ଦଳର ବିଧାୟକମାନେ ମଧ୍ୟ ଦାବି କରିଛନ୍ତି।

## ୧୪ ଦିନରେ ସମନ୍ୱୟ ସମିତିର ଧାରଣା

# ଗୁରୁଦିବସରେ ମହାସମାବେଶ କରିବେ ଶିକ୍ଷକ ଓ ଅଧ୍ୟାପକ



ଭୁବନେଶ୍ୱର, ୩୦।୮ (ସମିସ): ଦୀର୍ଘ ୧୪ ଦିନ ଧରି ବିଧାନସଭା ସମ୍ମୁଖ ଗାନ୍ଧୀ ମାର୍ଗରେ ଧାରଣା ଦେଇଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ଆସନ୍ତା ଗୁରୁଦିବସରେ ଶକ୍ତି ପ୍ରଦର୍ଶନ କରିବେ। ବାରମ୍ବାର ପ୍ରତିଶ୍ରୁତି ଦେଇ ଉପେକ୍ଷା କରାଯାଉଥିବାର କ୍ଷୋଭକୁ ସରକାରଙ୍କ ପାଖରେ ପହଞ୍ଚାଇବେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜରାସ୍ତାରେ ଗୁରୁଦିବସ ପାଳିବା ସହିତ ମହା ସମାବେଶ କରିବେ। ପ୍ରାୟ ୨୦ ହଜାର ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀଙ୍କ ସମେତ ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟମାନେ ଆନ୍ଦୋଳନରେ ସାମିଲ ହେବେ ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆବାହକ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି।

ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ କରିବା ସହ ଅବସର ନେଇଥିବା ବା ନେବାକୁ ଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନ ପରି ବିଭିନ୍ନ ଦାବି ନେଇ ଶିକ୍ଷକମାନେ ବହୁବାର ଆନ୍ଦୋଳନ କରିଛନ୍ତି। ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେବା ପରେ ସେମାନେ ଆନ୍ଦୋଳନରୁ ଓହରିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ସରକାର ସେମାନଙ୍କ ଦାବି ପୂରଣ କରୁନାହାନ୍ତି। ବାରମ୍ବାର ପ୍ରତାରିତ ହେବା ପରେ ଏଥର ଦୃଢ଼ ସଂକଳ୍ପ ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଶିକ୍ଷକ ଶିକ୍ଷୟତ୍ରୀମାନେ ମତବ୍ୟକ୍ତ କରଛନ୍ତି। ଏପରିକି ଦାବି ପୂରଣ ନ ହେଲା ଯାଏଁ ସେମାନେ ଧାରଣାରୁ ଓହରିବେ ନାହିଁ ବୋଲି ରୋକଠୋକ୍ ଶୁଣାଉଛନ୍ତି। ଅପରପକ୍ଷରେ ଶିକ୍ଷା ବ୍ୟବସ୍ଥା ସହ ଶିକ୍ଷକଙ୍କ ଦାବି ଅନୁଧ୍ୟାନ ପାଇଁ ଗଠନ ହୋଇଥିବା ଉଚ୍ଚ ସ୍ତରୀୟ କମିଟି ରେପୋର୍ଟ ଦେଇ ସାରିଥିଲେ ମଧ୍ୟ ସରକାର କେବଳ ସମୟ ଗଡ଼ାଇବା ପାଇଁ କମିଟିର ଅବଧିକୁ ବଢ଼ାଉଛନ୍ତି। ଏହା ସେମାନଙ୍କ ପ୍ରତି ଅନ୍ୟାୟ ଓ ଏଥିପାଇଁ ସରକାରଙ୍କୁ ଶିକ୍ଷକମାନେ ଜବାବ ମାଗିବେ ବୋଲି ସମିତି ପକ୍ଷରୁ କୁହାଯାଇଛି।

ବ୍ରହ୍ମପୁର ମହାନଗର ନିଗମ

**ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ**

**କରନ୍ତୁ :**

(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ/ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି/ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ, ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ସମୀର କୁମାର ଜେନା,
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ,
ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ,
ଡେପୁଟି ମେୟର ବ୍ରହ୍ମପୁର ମହାନଗର ନିଗମ
ଓ ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

# ସ୍କ୍ରବ୍ ଟାଇଫସ୍ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ

**ପାଲଲହଡ଼ା,୩୦।୮ (ସମିସ):** ସ୍କ୍ରବ୍ ଟାଇଫସ୍ ଜ୍ୱରରେ ଆକ୍ରାନ୍ତ ହୋଇ ପାଲଲହଡ଼ା ବ୍ଲକ ସାନବାଗଦରୀ ଗ୍ରାମର ସୁମନ୍ତ ସେଠୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗ୍ରାମର ୨୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ରବିବାର ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଧାୟକ ମହାନ୍ତି ସ୍ଥାନୀୟ ପ୍ରଶାସନିକ ଅଧିକାରୀ, ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଗ୍ରାମରେ ପହଞ୍ଚି ରୋଗର ସ୍ଥିତି, ଚିକିତ୍ସା ବ୍ୟବସ୍ଥା ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ସ୍କ୍ରବ ଟାଇଫସ୍‌ରେ ମୃତ ସୁମନ୍ତ ସେଠୀଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ରେଡକ୍ରସ୍ ପକ୍ଷରୁ ୧୦,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଇଥିଲେ।



ସେହିପରି ଗ୍ରାମବାସୀଙ୍କ ସହ ଆଲୋଚନା କରି ସ୍କ୍ରବ୍ ଟାଇଫସରୁ କିପରି ସୁରକ୍ଷିତ ରହିପାରିବେ, ପରିବେଶ ଓ ବ୍ୟକ୍ତିଗତ ସ୍ୱଚ୍ଛତା ବଜାୟ ରଖିବା ସହ ରୋଗର କୌଣସି ଲକ୍ଷଣ ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ପରାମର୍ଶ ନେବାକୁ ବିଧାୟକ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍କ୍ରବ୍ ଟାଇଫସରୁ ସୁରକ୍ଷା ପାଇଁ ଯୋଗାଇ ଦିଆଯାଇଥିବା ମଲମକୁ ବିଧାୟକ ଗ୍ରାମବାସୀଙ୍କୁ ବଣ୍ଟନ କରିଥିଲେ। ରୋଗର ସଂକ୍ରମଣ ରୋକିବା ପାଇଁ ସୋମବାରଠାରୁ ଗ୍ରାମରେ ଔଷଧ ସ୍ପ୍ରେ କରାଯିବାକୁ ବିଧାୟକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ପ୍ରଶାସନ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେଉଛି। ରୋଗ ନିୟନ୍ତ୍ରଣ, ଆକ୍ରାନ୍ତଙ୍କୁ ଆବଶ୍ୟକ ଚିକିତ୍ସା ସେବା ପ୍ରଦାନ ଏବଂ ରୋଗ ସଂକ୍ରମଣ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରଖି ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ବିଧାୟକଙ୍କ ସହ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ତହସିଲଦାର ଆକାଂକ୍ଷା ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌଭିକ ବିଶି, ଡା. ଶଶାଙ୍କ ଶେଖର ବେହେରା, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, ଆଇନଜୀବୀ ତନ୍ମୟ ସାହୁ, ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲ, ଧର୍ମେନ୍ଦ୍ର ମହାନ୍ତଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ‘ସ୍କ୍ରବ୍ ଟାଇଫସ୍‌କୁ ନେଇ ଆତଙ୍କିତ ହୁଅନ୍ତୁନି’

**ଅନୁଗୋଳ,୩୦।୮ (ସମିସ):** ଅନୁଗୋଳରେ ରିପୋର୍ଟ ହୋଇଥିବା ସ୍କ୍ରବ୍ ଟାଇଫସ୍ ମାମଲାକୁ ନେଇ ଆତଙ୍କିତ କିମ୍ବା ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଙ୍କ ସୂଚନା ଅନୁଯାୟୀ, ପ୍ରାଥମିକ ଭାବେ ରିପୋର୍ଟ ହୋଇଥିବା ମାମଲାଗୁଡ଼ିକ ରାପିଡ୍ କିଟ୍ ଟେଷ୍ଟ ଆଧାରରେ ଚିହ୍ନଟ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ରାପିଡ୍ ଟେଷ୍ଟରେ ପଜିଟିଭ୍ ଆସିଥିବା ସମସ୍ତ ୯ ମାମଲା ଏଲିଶା ଟେଷ୍ଟରେ ନେଗେଟିଭ୍ ଆସିଛି। ଅବଶିଷ୍ଟ ନମୁନାଗୁଡ଼ିକର ଚୂଡ଼ାନ୍ତ ନିଶ୍ଚିତୀକରଣ ପାଇଁ ଏଲିଶା ପରୀକ୍ଷା ମାଧ୍ୟମରେ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିବା ସହ ଆବଶ୍ୟକ ଚିକିତ୍ସା ସେବା ସୁନିଶ୍ଚିତ କରୁଛନ୍ତି। ସକ୍ରିୟ ସର୍ଭେଲାନ୍ସ ସହ ଆବଶ୍ୟକ ପ୍ରତିଷେଧକ, ସତର୍କତାମୂଳକ ପଦକ୍ଷେପ ଏବଂ ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ପଦକ୍ଷେପ ତୁରନ୍ତ ଗ୍ରହଣ କରାଯାଇଛି। ସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି ଏବଂ ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ପାନୀୟଜଳ ପାଇଁ ଆନ୍ଦୋଳନ



**ତାଳଚେର,୩୦।୮ (ସମିସ):** ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତର ପ୍ରାୟ ୭୦ଭାଗ ଜମି ଲିଙ୍ଗରାଜ କୋଇଲା ଖଣି ପାଇଁ ଅଧିଗ୍ରହଣ ହୋଇଥିବାରୁ ଏଠାରେ ବର୍ଷସାରା ଜଳସଙ୍କଟ ଦେଖାଦେଇଥାଏ। କାରଣ କୋଇଲା ଖଣି ୫୦ଫୁଟ୍ କୋଇଲା ଉତ୍ତୋଳନ କରି ନେଇଯବା ପରେ ଭୂତଳ ଜଳସ୍ତର ନିମ୍ନଗାମୀ ହୋଇଥାଏ ଓ କୂଅ, ପୋଖରୀ ଶୁଖିଯାଇଥାଏ। ବର୍ଷାଦିନକୁ ଛାଡ଼ିଦେଲେ ଅନ୍ୟଦିନଗୁଡ଼ିକରେ ଜଳକଷ୍ଟ ଲାଗି ରହିଥାଏ। ଅନ୍ୟପଟେ ବର୍ଷାଦିନେ କୂଅ, ପୋଖରୀ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ଖଣି, ଏନଟିପିସି, ଜିନ୍ଦଲ ଯୋଗୁଁ ଏହା ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ବର୍ଷତମାମ ଲିଙ୍ଗରାଜ କର୍ତ୍ତୃପକ୍ଷ ପାଇପ ଯୋଗେ ପାଣି ଯୋଗାଇ ଦେଉଥିଲେ ମଧ୍ୟ ୧୪୯ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ହେଉଥିବାରୁ କମ୍ପାନୀ ପାଇପଗୁଡ଼ିକୁ କାଟି ଦେଉଛି। ଫଳରେ ଆଜକୁ ପ୍ରାୟ ୭ମାସ ହେବ ଏମସିଏଲ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ସେହିପରି ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ପ୍ରତି ଗାଁରେ ପାଣି ଟାଙ୍କି ନିର୍ମାଣ କରି ପାଇପ ଯୋଗେ ଜଳ ଯୋଗାଇ ଦେଇଥାନ୍ତି। ମାତ୍ର ସେହି ୧୪୯ନଂ ରାଜପଥ କାର୍ଯ୍ୟ ଯୋଗୁଁ ସେହି ପାଇପ ଲାଇନଗୁଡ଼ିକୁ ମଧ୍ୟ ଠିକା କମ୍ପାନୀ କାଟି ଦେଉଥିବାରୁ ଆଜକୁ ୧ମାସ ହେବ ତାଳବେଡ଼ା ସମେତ ଆଖାପାଖ ଅଞ୍ଚଳବାସୀ ପାନୀୟଜଳ ପାଇଁ ତହଳବିକଳ ହେଉଛନ୍ତି। ଏହାର ପ୍ରତିବାଦରେ ରବିବାର ଗ୍ରାମବାସୀ କମ୍ପାନୀର କାମକୁ ବନ୍ଦ କରି ଦେଇଥିଲେ। କଣ୍ଡାଳ ସରପଞ୍ଚ ଯୋଶବନ୍ତୀ ବେହେରାଙ୍କ ନେତୃତ୍ୱରେ ଗ୍ରାମାବାସୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ପ୍ରକାଶ ଥାଉକି ଏହି ଜଳକଷ୍ଟ ପାଇଁ ତାଳଚେର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ଏହାର ସମାଧାନ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ଫଳ ମିଳିପାରି ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଜିଲ୍ଲାପାଳଙ୍କୁ ପଚାରିବାରୁ, ଏନଏଚଆଇ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ପାନୀୟଜଳ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ବଜ୍ରପାତରେ ୧୧ ଗୋରୁ ମୃତ



**ତାଳଚେର,୩୦।୮ (ସମିସ):** ରବିବାର ଅପରାହ୍ନ ୨ଟାରେ ତାଳଚେର ଅଞ୍ଚଳରେ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତ ବଡ଼ବନ୍ଧ ନିକଟରେ ୧୧ ଗୋରୁଙ୍କ ମୃତ୍ୟୁ ଘଟିଛି। କଣ୍ଡାଳ ସରପଞ୍ଚ ଯଶୋବନ୍ତୀ ବେହେରା ଗୋରୁଗୁଡ଼ିକୁ ମାଲିକମାନେ ଚିହ୍ନଟ କରି ନେବାପାଇଁ ଅନୁରୋଧ କରିଛନ୍ତି। ଏଥିସହ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ଦାବି କରିଛନ୍ତି।

# ବାଲିତୃତୀୟା ପାଳନ ପ୍ରସ୍ତୁତି ବୈଠକ



**କିଶୋରନଗର,୩୦।୮ (ସମିସ):** ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ପାଳିତ ହେବାକୁ ଥିବା ପବିତ୍ର ବାଲିତୃତୀୟା ଅବସରରେ ଆଠମଲ୍ଲିକ ଗୋଣ୍ଡୱାନା ଗୋଣ୍ଡ ପରିଷଦ ପକ୍ଷରୁ ଆମ୍ବସରମୁଣ୍ଡାସ୍ଥିତ ପ୍ରଭୁ ଜଙ୍ଘାଦେବ ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗୋଣ୍ଡୱାନା ପରିଷଦ ସଭାପତି ପ୍ରସନ୍ନ କୁମାର ନାୟକ, ମହାସଚିବ ସୁରେଶ ନାୟକ, ସଚିବ ସାନନ୍ଦ ନାୟକ, ପୂର୍ବତନ ଆଠମଲ୍ଲିକ ବିଧାୟକ ତଥା ଜଙ୍ଘାଦେବ ମନ୍ଦିର ସ୍ଥାୟୀ ସଭାପତି ରମେଶ ଚନ୍ଦ୍ର ସାଏ, ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ, ଆମ୍ବସରମୁଣ୍ଡା ପୁଞ୍ଜି ସଭାପତି ଭଜମନ ନାୟକ, ରାଣୀବନ୍ଧ ମହାସଚିବ କରୁଣାକର ନାୟକ, ଧଡ଼ରପାଳ ମହାସଚିବ ଜୟରାମ ନାୟକ, ରାଜିଙ୍ଗ ମହାସଚିବ ଦନେଇ ନାୟକ, କୁସୁଣୀ ମହାସଚିବ ଅମୀୟ ନାୟକ, ମିଣ୍ଡୋଳ ମହାସଚିବ ବୁଲୁ ନାୟକ, ଅନୁଗୋଳ ଜିଲ୍ଲା ଉପସଭାପତି ତରଣୀସେନ ସାହୁ, ବ୍ରାହ୍ମଣୀଦେଇ ପୁଞ୍ଜି ମହାସଚିବ କୁଶକୁମାର ନାୟକ ଏବଂ ଜିଲ୍ଲା ସଭାପତି ସଦାଶିବ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇଥିଲେ। ବାଲିତୃତୀୟା ଦିନ ପ୍ରଭୁ ଜଙ୍ଘାଦେବଙ୍କ ନିକଟରେ ନବାନ୍ନ ଭୋଗ ଲାଗି କରାଯିବା ସହ ଷୋଡ଼ଶଂଶୀ ପୂଜା ଆୟୋଜନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏହାକୁ ସୁଚାରୁରୂପେ ସମ୍ପନ୍ନ କରିବା ନେଇ ଆଲୋଚନା ହୋଇଥିଲା।

**୫ ମାସ ହେଲା ଦରମା ପାଇନାହାନ୍ତି ୩୦୦ ଆଣ୍ଟି ପୋଚିଂ ସ୍କ୍ୱାଡ୍**

# ୧୫ ଦିନରେ ନ ମିଳିଲେ ସମୂହ ଛୁଟିରେ ଯିବେ



**ଅନୁଗୋଳ,୩୦।୮ (ସମିସ):** ଅନୁଗୋଳ ଜିଲ୍ଲାର ଗର୍ବ ଓ ଗୌରବ ହେଉଛି ସାତକୋଶିଆ ଅଭୟାରଣ୍ୟ। କିନ୍ତୁ ଆଜି ଏହି ଅଭୟାରଣ୍ୟ ବିପଦ ଆଡ଼କୁ ଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅବହେଳା ଯୋଗୁଁ ଏପରି ଘଟିବାକୁ ଯାଉଛି। ଦୀର୍ଘ ୫ ମାସ ହେଲା ଦରମା ପାଇନାହାନ୍ତି ଅଭୟାରଣ୍ୟକୁ ସୁରକ୍ଷା ଦେଇ ସୁରକ୍ଷିତ ରଖିଥିବା ଆଣ୍ଟି ପୋଚିଂ ସ୍କ୍ୱାଡ୍ (ୱାଚର)। ଭୋକ ଉପାସରେ କୋର ଓ ବଫର ଜଙ୍ଗଲ ଭିତରେ ଦିନରାତି ଏକକରି ଅଭୟାରଣ୍ୟର ଜଙ୍ଗଲ ଓ ଜନ୍ତୁଙ୍କୁ ସୁରକ୍ଷିତ ରଖିବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରୁଛନ୍ତି ଏହି କର୍ମଚାରୀମାନେ। ବନ୍ୟଜନ୍ତୁ ଶିକାରୀମାନଙ୍କୁ ଧରି ଅଧିକାରୀଙ୍କୁ ହସ୍ତାନ୍ତର କରୁଛନ୍ତି। ଶିକାରୀମାନଙ୍କ ଗତିବିଧି ଉପରେ ଗୁପ୍ତ ଭାବେ ନଜର ରଖୁଛନ୍ତି। ହାତୀ ଓ ବାଘ ଗଣତି ସହ ଗଣ୍ଡରେ କୁମ୍ଭୀର ଗଣତିରେ ଏହି ସ୍କ୍ୱାଡ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ। ଏହି ଆଣ୍ଟି ପୋଚିଂ ସ୍କ୍ୱାଡ୍ ବିନା ବନ ବିଭାଗ ଅଭୟାରଣ୍ୟକୁ ସୁରକ୍ଷା ଦେଇପାରିବ ନାହିଁ। ଅଭୟାରଣ୍ୟର ପ୍ରତ୍ୟେକ କ୍ଷେତ୍ରରେ ଏହି ସ୍କ୍ୱାଡ୍‌ର ଭୂମିକା ଓ କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ୨୦୨୬ ଏପ୍ରିଲ, ମେ, ଜୁନ, ଜୁଲାଇ, ଅଗଷ୍ଟ ଦୀର୍ଘ ୫ ମାସ ହେଲା ଏମାନେ ଦରମା ପାଇନାହାନ୍ତି। ଫଳରେ ନାହିଁ ନ ଥିବା ହଇରାଣ ହେଉଛନ୍ତି।

**ବିପଦରେ ସାତକୋଶିଆ**

ପମ୍ପାସର, ପୁରୁଣାକୋଟ, ଟିକରପଡ଼ା, ରାଇଗୁଡ଼ା ଓ ଜିଲିଣ୍ଡା ଆଦି ୫ ରେଞ୍ଜକୁ ନେଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅବସ୍ଥିତ। ସମୁଦାୟ ୩୦୦ ଶହରୁ ଉର୍ଦ୍ଧ୍ୱ ୱାଚର ଅଭୟାରଣ୍ୟର ବର୍ଡର, ବିଟ୍ ହାଉସ, ସେକ୍ସନ ଅଫିସ, ୱାଚ ଟାୱାର, ଗେଟ୍, ରେଞ୍ଜ ଅଫିସ ଓ କୋର ଜଙ୍ଗଲ ଭିତରେ ନିୟୋଜିତ ହୋଇ ଜଙ୍ଗଲକୁ ସୁରକ୍ଷା ଦେଉଛନ୍ତି। କିନ୍ତୁ ବର୍ତ୍ତମାନ ସଠିକ ସମୟରେ ଦରମା ନ ମିଳିବାରୁ ଏହାର ପ୍ରଭାବ ସେମାନଙ୍କ ପରିବାର ଉପରେ ସିଧାସଳଖ ପଡିଛି। ସ୍କ୍ୱାଡ୍‌ର ସମସ୍ତ ସଦସ୍ୟ ଅତି ଗରିବ ପରିବାରରୁ ଆସିଛନ୍ତି। ମାସ ଶେଷରେ ଯେଉଁ ସ୍ୱଳ୍ପ ଦରମା ପାଆନ୍ତି ତାହାକୁ ନେଇ କଷ୍ଟରେ ଚଳିଯାଆନ୍ତି। ଦରମା ବନ୍ଦ ଯୋଗୁଁ ପରିବାରରେ କେହି ଅସୁସ୍ଥ ହେଲେ ଚିକିତ୍ସା କରାଇ ପାରୁନାହାନ୍ତି। ପିଲାଙ୍କ ପାଠପଢ଼ା ବନ୍ଦ ହୋଇଯାଇଛି। ଦୋକାନୀ ରାସନ ସାମଗ୍ରୀ ଦେବା ବନ୍ଦ କରିଦେବାରୁ ଘରେ ଚୁଲି ଜଳିପାରୁନାହିଁ। ଟଙ୍କା ଧାର ମାଗି ସାଧାରଣରେ ଅପମାନିତ ହେଉଛନ୍ତି। ଏପରିକି ଚଳିବା ପାଇଁ କେହି କେହି ଘରେ ଥିବା ସୁନା ଅଳଙ୍କାର ଓ ଜମି ମଧ୍ୟ ବନ୍ଧା ପକାଇବାକୁ ବାଧ୍ୟ ହୋଇଛନ୍ତି। ଏପରି କ୍ଷେତ୍ରରେ ବର୍ତ୍ତମାନ ପ୍ରତି ରେଞ୍ଜରେ ଅବସ୍ଥାପିତ ୱାଚରମାନେ ମେଳିହୋଇ ସେମାନଙ୍କ ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଦରମା ନ ମିଳିଲେ ସାମୂହିକ ଛୁଟି ନେଇ ଆଇନ ଅନୁଯାୟୀ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ରବିବାର ଜଗନ୍ନାଥପୁର ପାଞ୍ଚାୟତ ଟାକରିସିଙ୍ଗାଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବନବିଭାଗ ଓ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ସେମାନଙ୍କ ଦରମା ଦେବାକୁ ପରିବେଶବିତମାନେ ନିବେଦନ କରିଛନ୍ତି।

**ସ୍ୱାୟତ୍ତ ଶାସନ ଦିବସ ପାଳନ - ୨୦୨୬**
**ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା**
**ନିବେଦନ**

- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫ୍ରି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ।
- ଅଦରକାରୀ ଇଲେକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର online ମାଧ୍ୟମରେ www.sujog.odisha.gov.in portal ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ଇଂ ସନ୍ଦିପ ସିଂହ (ଓ.ଏ.ଏସ), ନିର୍ବାହୀ ଅଧିକାରୀ, ପୌରପରିଷଦ, ଜଗତସିଂହପୁର
ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ, ଉପାଧକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ଜଗତସିଂହପୁର
ଶ୍ରୀମତୀ ଅର୍ଚ୍ଚନା ସିଂହ, ଅଧକ୍ଷା, ପୌରପରିଷଦ, ଜଗତସିଂହପୁର

**ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ**
**ନିବେଦନ**


ଆଗାମୀ ଦିନରେ ଏକ ଆଦର୍ଶ, ସୁସ୍ଥ ଏବଂ ସୌନ୍ଦର୍ଯ୍ୟମୟ ଆଧୁନିକ ସହର ଗଠନ ନିମନ୍ତେ ପ୍ରୟାସ ଜାରୀ ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ।
1. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର।
2. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ।
3. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ।
4. କର୍ତ୍ତବ୍ୟରତ ପୌର କର୍ମଚାରୀ ମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହଯୋଗ କରନ୍ତୁ।
5. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ।
6. ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ।
7. ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ।
8. ପ୍ରତି ବର୍ଷ ଏପ୍ରିଲ୍ ଓ ମେ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ।
୨. ପୌରାଞ୍ଚଳରେ ଗୃହ ନିର୍ମାମ କରିବା ପୂର୍ବରୁ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ।
10. ଖୋଲା ସ୍ଥାନରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ।
11. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନଛାଡ଼ି ପୌରପାଳିକାର ସେସପୁଲ ମେସିନ୍ ମାଧ୍ୟମରେ ନିଷ୍କାସିତ କରନ୍ତୁ।
12. ପୌରାଞ୍ଚଳ ମଧ୍ୟରେ ଗୃହ ନିର୍ମାଣ କରିବାପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲଡିଂ ଟ୍ୟାକ୍ସରେ ଅର୍ନ୍ତଭୁକ୍ତ କରାନ୍ତୁ।
13. ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକ ସେମାନଙ୍କର ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ।
14. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, 2016 ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ ପୃଥକ ଭାବରେ (ସବୁଜ ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ) ଦୁଇ ଗୋଟି ଡଷ୍ଟବିନ୍ ରଖି ପ୍ରତିଦିନ ନିଜନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବାରେ ସହଯୋଗ କରନ୍ତୁ।
15. ପୌରାଞ୍ଚଳ ମଧ୍ୟରେ ଥିବା ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ।
16. କୌଣସି ନିର୍ମାଣ କାର୍ଯ୍ୟ ବେଆଇନ୍ ଭାବେ କରନ୍ତୁ ନାହିଁ।

"ଆସନ୍ତୁ ଢେଙ୍କାନାଳ ସହରକୁ ପଲିଥିନ୍ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ କରି ଗଢ଼ି ତୋଳି ଦୃଢ଼ ପ୍ରଗତି ପଥରେ ଆଗେଇ ନେବା"।
- ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା -

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ., ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର, ଉପାଧକ୍ଷ, ଢେଙ୍କାନାଳ ପୌରପାଳିକା
ଶ୍ରୀମତୀ ଜୟନ୍ତୀ ପାତ୍ର, ଅଧକ୍ଷା, ଢେଙ୍କାନାଳ ପୌରପାଳିକା

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ**

(୧) ପରିଷଦ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ସେବା ଟିକସ ଓ ଗୃହ ଟିକସ ଯଥାସମୟରେ ପୈଠ କରନ୍ତୁ।
(୨) ଗୃହ ନିର୍ମାଣ ପୂର୍ବରୁ ପରିଷଦରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ।
(୩) ନିଜର ଗୃହ ପାଳିତ ପଶୁକୁ ରାସ୍ତାରେ ଛାଡ଼ନ୍ତୁ ନାହିଁ
(୪) ପରିଷଦ ପକ୍ଷରୁ ଚାଲୁଥିବା ସ୍ୱଚ୍ଛ ସବାରୀ ଗାଡ଼ିରେ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ ପୃଥକ ଭାବରେ ଦିଅନ୍ତୁ।




ଶ୍ରୀ ଚନ୍ଦ୍ରକାନ୍ତ ବେହେରା, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ.
ଶ୍ରୀମତୀ ଆଶାକୁମାରୀ ସାହୁ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆଠମଲ୍ଲିକ.

# ୟୁଥ ହଷ୍ଟେଲ ଆସୋସିଏସନ ଅଫ ଇଣ୍ଡିଆ ନାଲକୋ ୟୁନିଟର କର୍ମକର୍ତ୍ତା ଚୟନ



**ଅନୁଗୋଳ,୩୦।୮ (ସମିସ):** ରବିବାର ଅନୁଗୋଳ ପୂର୍ତ୍ତବିଭାଗ ଡାକ ବଙ୍ଗଳାରେ ୟୁଥ ହଷ୍ଟେଲ ଆସୋସିଏସନ ଅଫ ଇଣ୍ଡିଆ ନାଲକୋ ୟୁନିଟ ଅନୁଗୋଳ ଶାଖାର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଶିବରାମ ଦେହୁରୀ, ସହ ନିର୍ବାଚନ ଅଧିକାରୀ ଭାବେ ଦୀନେଶ ମିଶ୍ର ଓ ପର୍ଯ୍ୟବେକ୍ଷକ ଭାବେ ସମ୍ବଲପୁର ୟୁନିଟର ଚେୟାରମ୍ୟାନ ସୂରଜ କୁମାର ଦାସ ଯୋଗଦେଇଥିଲେ। ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଭବାନୀ ପ୍ରସାଦ ମିଶ୍ର, ସମ୍ପାଦକ ଶତ୍ରୁଘ୍ନ ସାହୁ, ଚେୟାରମ୍ୟାନ ଦିଲୀପ କୁମାର ଦାସ, ଉପସଭାପତି ବ୍ରହ୍ମଜ୍ୟୋତି ମିଶ୍ର, ଧ୍ରୁବ ଚରଣ ଦ୍ୱିବେଦୀ ଓ ଦେବରଞ୍ଜନ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ପ୍ରହ୍ଲାଦ ଚନ୍ଦ୍ର ପଟ୍ଟନାୟକ, ସଂଗଠନ ସଚିବ ଭାବେ ବିପ୍ଳବ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତାମାନେ ଜିଲ୍ଲାରେ ଦୁଃସାହସିକ ଅଭିଯାନ, ପର୍ବତ ଆରୋହଣ, ଟ୍ରାକିଂ, ପ୍ରକୃତି ଅଧ୍ୟୟନ, ସାଇକଲ ରାଲି, ବାଇକ୍ ରାଲି ଓ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ନିମନ୍ତେ ଆଲୋଚନା କରଯାଇଥିଲା। ସଂଗଠନର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକ କାର୍ଯ୍ୟକାରୀ ସମିତି ମଧ୍ୟ ଗଠନ କରାଯାଇଛି।

**ଅନୁଗୋଳ ପୌର ପାଳିକା, ଅନୁଗୋଳ**

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ଅନୁଗୋଳ ପୌର ପାଳିକା ତରଫରୁ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।





ଶ୍ରୀ ସତ୍ୟ ପ୍ରକାଶ ତ୍ରିପାଠୀ, ନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା
ଶ୍ରୀମତୀ ଅନୁପମା ସାହୁ, ଉପାଧକ୍ଷା ଓ ପାରିଷଦ ବର୍ଗ
ଶ୍ରୀ ଅକ୍ଷୟ କୁମାର ସାମନ୍ତ, ଅଧକ୍ଷ, ଅନୁଗୋଳ ପୌରପାଳିକା

# ଶିକ୍ଷା ଓ ସଂସ୍କୃତିର ବାହକ ‘ଜ୍ଞାନ ପ୍ରକାଶ’

**କିଶୋରନଗର,୩୦।୮ (ସମିସ):** ‘ଜ୍ଞାନ ପ୍ରକାଶ’ର ଅନୁଗୋଳ ଜିଲ୍ଲା ଆଞ୍ଚଳିକ ବୈଠକ କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଜ୍ଞାନ ପ୍ରକାଶର ଅନୁଗୋଳ ସଭାପତି ଚିନ୍ମୟୀ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଜ୍ଞାନ ପ୍ରକାଶର ପ୍ରତିଷ୍ଠାତା ଜ୍ଞାନଚାନ୍ଦ ଶତପଥୀ ଯୋଗଦେଇ ୨୦୧୬ରୁ ୨୦୨୬ ପର୍ଯ୍ୟନ୍ତ ଜୟଯାତ୍ରା ଓ ଏହାର ମାସିକ ପତ୍ରିକା, ଶିକ୍ଷା ଓ ଗବେଷଣା ମୂଳକ ଆଲୋଚନା, ସଂସ୍କୃତିର ପ୍ରଚାର ଦିଗରେ ଏହାର ଭୂମିକା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରୂପେ ବନାଞ୍ଚଳ ଅଧିକାରୀ ସ୍ୱାଧୀନ କୁମାର ସାମଲ ଯୋଗଦେଇ ପ୍ରକୃତି ସହ ସାହିତ୍ୟର ସମ୍ପର୍କ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପକ କୁଳମଣି ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ ସୁଜାତା ବିଶ୍ୱାଳ, ମଞ୍ଜୁ କୁଅଁର, କିଶୋରଚନ୍ଦ୍ର ବିଶ୍ୱାଳ, ଚିନ୍ମୟୀ ମହାପାତ୍ର, ଚିନ୍ମୟୀ ସାହୁ, ପ୍ରଧାନଶିକ୍ଷକ ରଞ୍ଜିତ ସାହୁ, ଅଧ୍ୟାପକ ତରଣୀସେନ ସାହୁ, କୁଳମଣି ମେହେର, ସ୍ୱରଚିତ କବିତା ପାଠ କରିଥିଲେ। ରତ୍ନମଞ୍ଜରୀ ବାରିକ ବେଦପାଠ କରିଥିଲା ବେଳେ ରାଜେଶ ତାଣ୍ଡିଆ ଭଜନ ପରିବେଷଣ କରିଥିଲେ। ବାଦଲ ସାହୁ, ଅସିତ ଦେହୁରୀ, ଅଧ୍ୟାପିକା ମମିତା ସାହୁ, ହେମାମାଳିନୀ ସାହୁ, ପ୍ରଜ୍ଞାସ୍ୱିନୀ ବେହେରା ଓ ପ୍ରଜ୍ଞାପାରମିତା ବେହେରା ସହଯୋଗ କରିଥିଲେ। ଅଧ୍ୟାପକ ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

**ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ**

ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ଶୁଭେଚ୍ଛା ଓ ଅଭିନନ୍ଦନ ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ସର୍ବାଙ୍ଗୀନ ବିକାଶ
ଆମର ସ୍ୱଂକଳ୍ପ :-
୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ
୩. ଘରର ଆବର୍ଜ୍ଜନା ଏଣେତେଣେ ନପକାଇ ପୃଥକୀକରଣ କରି ପୌର ପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାଇତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ
୫. ରାସ୍ତାଘାଟ, ଡ୍ରେନ, ପାର୍କ, ଖେଳପଡିଆ ନିର୍ମାଣ ପାଇଁ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ଉନ୍ନତିରେ ସହଯୋଗ କରନ୍ତୁ
୬. ପୌର ପରିଷଦର ଦେୟ ତଥା ଗୃହ ଟିକସ, ଲାଇସେନ୍ସ ଫୀସ, ପରିମଳ ଫୀସ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପୈଠ କରନ୍ତୁ



ସ୍ୱଚ୍ଛ ପାରାଦ୍ୱୀପ - ସୁସ୍ଥ ପାରାଦ୍ୱୀପ

ନିବେଦକ
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

**ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ**

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ମାନଙ୍କୁ ସ୍ୱାୟତ୍ତ ଶାସନ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି।
ନିବେଦନ
01. ପୌର ପରିଷଦ ଅଞ୍ଚଳର ଜନ ସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
02. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ମଂଜୁର ନକ୍ସା ଅନୁସାରେ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ।
03. ସହର ଓ ଆଭ୍ୟନ୍ତରୀଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଛାଡନ୍ତୁ ନାହିଁ।
04. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ।
05. ସର୍ବସାଧାରଣ ଜାଗାରେ ଆବର୍ଜନା ପକାନ୍ତୁ ନାହିଁ। ସର୍ବଦା ଆବର୍ଜନାକୁ ଓଦା ଓ ଶୁଖିଲା ଡଷ୍ଟବିନରେ ପୃଥକ ଭାବରେ ରଖି ସ୍ୱଚ୍ଛ ସବାରୀ ଗାଡିକୁ ପ୍ରଦାନ କରନ୍ତୁ।
06. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ।
07. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ।
08. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଓ ଗୃହ ତିଆରି ସାମଗ୍ରୀ ତଥା ଇଟା,ବାଲି, ଗୋଡି ଇତ୍ୟାଦିକୁ ଜମା ରଖି ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ।
09. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ।
10. ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ ସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହରେ ବର୍ଷାଜଳ ପ୍ରକଳ୍ପ ତିଆରି କରନ୍ତୁ।

ଆମର ଲକ୍ଷ୍ୟ:-
- ପୌରପରିଷଦର ଅନେକ ଗୁଡିଏ ସ୍ଥାନରେ ଜନସାଧାରଣଙ୍କ ଆର୍ଥିକ ବୃଦ୍ଧି ନିମନ୍ତେ ଦୋକାନ ଗୃହ ନିର୍ମାଣ କରି ବଣ୍ଟନ କରାଯିବ।
- ପୌରପରିଷଦର କୌଣସି ପରିବା ହାଟ ନଥିବାରୁ ଏକ ପରିବା ହାଟ ନୂତନ ବସ୍ ଷ୍ଟାଣ୍ଡ ନିକଟରେ ନିର୍ମାଣ, ଅଳଙ୍ଗା ପୋଖରୀ ଓ ମନ୍ମଥ ନାଥ ଉଚ୍ଚ ବିଦ୍ୟାଳୟ ପୋଖରୀର ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆ ଯାଇଅଛି।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଅଛି। ତାହା ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ।
- ମଳ ଉପଚାର କେନ୍ଦ୍ରର ପ୍ରଶାସନିକ ଗୃହର ଶୁଭ ଉଦଘାଟନ।

ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ, ଅଧକ୍ଷ, ଉପାଧକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ

## ନାଲୁବାବା ଆଶ୍ରମ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

**ଡେରାବିଶ, ୩୦।୮ (ସମିସ):** ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇସ୍ଥ ନାଲୁବାବାଙ୍କ ଆଶ୍ରମ ପରିସରରେ ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ମୁଖ୍ୟ ନାଲୁବାବାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପୂଜାକୁ ପୂର୍ବବର୍ଷ ପରି ଶୃଙ୍ଖଳିତ ଓ ସରସ ସୁନ୍ଦର କରିବା ପାଇଁ ସବ୍‌କମିଟି ଗଠନ କରାଯାଇଛି। ବିଶେଷକରି ପୂଜା ଅବଧି ସମୟରେ ଚାରିଦିନ ବ୍ୟାପୀ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅହୋରାତ୍ର ପ୍ରସାଦ ସେବନର ବ୍ୟବସ୍ଥା ରହିଥିବାରୁ ଅଞ୍ଚଳର ପରିବେଶ ଓ



ପରିମଳ ବ୍ୟବସ୍ଥା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥିଲା। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଥିବାବେଳେ ଚଳିତ ବର୍ଷ ଚଳଚିତ୍ର ହାସ୍ୟ ଅଭିନେତା ଓ ପ୍ରତିଷ୍ଠିତ ଗାୟକଗାୟିକାଙ୍କ ସହ ଓଡ଼ିଶା ପ୍ରସିଦ୍ଧ ଡ୍ୟାନ୍ସଗ୍ରୁପ ମଣ୍ଡପ ନିକଟରେ ସେମାନଙ୍କର କଳା ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ଆଲୋଚନା ହୋଇଥିଲା। ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ ଓ ମଣ୍ଡପ ସମ୍ମୁଖ ରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ, ବ୍ୟବସ୍ଥିତ ଢ଼ଙ୍ଗରେ ଦୋକାନ ବଜାର କରିବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ସୌଦାଗର ନାଥ ଗତବର୍ଷର ଆୟବ୍ୟୟର ହିସାବ ପ୍ରଦାନ କରିବା ସହିତ ଚଳିତ ବର୍ଷର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ସଭ୍ୟ ଅମରେନ୍ଦ୍ର ବାରିକ ବିଭିନ୍ନ କମିଟି ଗଠନ କରି ସଭ୍ୟ ସଭ୍ୟାଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ବୈଠରେ ଉମେଶ ନାଥ, ରାକେଶ ନାଥ, ରସାନନ୍ଦ ନାଥ, ନଳିନୀକାନ୍ତ ନାଥଶର୍ମା, ଶୈଳେନ୍ଦ୍ର ମହନ୍ତ, ସତ୍ୟାନନ୍ଦ ମହନ୍ତ, ଚନ୍ଦନ ନାଥ, ଫକିର ନାଥ, ଗୁରୁଚରଣ ନାଥ, ପୁରସ୍ତମ ନାଥ, ରମାକାନ୍ତ ପରିଡ଼ା, ରମାକାନ୍ତ ନାଥ, ମିନତୀ ନାଥ, ଅନ୍ନପୂର୍ଣ୍ଣା ନାଥ ଓ ସୁରତି ନାଥ ପ୍ରମୁଖ ଯୋଗ ଦେଇଥିଲେ।

## ଖୁଦୁରୁକୁଣୀ ଓଷା ଆରମ୍ଭ

**ରାଜକନିକା, ୩୦।୮ (ସମିସ):** ଓଡ଼ିଆଙ୍କ ବାର ମାସର ତେରପର୍ବ ପାଳନ କରାଯାଉଥିବାବେଳେ ଭାଦ୍ରବ ମାସର ପ୍ରଥମ ରବିବାର ମା' ଖୁଦୁରୁକୁଣୀଙ୍କ ଓଷା ଆରମ୍ଭ ହୋଇଛି। ନୌବାଣିଜ୍ୟରେ ସାରା ବିଶ୍ୱରେ ଅଦ୍ୱିତୀୟ କୀର୍ତ୍ତିମାନ ସ୍ଥାପନ କରି ଜାଭା



ସୁମାତ୍ରା, ବାଲି ଓ ବୋର୍ଣ୍ଣିଓ ଭଳି ସାତ ଦରିଆପାରି ଦେଶରେ ବାଣିଜ୍ୟ କରୁଥିବା ଓଡ଼ିଆ ସାଧବଙ୍କ ଦୁଃସାହସ ନୌଯାତ୍ରା ଓ ସେ ସମୟର ନୌବାଣିଜ୍ୟ ବ୍ୟବସାୟକୁ ମା' ମଙ୍ଗଳାଙ୍କ ନାମରେ ପୂର୍ଣ୍ଣ ଉତ୍ସର୍ଗ କରି ସୃଷ୍ଟି ହୋଇଥିବା କାହାଣୀର ଅବତାରଣାର ପାଳିତ ହେଉଥିବା ମା' ଖୁଦୁରୁକୁଣୀଙ୍କ ଓଷା ଗ୍ରାମ୍ୟ ଜୀବନରେ ବେଶ ପ୍ରାସଙ୍ଗିକତା ରଖିଥାଏ। ସେ ସମୟର ଓଡ଼ିଆ ସାଧବଙ୍କୁ ନୌବାଣିଜ୍ୟ ବ୍ୟବସାୟ ପାଇଁ ମେଲାଣି ଦେଇଥିବା ସାଧବାଣୀ କେମିତି ସାତ ସାଧବଙ୍କ ଏକମାତ୍ର ଗେହ୍ଲା ଭଉଣୀ ତଅପୋଇକୁ ନିର୍ଯାତନା ଦେବା ଓ ମା' ମଙ୍ଗଳାଙ୍କ ଦୟାରୁ ତଅପୋଇ ସବୁ ଯନ୍ତ୍ରଣା ସହିବା ଓ ମା' କେମିତି ସଂକଟରୁ ଉଦ୍ଧାର କଲେ କାହାଣୀକୁ ନେଇ ବଳିଷ୍ଠ ହୋଇଥାଏ ଏହି ଖୁଦୁରୁକୁଣୀ ଓଷା। ପାଞ୍ଚ ରବିବାର କୁମାରୀ ଝିଅଙ୍କ ଦ୍ୱାରା ଆବାହନ ହେଉଥିବା ମା' ଖୁଦୁରୁକୁଣୀଙ୍କ ବ୍ରତ ଗାଁ ଗହଳିରେ ପାଳିତ ହେଉଛି। ଏ ପରିପ୍ରେକ୍ଷୀରେ କନିକା ଅଞ୍ଚଳରେ ଏହା ଘରେ ଘରେ ପାଳିତ ହେଉଛି।

## ରାଧାରମଣ ମଠରେ ଝୁଲଣ ଯାତ୍ରା

**ପଟ୍ଟାମୁଣ୍ଡାଇ, ୩୦।୮ (ସମିସ):** ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଆୟୋଜିତ ଝୁଲଣଯାତ୍ରା ପବିତ୍ର ଗହ୍ମାପୂର୍ଣ୍ଣିମା ଅବସରରେ ଉଦଯାପିତ ହୋଇଛି। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ



ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ପ୍ରଭୁ ରାଧାରମଣ, ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ମା' ସୁଭଦ୍ରା, ଗୋପେଶ୍ୱର ମହାଦେବ ଓ ପ୍ରଭୁ ହନୁମାନଜୀଉଙ୍କ ପୂଜାର୍ଚ୍ଚନା କରାଯାଇ ରାଧାରମଣକୁ ଝୁଲଣ ମଣ୍ଡପକୁ ନିଆଯାଇଥିଲା। ପ୍ରଭୁଙ୍କ ଝୁଲଣ ଯାତ୍ରାରେ ବାବାଜୀ ନରହରି ଦାସ, ନୃସିଂହ ଦାସ, ପତିତପାବନ ଦାସ, ଅଚ୍ୟୁତାନନ୍ଦ ଦାସ, ଅଜୟ ଦାସ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ, ଓକିଲ ସଂଘ ପୂର୍ବତନ ସଭାପତି ତପନ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## ଆର୍ତ୍ତେଶ୍ୱର ହାଇସ୍କୁଲରେ ଗୁରୁସମ୍ମାନ ସମାରୋହ

**ପଞ୍ଚୁପାଣ୍ଡବ, ୩୦।୮ (ସମିସ):** ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରସ୍ଥ ଆର୍ତ୍ତେଶ୍ୱର ହାଇସ୍କୁଲ ପରିସରରେ ରବିବାର ଗୁରୁ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବିଚାରପତି ଇଶାନ ଦାସଙ୍କ ସଭାପତିତ୍ୱ, ଶିକ୍ଷାବିତ ଈଶ୍ୱର ପୃଷ୍ଟିଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ମଦନ ମୋହନ କର ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ



ଦେବାଶିଷ ଆଚାର୍ଯ୍ୟ ମୁଖ୍ୟବକ୍ତା, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ତଥା ସମବାୟବିତ ସରୋଜକାନ୍ତ ସାହୁ, ମଣ୍ଡଳ ସହ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ର, ଶିକ୍ଷକ ନେତା ପ୍ରଣବ ଜେନା, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଭବାନୀ ପ୍ରସାଦ ଓଝା, ଶିକ୍ଷାବିତ୍ ଜଗଦାନନ୍ଦ ଜେନା ଓ ଶିକ୍ଷା ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ୧୯୮୬ରେ ଶିକ୍ଷାପ୍ରେମୀ ସୁରେନ୍ଦ୍ର ନାଥ ଦାସଙ୍କ ଦ୍ୱାରା ଗଢ଼ିଉଠିଥିବା ଏହି ବିଦ୍ୟାଳୟର ଇତିହାସ ସମ୍ପର୍କରେ ମତ ରଖିଥିଲେ। ଏ ଅବସରରେ ଦିବଂଗତ ଗୁରୁଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯିବା ସହ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଆଲୁମିନି ସଭାପତି ସୁବାସ ଚନ୍ଦ୍ର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କବି ଶୈଳଜା ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ର ସୁନୀଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରିଗଦା ବନ୍ୟାଞ୍ଚଳରେ ପୁରାତନ ଛାତ୍ରଙ୍କ ରିଲିଫ୍ ବଣ୍ଟନ

**ରାଜକନିକା, ୩୦।୮ (ସମିସ):** ଚଳିତ ବନ୍ୟାରେ ଭାରିଗଦା ପଞ୍ଚାୟତରେ ବିଭିନ୍ନ ଗାଁ ଜଳବନ୍ଦୀ ହୋଇ ରହିଥିବାବେଳେ ପଞ୍ଚାୟତ ନୋଡାଲ ଉଚ୍ଚବିଦ୍ୟାଳୟର ୩ ପୁରାତନ ଛାତ୍ର ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି ବିଦ୍ୟାଳୟର ୧୯୮୩ ମାଟ୍ରିକ ବ୍ୟାଚ୍ ଛାତ୍ର ତଥା ବୋଷ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ସୁଧାଂଶୁ ସାହୁ, କପିଳେଶ୍ୱର ଜୁନିଅର କଲେଜ ଅଧ୍ୟକ୍ଷ ନିରଞ୍ଜନ ଧଳ ଓ ସୁଶ୍ରୀ ଦେବୀ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଅରୁଣ ଧଳ ଏହି ପଞ୍ଚାୟତର ୬୦ ପରିବାରକୁ ଅଟା, ଡାଲି, ସିମେଇ, ଆଳୁ, ପିଆଜ ଯୋଗାଇ ଦେଇଛନ୍ତି।

# ସମିତିରେ ଚାଷୀ ପଞ୍ଜୀକରଣକୁ ନେଇ ଅସନ୍ତୋଷ

**ମହାକାଳପଡ଼ା, ୩୦।୮ (ସମିସ)**

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଚାଷୀ ପଞ୍ଜୀକରଣକୁ ନେଇ ବିବାଦ ଦେଖାଦେଇଛି। ସମ୍ପାଦକ ମନମାନି ଚଳାଇବା ସହିତ ଚାଷୀ ବାହାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିବାବେଳେ ସେ ଅଫିସ୍‌ରେ ତାଲା ପକାଇ ଚାଲିଯାଇଥିବା ଚାଷୀ ଅଭିଯୋଗ ଆଣିଛନ୍ତି। ଶନିବାର ଅପରାହ୍ନରେ ଖରିଫ ଧାନ ବିକ୍ରୟ ନିମନ୍ତେ ଚାଷୀ ପଞ୍ଜୀକରଣ କରୁଥିଲେ। ଇଣ୍ଟରନେଟ୍ ସେବା ଅତ୍ୟନ୍ତ ଧୀର ହେବାରୁ ପଞ୍ଜୀକରଣ



ବିଳମ୍ବ ହୋଇଥିଲା। ଏହାକୁ ନେଇ କିଛି ଚାଷୀ ସମ୍ପାଦକ ମନମାନି କରୁଥିବା ଦର୍ଶାଇ କାର୍ଯ୍ୟାଳୟ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଏହା ଦେଖି ସମିତିର ସମ୍ପାଦକ କାର୍ଯ୍ୟାଳୟ ଗୃହରେ ତାଲା ପକାଇ କିଛି ସମୟ ଅନ୍ୟତ୍ର ଚାଲିଯାଇଥିଲେ। ରାତି ଅଧ ପର୍ଯ୍ୟନ୍ତ ପ୍ରିୟାପ୍ରୀତି ଆଧାରରେ ପଞ୍ଜୀକରଣ କରାଯାଉଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି। ଗତବର୍ଷ ଧାନ କିଣାରେ ଅନିୟମିତତା କରାଯାଉଥିବା ନେଇ ଚାଷୀ ଅଭିଯୋଗ କରିବା ପରେ ସମିତିକୁ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏବେ ପୁଣି ଚାଷୀ ପଞ୍ଜୀକରଣକୁ ନେଇ ଅନିୟମିତତା କରାଯାଉଥିବା ସମ୍ପୃକ୍ତ ସମିତି ବିରୋଧରେ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ରାଜନଗର, ୩୦।୮ (ସମିସ): କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗ୍ରାମରେ ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗାଁର ଝଡ଼େଶ୍ୱର ବାରିକ (୭୫ ବର୍ଷ)ଙ୍କୁ ଆଜି ଭୋରୁ ଘରେ ଶୋଇଥିବା ଅବସ୍ଥାରେ ଏକ ଚିତି ସାପ କାମୁଡିଥିଲା। ପରିବାର ଲୋକେ ସାପକୁ ବାଡ଼େଇ ମାରି ଦେଇଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଝଡେଶ୍ୱରଙ୍କୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ମା' ପଞ୍ଚୁବରାହୀ ମନ୍ଦିର ଭଗ୍ନାଂଶକୁ ଭସାଇନେଲା ଜୁଆର

**ରାଜନଗର, ୩୦।୮ (ସମିସ):** ରାଜନଗର ବ୍ଲକ୍ ସାତଭାୟାର ଶେଷ ସନ୍ତକ ଆଜି ସମୁଦ୍ର ଗର୍ଭରେ ଭାସିଯାଇଛି। ସାତଭାୟାର ବଙ୍ଗୋପସାଗର କୂଳରେ ଥିବା ମା' ପଞ୍ଚୁବରାହୀଙ୍କ ମନ୍ଦିରର ଭଗ୍ନାଂଶକୁ ଉଚ୍ଚ ଜୁଆର ଭାଙ୍ଗି ଦେବା ସହ ଭସାଇ ନେଇଛି। ଫଳରେ ସମୁଦ୍ର କୂଳରେ ସାତଭାୟାର ସନ୍ତକ ହୋଇ ଦୃଶ୍ୟମାନ ହେଉଥିବା ମା' ପଞ୍ଚୁବରାହୀଙ୍କ ମନ୍ଦିର ସମୁଦ୍ର ଗର୍ଭରେ ସମ୍ପୂର୍ଣ୍ଣ ଲୀନ ହୋଇଯାଇଛି। ଏକମାସ ଧରି



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁଁ ସମୁଦ୍ର ଅଶାନ୍ତ ରହିଥିଲା। ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ର ଜନବସତି ଆଡ଼କୁ ମାଡ଼ି ଆସିବା ସହ ଜନବସତିରେ ତାଣ୍ଡବ ରଚୁଛି। ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ର ଜନବସତିକୁ ଗର୍ଭକୁ ନେବା ଯୋଗୁ ସାତଭାୟାର ୭୧୯ ପରିବାରକୁ ବଗପାଟିଆ ଥଇଥାନ ସ୍ଥଳୀକୁ ସ୍ଥାନାତରିତ କରାଯାଇଛି। ସମୁଦ୍ର କୂଳରେ ଥିବା ମା' ପଞ୍ଚୁବରାହୀଙ୍କୁ ୨୦୧୮ରେ ଥଇଥାନ ସ୍ଥଳର ନୂତନ ମନ୍ଦିରକୁ ସ୍ଥାନତରିତ କରାଯାଇଥିଲା। ମା'ଙ୍କୁ ଥଇଥାନ ସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ସମୁଦ୍ର କୂଳରେ ମା'ଙ୍କ ମନ୍ଦିର ଛିଡା ହୋଇଥିଲା। ୨୦୨୦ ପରଠାରୁ ବିଭିନ୍ନ ସମୟରେ ସମୁଦ୍ର କୂଳ ଲଂଘିବା ସହିତ ମା'ଙ୍କ ମନ୍ଦିରକୁ ଭାଙ୍ଗି ନିଜ ଗର୍ଭକୁ ନେଇ ଚାଲିଥିଲା। ମନ୍ଦିରର କିଛି ଅଂଶ ଗତ ୪ ବର୍ଷ ହେଲା ସମୁଦ୍ର କୂଳରେ ଛିଡା ହୋଇଥିଲା। ଆଜି ଉଚ୍ଚ ଜୁଆର ଆସିବା ସହିତ ମା'ଙ୍କ ଭଗ୍ନ ମନ୍ଦିରର ଭଗ୍ନାଂଶକୁ ଭାଙ୍ଗିବା ସହ ଭସାଇ ନେଇଛି।

## ସମବାୟ ବ୍ୟାଙ୍କ ପକ୍ଷରୁ ମାଇକ୍ରୋ ଏଟିଏମ୍ ବଣ୍ଟନ

**ଗରଦପୁର, ୩୦।୮ (ସମିସ):** ଗରଦପୁର ବ୍ଲକ କୋରୁଆସ୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ମାଇକ୍ରୋ ଏଟିଏମ୍ ବଣ୍ଟନ କରାଯାଇଛି। ସାନଅଡଙ୍ଗା କୃଷି ସମବାୟ ସମିତି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ



କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳକ ଦୁର୍ଗାମାଧବ ନନ୍ଦ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ରାପଡ଼ା ସମବାୟ ସମିତି ନିବନ୍ଧକ ଯୋଗେନ୍ଦ୍ର ନାଥ ବିଶ୍ୱାଳ, କେନ୍ଦ୍ରାପଡା ସମବାୟ ସମିତି ନିବନ୍ଧକ ବିଭୂତି ଭୂଷଣ ବେହେରା, ବ୍ଲକ୍ କୃଷି ଅଧିକାରୀ ଡ. ଗୌତମ ଦାସ, ନଡିଆବରାଇ ସେବା ସମବାୟ ସମିତି ସଭାପତି ପ୍ରମୋଦ ମହାପାତ୍ର, ବଙ୍ଗାଳପୁର ସମିତି ସଭାପତି ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଦୁଗ୍ଧ ସମବାୟ ସମିତି ସଭ୍ୟମାନେ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବାକୁ ଚଷୀଙ୍କୁ ଆହ୍ୱାନ ଦେଇଥିଲେ। ଏପରିକି ସରକାରଙ୍କ ପକ୍ଷରୁ ଦୁଗ୍ଧ ଚାଷୀଙ୍କ ନିମନ୍ତେ କରାଯାଇଥିବା ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଏ ଅବସରରେ ବ୍ୟାଙ୍କ ପକ୍ଷରୁ ମାଇକ୍ରୋ ଏଟିଏମ୍ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଦୁଗ୍ଧ ସମବାୟ ସମିତି ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ। ନଡିଆବରାଇ କୃଷି ସମବାୟ ସମିତି ସମ୍ପାଦକ ଦିଲ୍ଲୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରଶାସନକୁ ଉର୍ମିଳାଙ୍କ ଆକୁଳ ନିବେଦନ

## ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ଦିଅ

**ମାର୍ଶାଘାଇ, ୩୦।୮ (ସମିସ):** ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ। ଘରବାଡ଼ି ଜମି ପାଇଁ ଦୀର୍ଘ ୨୦ ବର୍ଷ ହେଲା ଆଶା ବାନ୍ଧି ବସିଛନ୍ତି। ଏବେ ସ୍ୱାମୀଙ୍କୁ ହରାଇ ୮ ବର୍ଷର ନାବାଳିକା ଝିଅକୁ ନେଇ ଅସହାୟ ହୋଇପଡ଼ିଛନ୍ତି ଉର୍ମିଳା ବାରିକ। ଜୀବନର ଏହି ଦୁଃସମୟରେ ଶୁଦ୍ଧିକ୍ରିୟା କରିବାକୁ ମଧ୍ୟ ତାଙ୍କ ପାଖରେ ଅର୍ଥ ନାହିଁ। ମାର୍ଶାଘାଇ ବ୍ଲକ୍ ବଛରାଇ ପଞ୍ଚାୟତ ଅନ୍ତର୍ଗତ ବାଲିକୁଦା ଗ୍ରାମର ଉର୍ମିଳା ବାରିକ ଜଣେ ଭୂମିହୀନ ମହିଳା। ଦୀର୍ଘ ୨୦ ବର୍ଷ ଧରି ଗାଁରେ ରହିଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କ ନାମରେ ଘରବାଡ଼ି ଜମି ନାହିଁ। ଘର ନ ଥିବାରୁ ଅନ୍ୟର ଆଶ୍ରୟରେ ଦିନ କାଟୁଥିବା ଉର୍ମିଳାଙ୍କ ଜୀବନରେ ଗତ କିଛିଦିନ ତଳେ ମାଡ଼ି ଆସିଛି ଆଉଏକ ବଡ଼ ଦୁଃଖ। ସ୍ୱାମୀଙ୍କ ଦେହାନ୍ତ ହେବାର ଆଜିକୁ ୯ ଦିନ ବିତିଛି। ସ୍ୱାମୀଙ୍କୁ ହରାଇବାର ଦୁଃଖ ସହିତ ୮ ବର୍ଷର ନାବାଳିକା ଝିଅର ଭବିଷ୍ୟତ ଚିନ୍ତା ଉର୍ମିଳାଙ୍କୁ



ଘାରିଛି। ଏପରି ସ୍ଥିତିରେ ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ମଧ୍ୟ ଅର୍ଥ ଯୋଗାଡ଼ କରିପାରୁନାହାନ୍ତି ସେ। ଗଣମାଧ୍ୟମରୁ ଉର୍ମିଳାଙ୍କ ଏହି ଦୁଃଖଦ ଅବସ୍ଥା ସମ୍ପର୍କରେ ଜାଣିବା ପରେ କ୍ରିଷ୍ଣା ଇଣ୍ଟରପ୍ରାଇଜେସ୍ ପକ୍ଷରୁ ରମାକାନ୍ତ ନାୟକ ଓ ଯୁବ ସମାଜସେବୀ ସୁନୀଲ ଗନ୍ତାୟତ ତାଙ୍କ ଘରେ ପହଞ୍ଚି ପରିବାରକୁ ଆର୍ଥିକ ସହଯୋଗର ହାତ ବଢ଼ାଇଥିଲେ। କେବଳ ବ୍ୟକ୍ତିଗତ ସହଯୋଗ ନୁହେଁ, ଉର୍ମିଳାଙ୍କୁ ଏକ ସ୍ଥାୟୀ ଆଶ୍ରୟ ଦେବା ଲାଗି ତୁରନ୍ତ ପ୍ରଶାସନିକ ସହାୟତା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ଉର୍ମିଳାଙ୍କୁ ଘରବାରି ଜମି ଯୋଗାଇଦେବା ସହ ସରକାରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଉର୍ମିଳାଙ୍କୁ ଘରବାରି ଜମି ଓ ପକ୍କାଘର ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ପ୍ରଶାସନ ପାଖରେ ଦାବି ଜଣାଇଛନ୍ତି।

### ଜମାକାରୀଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

## ଅଭିଯୋଗ ପରେ ପୋଷ୍ଟମାଷ୍ଟର ଫେରାର

ଡେରାବିଶ, ୩୦।୮ (ସମିସ): କେନ୍ଦ୍ରାପଡ଼ା ଡାକଜିଲ୍ଲା ଅନ୍ତର୍ଗତ ଚାନ୍ଦୋଳ ଉପଡାକଘର ଅଧୀନ ସବଳଙ୍ଗ କଣିପଡ଼ା ଶାଖା ଡାକ କାର୍ଯ୍ୟାଳୟରେ ବହୁ ଜମାକାରୀଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଯାଇଥିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତ ଡାକ କାର୍ଯ୍ୟାଳୟର ପୋଷ୍ଟମାଷ୍ଟର ଏବେ ଫେରାର ହୋଇଯାଇଥିବା ଜଣାଯାଇଛି। ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ାର ବହୁ ମୁସଲିମ ସମ୍ପ୍ରଦାୟର ଲୋକ ବିଦେଶରେ ରହି ଘରକୁ ଟଙ୍କା ପଠାଇଥା'ନ୍ତି। ସେମାନଙ୍କ ପରିବାର ଲୋକ ନିକଟସ୍ଥ କଣିପଡ଼ା ଶାଖା ଡାକଘରେ ସଞ୍ଚୟ ଖାତା ଖୋଲି ଟଙ୍କା ରଖିଥା'ନ୍ତି। ଗତ ସପ୍ତାହରେ ସେହି ଗ୍ରାମର ବିଦେଶରେ ରହୁଥିବା କିଛି ବ୍ୟକ୍ତି ଘରକୁ ଆସି ଜମାଖାତାରୁ ଟଙ୍କା ଉଠାଣ ପାଇଁ ଯାଇ ଦେଖନ୍ତି ତ ତାଙ୍କ ପାସ୍‌ବୁକ୍‌ରେ ଲେଖାଥିବା ଟଙ୍କାର ପରିମାଣଠାରୁ ଢ଼େର ପରିମାଣର କମ୍ ଟଙ୍କା ରହିଛି। ଏହିକଥା ପ୍ରଚାର ହେବାପରେ ଅନ୍ୟ ଜମାକାରୀ ସେମାନଙ୍କ ଏକାଉଣ୍ଟ ଚେକ୍ କରିବା ପାଇଁ ଡାକଘରେ ପହଞ୍ଚି ସେମାନଙ୍କ ଏକାଉଣ୍ଟର ଅବସ୍ଥା ଅନୁରୂପ ହୋଇଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ପୋଷ୍ଟମାଷ୍ଟର ଆସନ୍ତାକାଲି ଜମା କରିଦେବେ କହି ଫେରାର ହୋଇଯାଇଛନ୍ତି। ଡାକଘର ଦୁଇତିନି ଦିନ ବନ୍ଦ ରହିବା ପରେ ଲୋକମାନେ ଚାନ୍ଦୋଳ ଉପଡାକଘରର ପୋଷ୍ଟ ମାଷ୍ଟର ସମୀର ନାୟକଙ୍କୁ ଅଭିଯୋଗ କରିଥିଲେ। ଶ୍ରୀ ନାୟକ ଉପଡାକଘରର ଅନ୍ୟଜଣେ କର୍ମଚାରୀଙ୍କୁ ସେଠାକୁ ପଠାଇ କାର୍ଯ୍ୟାଳୟ ଚାଲୁ କରିଥିଲେ ବି ବହୁ ଲୋକଙ୍କ ଲକ୍ଷାଧିକ ଟଙ୍କା ପୋଷ୍ଟମାଷ୍ଟର ଲୁଟ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଉପଡାକଘରର ପୋଷ୍ଟ ମାଷ୍ଟର ଶ୍ରୀ ନାୟକ ଲୋକଙ୍କ ଅଭିଯୋଗ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ବୋଲି କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ମାଙ୍କଡ଼ ମୃତ

ରାଜନଗର, ୩୦।୮ (ସମିସ): ଡାଙ୍ଗମାଳ ପଞ୍ଚାୟତ ବାଙ୍କୁଆଳ ଗ୍ରାମରେ ଏକ ବିଦ୍ୟୁତ ଖୁଣ୍ଟ ଉପରେ ମାଙ୍କଡ଼ ମରି ପଡିଥିବା ଦେଖିବାକୁ ମିଳିଛି। ଗାଁ ଭିତରେ ଯାଇଥିବା ୧୧ କେଭି ବିଦ୍ୟୁତ ତାରକୁ ଧରି ଦେବାରୁ ମାଙ୍କଡ଼ର ମୃତ୍ୟୁ ଘଟିଛି। ବନ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ମାଙ୍କଡ଼କୁ ଖୁଣ୍ଟ ତଳକୁ ଆଣିବା ସହିତ ତାହାକୁ ପୋତି ଦେଇଛନ୍ତି।

13001/1699/2627

ଭୁବନେଶ୍ୱର-ବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୬ର
ଅନେକ ଅନେକ ଶୁଭେଚ୍ଛା

ସ୍ୱାୟତ୍ତ ଶାସନ ଦିବସ ଅବସରରେ
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ
୩୧ ଅଗଷ୍ଟ ୨୦୨୬

ପ୍ରକଳ୍ପ ଲୋକାର୍ପଣ

- ଡିଫେନ୍ସ କଲୋନୀର ନବ ନିର୍ମିତ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୭
- ଲୋକନାଥ ବିହାର ଠାରେ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୧୦
- ନବ ନିର୍ମିତ ପେଭର ବ୍ଲକ ରାସ୍ତା ଓ ଡ୍ରେନ୍, ଭୋଟପଡ଼ା ୱାର୍ଡ଼ ନଂ-୧୦
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୱାର୍ଡ଼ ନଂ-୬୫
- ୩ ଗୋଟି ୨ ସିଟ୍ ବିଶିଷ୍ଟ 'ଲୁ', ୱାର୍ଡ଼ ନଂ-୫୪
- ଟି.ଟି.ଏସ୍ ଗାଡ଼କଣରେ ୩୦ କେ.ଏଲ୍.ଡି ଇଫ୍ଲୁଏଣ୍ଟ ବିଶୋଧିକରଣ ପ୍ଲାଣ୍ଟ, ୱାର୍ଡ଼ ନଂ-୧୧
- ଦୈନିକ ୨୫ ଟନ୍ କ୍ଷମତା ବିଶିଷ୍ଟ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣରୁ ବାୟୋମାସ୍ ବ୍ରିକେଟ ଉତ୍ପନ୍ନ ପ୍ଲାଣ୍ଟ, ୱାର୍ଡ଼ ନଂ-୦୫
- ୧ ନମ୍ବର ମେନ୍ ଡ୍ରେନ୍ (ପଦ୍ମାବତୀ ବିହାର କଲଭର୍ଟ ରୁ ନନ୍ଦନକାନନ କଲଭର୍ଟ ପର୍ଯ୍ୟନ୍ତ), ୱାର୍ଡ଼ ନଂ-୦୬
- କପିଳେଶ୍ୱର ଶ୍ମଶାନ ଏବଂ ପାର୍କର ନିର୍ମାଣ, ୱାର୍ଡ଼ ନଂ-୬୦
- ରାସ୍ତାର ପୁନଃ ନିର୍ମାଣ, ୱାର୍ଡ଼ ନଂ-୬୫
- ପ୍ରାଚୀର ନିର୍ମାଣ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ (ଭୋଟପଡ଼ା ଖେଳ ପଡିଆ), ୱାର୍ଡ଼ ନଂ-୧୦
- ପଳାଶୁଣୀଠାରେ ଗୃହ ପାଳିତ ପଶୁଙ୍କ ଶ୍ମଶାନ, ୱାର୍ଡ଼ ନଂ-୦୫
- ୱାର୍ଡ଼ କାର୍ଯ୍ୟାଳୟ, ୱାର୍ଡ଼ ନଂ-୧୩, ୱାର୍ଡ଼ ନଂ-୨୪
- ବଡ଼ଗଡ଼ ବ୍ରିଟ କଲୋନୀ ପାଣ୍ଡବ ନଗର ପାର୍କ, ୱାର୍ଡ଼ ନଂ-୫୭
- ଭୋଟପଡ଼ା ଗ୍ରାମରେ ନିର୍ମିତ ଶ୍ମଶାନ, ୱାର୍ଡ଼ ନଂ-୧୦

ଭିତ୍ତିପ୍ରସ୍ତର ସ୍ଥାପନ

- ଭୁବନେଶ୍ୱର ମହାନଗର ନିଗମର ୩୦ ଗୋଟି ପବ୍ଲିକ୍ ଟଏଲେଟ୍ ରେ ୫ କେ.ଏଲ୍.ଡି ବିଶିଷ୍ଟ ଏସ୍.ଟି.ପି
- ଦାରୁଠେଙ୍ଗଠାରେ ବାଲୁଙ୍କେଶ୍ୱର ମନ୍ଦିର ଏବଂ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ
- ଦାରୁଠେଙ୍ଗଠାରେ ଓପନ ପାର୍କ ଓ ଜିମ୍ ନିର୍ମାଣ
- ଦାରୁଠେଙ୍ଗଠାରେ ଷ୍ଟାଡିୟମ ନିର୍ମାଣ
- ଦାରୁଠେଙ୍ଗଠାରେ ରାସ୍ତା, ଡ୍ରେନ୍ ସହିତ ସୋଲାର ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ
- କଳିଙ୍ଗନଗର କେ-୪ ଅଞ୍ଚଳରେ ରାସ୍ତା ନିର୍ମାଣ, ୱାର୍ଡ଼ ନଂ-୨୩
- କଳିଙ୍ଗନଗର କେ-୮ ଅଞ୍ଚଳରେ, ରାସ୍ତା ଓ ଡ୍ରେନ୍ ନିର୍ମାଣ, ୱାର୍ଡ଼ ନଂ-୨୩

ଶ୍ରୀମତୀ ମଞ୍ଜୁଲତା କହଁର
ଡେପୁଟି ମେୟର, ବିଏମ୍‌ସି

ଶ୍ରୀମତୀ ସୁଲୋଚନା ଦାସ
ମେୟର, ବିଏମ୍‌ସି


ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା/ଅଧ୍ୟକ୍ଷ ଏବଂ କର୍ପୋରେଟରବୃନ୍ଦ

ଭୁବନେଶ୍ୱର ମହାନଗର ନିଗମ

OIPR-13001/13002/1/26-27/0093

# ଜାତୀୟ କ୍ରୀଡ଼ା ଦିବସ କାର୍ଯ୍ୟକ୍ରମ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୩୦।୮ (ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନ (କ୍ରୀଡ଼ା ବିଭାଗ) ପକ୍ଷରୁ 'ଖେଳିବ ଭାରତ, ଜିତିବ ଭାରତ' ବାର୍ତ୍ତାକୁ ନେଇ ୨୮ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ କ୍ରୀଡ଼ା ଦିବସ ପାଳନ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ, ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି, ସୁସ୍ଥ, ସକ୍ରିୟ ଓ ଶୃଙ୍ଖଳିତ ସମାଜ ଗଠନରେ କ୍ରୀଡ଼ାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଆଜି ଏକ ସାଇକଲ ଶୋଭାଯାତ୍ରା ଆୟୋଜନ କରାଯିବାର ଥିଲା। ବର୍ଷା ଯୋଗୁଁ ଏହି



ଶୋଭାଯାତ୍ରାକୁ ବାତିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ସୟଦ ଆକମଲ ଅଲ୍ଲୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ କ୍ରୀଡ଼ା ସଂଗଠନର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ ଟୁଲୁ ମଲ୍ଲିକ, ସୌକତ ଖାନ, ଅଭିମନ୍ୟୁ ଗୋଚ୍ଛାୟତ ଓ ସଞ୍ଜୟ ମଥାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ପିତା ପ୍ରଲେପ

ଭାରତର ଘରେଘରେ ନାୟକ ଭାବେ ସ୍ୱୀକୃତ ଚିନିର ବଜାର ଦର କେଜି ପିଛା ୭୦ ଟଙ୍କା ଟପିବା ପରେ ବିଚରା ଇଥାନଲ୍ ଖଳନାୟକର ଅପବାଦ ମୁଣ୍ଡାଇଛି। ସରକାରଙ୍କ ଅପାରଗତା ମଧ୍ୟ ଚିନି-ଇଥାନଲ୍ ବିତର୍କ ଭିତରେ ଲୁଚିଯିବାର ସୁଯୋଗ ପାଇଛି। ଚିନି ଉତ୍ପାଦନ ହେବା ପରଠାରୁ ଗରିବରୁ ଧନୀ ପର୍ଯ୍ୟନ୍ତ ପ୍ରତି ଘରେ ରାଜତ୍ୱ କରି ଆସିଛି। ବିଶେଷକରି ଗରିବମାନଙ୍କୁ ମିଠାର ସ୍ୱାଦ ଅନୁଭବ କରିବାରେ ଚିନିର ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏବେ ଚିନି ମହଙ୍ଗା ହୋଇଯିବା ବା ଭାଉ ବଢ଼ି ଯିବା ପରେ ଗରିବ ଘରର ଚିନି ପିତା ଲାଗିଲାଣି ବୋଲି ଯେଉଁ ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳୁଛି ତାହା ଶତପ୍ରତିଶତ ଗ୍ରହଣଯୋଗ୍ୟ।

ଚିନି ଦର ବୃଦ୍ଧି ପଛରେ ଇ-୨୦ ପେଟ୍ରୋଲ୍(୮୦% ପେଟ୍ରୋଲ୍+୨୦% ଇଥାନଲ୍)ର ଆବିର୍ଭାବକୁ ଦାୟୀ କରାଯାଉଛି। ପରିସଂଖ୍ୟାନ କିନ୍ତୁ ଭିନ୍ନ ଏକ ବାସ୍ତବତା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୨୫-୨୬ରେ ଇ-୨୦ ପେଟ୍ରୋଲ୍ ଉତ୍ପାଦନ ପାଇଁ ବ୍ୟବହୃତ ମୋଟ ଇଥାନଲ୍‌ରେ ଆଖୁରସ, ଆଖୁଦୋରର ପରିମାଣ ଥିଲା ମାତ୍ର ୨୭.୫%। ଗତ ଅମଳ ଋତୁରେ ମୋଟ ୩୦ ନିୟୁତ ଟନ୍‌ରୁ ୧୦% ବା ୩ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନ ପାଇଁ ଉପଯୋଗ କରାଯାଇଥିଲା। ଅପରପକ୍ଷରେ ପୂର୍ବବର୍ତ୍ତୀ ଚାରିବର୍ଷରେ ଯଥାକ୍ରମେ ୩.୫ ନିୟୁତ ଟନ୍, ୨.୪ ନିୟୁତ ଟନ୍, ୪.୩ ନିୟୁତ ଟନ୍ ଓ ୩.୬ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନରେ ବ୍ୟବହାର ହୋଇଥିଲେ ମଧ୍ୟ ଖାଉଟି ବଜାରରେ ଏହାର ଦର କେଜି ପିଛା ୪୫ ଟଙ୍କା ଟପି ନ ଥିଲା। ତେଣୁ ଏବେ ଚିନି ଦର ବୃଦ୍ଧି ପଛରେ ଇଥାନଲ୍ ନୁହେଁ, କୃଷି-ବଜାରର ପରିଚାଳନାରେ ଅପାରଗତା ହିଁ ପ୍ରକୃତ ଖଳନାୟକ।

କୃଷି-ବଜାର ଅର୍ଥନୀତିଜ୍ଞଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମୋଟ ୩୪.୪ ନିୟୁତ ଟନ୍ ଚିନି ଉତ୍ପାଦନ ହେବ ବୋଲି ଆକଳନ କରାଯାଇଥିଲେ ହେଁ ପାଖାପାଖି ସାଢ଼େ ୩ ନିୟୁତ ଟନ୍ ହ୍ରାସ ପାଇବ ବୋଲି ଆଗୁଆ ଅନୁମାନ କରିବାରେ ସରକାର ବିଫଳ ହୋଇଥିଲେ। ତେଣୁ ଏବେ ୧୭ ବର୍ଷର ସର୍ବନିମ୍ନ ସ୍ତରକୁ ଚିନି ମହଜୁଦ ପରିମାଣ ହ୍ରାସ ପାଇଛି। ଆଖୁ ଉତ୍ପାଦନରେ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ଚିନି ଉତ୍ପାଦନ କାରଖାନାଗୁଡ଼ିକ କଞ୍ଚାମାଲ୍(ଆଖୁ) ସଙ୍କଟ ଦେଇ ଗତି କରୁଥିଲେ ମଧ୍ୟ ସେଥିପ୍ରତି ଯଥୋଚିତ ଗୁରୁତ୍ୱ ଦିଆଯାଇ ନ ଥିଲା। ସରକାର ଗତ ମେ' ମାସରେ ଚିନି ରପ୍ତାନୀ ଉପରେ କଟକଣା ଲଗାଇବା ବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପରେ ଚିନି ଆମଦାନୀକୁ ସରକାର ଏବେ ଶୁଳ୍କ ମୁକ୍ତ କରିଛନ୍ତି। ଚିନିର ବଜାର ଦର ଦୁଇମାସ ମଧ୍ୟରେ ୩୨% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲେ ହେଁ ଏ ବିଷୟରେ ଗୁଇନ୍ଦା ସୂଚନା ଯୋଗାଣ ବିଭାଗ ପାଖରେ ନଥିଲା।



ଆଖୁର ଏମ୍‌ଏସ୍‌ପି ଧାର୍ଯ୍ୟଠାରୁ ଆରମ୍ଭ କରି କେଉଁ ମିଲ୍‌ର ଖୋଲା ବଜାରରେ କେତେ ପରିମାଣରେ ବିକ୍ରି କରିପାରିବେ ସେହି ସୀମା ଧାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ନିୟନ୍ତ୍ରଣାଧୀନ। ତେଣୁ କେବଳ ଇଥାନଲ୍‌ର ଓଢ଼ଣା ପଛରେ ଅବିମୃଶ୍ୟକାରିତାକୁ ଲୁଚାଇ ଉତ୍ତରଦାୟିତ୍ୱରୁ ସରକାର ଓହରି ଯାଇପାରିବେ ନାହିଁ। ଅଧିକନ୍ତୁ ଆଖୁଚାଷୀଙ୍କୁ ଠିକ୍ ସମୟରେ ପାଉଣା ପୈଠ କରିବା ଏବଂ ଆଖୁ ମିଲ୍‌ମାନଙ୍କର ଆର୍ଥିକ ସନ୍ତୁଳନରେ ଇଥାନଲ୍ ସହାୟକ ହୋଇଆସିଛି। ସିଗ୍ରେଡ୍ ଓ ବିଗ୍ରେଡ୍ ତରଳଗୁଡ଼କୁ ଚିନିରେ ରୂପାନ୍ତରଣ ପାଇଁ ମିଲରମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। କିନ୍ତୁ ଏବେ ତାହା ଇଥାନଲ୍ ଉତ୍ପାଦନରେ ବିନିଯୋଗ କରାଯାଇପାରୁଥିବାରୁ ଚିନି ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଛି। ତେଣୁ ଚିନି ଦର ବୃଦ୍ଧି ପାଇଁ ଇଥାନଲ୍‌କୁ ଏକ କାରକ ଭାବେ ଗ୍ରହଣ କରିବାରେ ଯୌକ୍ତିକତା ଥିବା ପରି ଲାଗୁନାହିଁ।

ଚଳିତ ବର୍ଷର ଅସ୍ୱାଭାବିକ ମୌସୁମୀ ଆଖୁ ଉତ୍ପାଦନରେ ବାଧକ ସାଜିବାକୁ ଯାଉଥିବା ବେଳେ ମହଜୁଦ୍‌କାରୀଙ୍କ ପାଇଁ ସର୍ବାଧିକ ୪ହଜାର ଟନ୍ ଏବଂ ୩୦ଦିନର କଟକଣା ଚିନିର ବଜାର ଦରକୁ ଆସନ୍ତା ବର୍ଷ ମଧ୍ୟ ଆକାଶଛୁଆଁ କରିବ। ଏହାଛଡ଼ା ୧୦ ଲକ୍ଷ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଚିନି ଆମଦାନୀକୁ ଶୁଳ୍କମୁକ୍ତ କରାଯାଇଥିବାରୁ ଭାରତର ଆଖୁଚାଷୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅର୍ଥାତ୍ ଚିନିର ତିକ୍ତତା ଆଗାମୀ କିଛିମାସ ପର୍ଯ୍ୟନ୍ତ ଜାରି ରହିବ ଏବଂ ଖାଉଟିଙ୍କ ପକେଟ୍ ତିକ୍ତତାର ଏତେ ତୀବ୍ର ଅନୁଭବ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଚାଖିବ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ସୁନା, ସାର ଓ ଖାଇବା ତେଲ ବ୍ୟବହାର ଯଥାସମ୍ଭବ ହ୍ରାସ କରିବା ପାଇଁ ସରକାର ଦେଶବାସୀଙ୍କୁ ଉପଦେଶ ଦେଇଥିଲେ। ଗତବର୍ଷ ମଧ୍ୟ ଦେଶରେ ଖାଇବା ତେଲ ଦର ବଢ଼ିବା ପରେ ମେଦବହୁଳତା ବଢୁଥିବା ଦର୍ଶାଇ ଖାଦ୍ୟରେ ତେଲ ବ୍ୟବହାର କମ୍ କରିବାକୁ ଉପଦେଶ ଶୁଣିବାକୁ ମିଳିଥିଲା। ତେଣୁ ଭାରତୀୟଙ୍କ ସ୍ୱାସ୍ଥ୍ୟ ପ୍ରତି ଅତିମାତ୍ରାରେ ସଚେତନ ସରକାର ବୋଧହୁଏ ଦରବୃଦ୍ଧି ଜରିଆରେ ପିତା ପ୍ରଲେପଟିଏ ଚିନି ଉପରେ ବୋଳି ଦେଇଛନ୍ତି। ଯାହାଫଳରେ ଲୋକମାନେ ଯଥାସମ୍ଭବ କମ୍ ଚିନି ବ୍ୟବହାର କରିବେ ଏବଂ ମଧୁମେହ, ମେଦବହୁଳତା ସହିତ ତଦ୍‌ଜନିତ ଅନ୍ୟ ରୋଗବ୍ୟାଧିରୁ ରକ୍ଷା ପାଇପାରିବେ। ଚିନିରେ ଏଭଳି ପିତା ପ୍ରଲେପ ଉଦ୍ୟମକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦୂରଦର୍ଶୀ ସୁଚିନ୍ତିତ ଜନକଲ୍ୟାଣ ଯୋଜନା ଭାବରେ ବିଜ୍ଞାପିତ ଏବଂ ପ୍ରଚାର ପ୍ରସାର ହେବା ଅସମ୍ଭବ ନୁହେଁ।

## ଭାରତର ଆଲୁମିନିୟମ୍ ରାଜଧାନୀ ଓଡ଼ିଶା

**ମନସା ପ୍ରସାଦ ମିଶ୍ର**

ଆଜିର ଆଧୁନିକ ଜୀବନର ପ୍ରାୟ ପ୍ରତ୍ୟେକ ଜାଗାରେ ଆଲୁମିନିୟମ୍‌ର ଉପସ୍ଥିତି ଦେଖିବାକୁ ମିଳେ। ବିମାନ, ବିଦ୍ୟୁତଚାଳିତ ଯାନ, ବିଦ୍ୟୁତ ପରିବହନ, ପାନୀୟ କ୍ୟାନ୍, ସୌର ପ୍ୟାନେଲ୍‌ଠାରୁ ଆରମ୍ଭ କରି ଅସଂଖ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀରେ ଏହାର ବ୍ୟବହାର ରହିଛି ଏବଂ ଆଲୁମିନିୟମ୍ ଏକ ରଣନୈତିକ ସମ୍ପଦ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତ ପାଖରେ ଏକ ବଡ଼ ସୁଯୋଗ ରହିଥିବା ବେଳେ କେନ୍ଦ୍ରରେ ରହିଛି ଓଡ଼ିଶା।

ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଭାରତର ଏକ ମୁଖ୍ୟ ଖଣିଜ ପଦାର୍ଥର ଉତ୍ସ ଭାବେ ପରିଚିତ। ରାଜ୍ୟର ବିପୁଳ ଲୁହାପଥର, କୋଇଲା, କ୍ରୋମାଇଟ୍ ଓ ବକ୍ସାଇଟ୍ ଭଣ୍ଡାର ଦେଶର ବିଭିନ୍ନ ଶିଳ୍ପକୁ ଖଣିଜ ସମ୍ପଦ ଯୋଗାଇ ଆସିଛି। ଏହାସତ୍ତ୍ୱେ ଓଡ଼ିଶାକୁ ଦୀର୍ଘସମୟ ଧରି କେବଳ ଖଣିଜ ସମ୍ପଦ ଯୋଗାଣକାରୀ ରାଜ୍ୟ ଭାବେ ଦେଖାଯାଉଥିଲା। ଏହାର ମୂଲ୍ୟଯୁକ୍ତ ବ୍ୟବହାରର ବଡ଼ ଅଂଶ ଅନ୍ୟତ୍ର ହେଉଥିଲା। ଏବେ ସେହି ଧାରା ଦ୍ରୁତ ଗତିରେ ବଦଳୁଛି। ଆଜି ଭାରତର ଆଲୁମିନିୟମ୍ ଉତ୍ପାଦନ କ୍ଷମତାର ଅର୍ଦ୍ଧାଧିକ ଓଡ଼ିଶାରେ ରହିଛି। ଏଠାରେ ବକ୍ସାଇଟ୍ ଖଣି, ଆଲୁମିନା ରିଫାଇନାରି, ଆଲୁମିନିୟମ୍ ସ୍ମେଲଟର୍, ବନ୍ଦର ଓ ପରିବହନ ଭିତ୍ତିଭୂମିକୁ ନେଇ ଏକ ସମନ୍ୱିତ ଶିଳ୍ପ ପରିବେଶ ଗଢ଼ିଉଠିଛି। ଗତ କିଛିବର୍ଷରେ ଘୋଷିତ ବୃହତ୍ ବିନିଯୋଗ ସହ ଓଡ଼ିଶା ଧୀରେ ଧୀରେ ଭାରତର 'ଆଲୁମିନିୟମ୍ ରାଜଧାନୀ' ଭାବେ ସ୍ଥିତି ମଜବୁତ କରୁଛି।

ଭାରତର ଆଲୁମିନିୟମ୍ ଶିଳ୍ପ ଦେଶର ଅନ୍ୟତମ ବଡ଼ ଶିଳ୍ପ ସଫଳତାର କାହାଣୀ ପାଲଟିଛି। ଖଣି ମନ୍ତ୍ରାଳୟ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଆଲୁମିନିୟମ୍ ଉତ୍ପାଦକ। ବିଶ୍ୱର ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନର ପ୍ରାୟ ୬ ପ୍ରତିଶତ ଭାରତରୁ ଆସୁଛି। ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଶିଳ୍ପକୁ ଆଗକୁ ନେବା ପାଇଁ ୨୦୪୭ ସୁଦ୍ଧା ଆଲୁମିନିୟମ୍ ଉତ୍ପାଦନକୁ ବଢ଼ାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଭାରତର ଆଲୁମିନିୟମ୍ ଶିଳ୍ପର ନେତୃତ୍ୱ ନେବା ପାଇଁ ଓଡ଼ିଶା ଭଳି ସୁବିଧାଜନକ ସ୍ଥିତିରେ ଅନ୍ୟ କୌଣସି ରାଜ୍ୟ ନାହିଁ। ଦେଶର ବକ୍ସାଇଟ୍ ମହଜୁଦ୍ ପରିମାଣର ପ୍ରାୟ ୪୨ ପ୍ରତିଶତ ଆମ ରାଜ୍ୟରେ ରହିଛି। ଆଲୁମିନିୟମ୍ ଓଡ଼ିଶାର ବୃହତ୍ ରପ୍ତାନି ଉତ୍ପାଦ ମଧ୍ୟରୁ ଅନ୍ୟତମ। ତେଣୁ ରାଜ୍ୟର ଅର୍ଥନୀତି ସହ ଦେଶର ଶିଳ୍ପ ବିକାଶ ପାଇଁ ଏହି କ୍ଷେତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ। ନାଲ୍‌କୋ, ବେଦାନ୍ତ ଓ ହିଣ୍ଡାଲ୍‌କୋ ଭଳି କମ୍ପାନୀ ଓଡ଼ିଶାରେ ବିପୁଳ ବିନିଯୋଗ କରିଛନ୍ତି। ଖଣି ପରିଶୋଧନ ଓ ସ୍ମେଲ୍ଟିଂକୁ ନେଇ ରାଜ୍ୟରେ ଏକ ସମନ୍ୱିତ ଶିଳ୍ପ ପରିବେଶ ସୃଷ୍ଟି ହୋଇଛି। ନୂଆ ପ୍ରକଳ୍ପଗୁଡ଼ିକ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ବିସ୍ତାର କରିବାର ଆଶା ସୃଷ୍ଟି କରୁଛି। ଆଲୁମିନିୟମ୍ ଶିଳ୍ପ କେବଳ ରପ୍ତାନି ମାଧ୍ୟମରେ ଲାଭ ଦେଉନାହିଁ। ଖଣି ରୟାଲ୍ଟି, ଜିଏସ୍‌ଟି, କର୍ପୋରେଟ୍ ଟିକସ ଓ ନିଯୁକ୍ତି ମାଧ୍ୟମରେ ମଧ୍ୟ ସରକାରଙ୍କ ରାଜସ୍ୱ ବଢ଼ାଉଛି। ଖଣିଜ ଉତ୍ତୋଳନ, ପରିବହନ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ସହଯୋଗୀ ଶିଳ୍ପରେ ଏହା ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରୁଛି। ଏହାର ଲାଭ କେବଳ ଖଣି ଅଞ୍ଚଳରେ ସୀମିତ ନ ରହି ଅନ୍ୟ ଅଞ୍ଚଳକୁ ମଧ୍ୟ ପହଞ୍ଚୁଛି।

ଆଲୁମିନିୟମ୍ କ୍ଷେତ୍ରରେ ବିନିଯୋଗ ଜାରି ରହିଛି। ବର୍ତ୍ତମାନର ଉତ୍ପାଦକଙ୍କ ସମ୍ପ୍ରସାରଣ ଯୋଜନା ସହ ଗତ କିଛିବର୍ଷରେ ଘୋଷଣା ହୋଇଥିବା ନୂଆ ଆଲୁମିନିୟମ୍ ପ୍ରକଳ୍ପ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଏହା ଓଡ଼ିଶାକୁ ଏକ ପ୍ରମୁଖ ଆଲୁମିନିୟମ୍ କେନ୍ଦ୍ର ଭାବେ ଆହୁରି ମଜବୁତ କରିବ। ସବୁଠାରୁ ବଡ଼ କଥା ହେଉଛି, ଏହି ବିନିଯୋଗ ରାଜ୍ୟର ଶିଳ୍ପ ନୀତିକୁ ଖଣିଜ ସମ୍ପଦ ରପ୍ତାନିରୁ ଆଗକୁ ନେଇ ସମ୍ପୂର୍ଣ୍ଣ ଉତ୍ପାଦନ ବ୍ୟବସ୍ଥା ଗଢ଼ିବା ଦିଗରେ ଅଗ୍ରଗତି ହେଉଛି। ଓଡ଼ିଶା ପାଖରେ ପ୍ରଚୁର ବକ୍ସାଇଟ୍ ଭଣ୍ଡାର, ନିକଟବର୍ତ୍ତୀ ପ୍ରମୁଖ ବନ୍ଦରମାନ, ବଢୁଥିବା ରେଳ ଯୋଗାଯୋଗ ଓ ସ୍ଥାପିତ ଶିଳ୍ପ ଭିତ୍ତିଭୂମି ଭଳି ଅନେକ ପ୍ରାକୃତିକ ଉପଯୋଗିତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ନୀତି ପ୍ରଣେତାମାନେ କେବଳ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ଆଲୁମିନିୟମ୍ ମୂଲ୍ୟଯୁକ୍ତ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି।

ଆଗାମୀ ଦୁଇ ଦଶନ୍ଧିରେ ଆଲୁମିନିୟମ୍‌ର ଚାହିଦା ଦ୍ରୁତଗତିରେ ବଢ଼ିବାକୁ ଯାଉଛି। ବିଦ୍ୟୁତ ଯାନର ଓଜନ କମାଇବା ଓ ବ୍ୟାଟେରୀ ରେଞ୍ଜ ବଢ଼ାଇବା ପାଇଁ ଅନ୍ୟ ପାରମ୍ପରିକ ଯାନ ତୁଳନାରେ ଅଧିକ ଆଲୁମିନିୟମ୍ ବ୍ୟବହାର ହେଉଛି। ସୌର ଶକ୍ତି ପ୍ରକଳ୍ପର ଫ୍ରେମ୍, ପବନ ଟର୍ବାଇନ୍, ବିଦ୍ୟୁତ ପରିବହନ ଲାଇନ୍ ଓ ଆଧୁନିକ ରେଳ ବ୍ୟବସ୍ଥାରେ ମଧ୍ୟ ଏହାର ବ୍ୟବହାର ରହିଛି। ଆଲୁମିନିୟମ୍‌ର ଆଉ ଏକ ବିଶେଷତ୍ୱ ହେଉଛି ଏହାକୁ ଗୁଣ ନଷ୍ଟ ନକରି ବାରମ୍ବାର ପୁନଃବ୍ୟବହାର କରାଯାଇପାରେ। ଏପର୍ଯ୍ୟନ୍ତ ଉତ୍ପାଦିତ ସମସ୍ତ ଆଲୁମିନିୟମ୍‌ର ପ୍ରାୟ ତିନି-ଚତୁର୍ଥାଂଶ ବ୍ୟବହାରରେ ରହିଛି। ଏହି କାରଣରୁ ଆଲୁମିନିୟମ୍ ଆଜିର 'ପୁନଃବ୍ୟବହାର ଭିତ୍ତିକ ଅର୍ଥନୀତି' ପାଇଁ ଏକ ଉପଯୋଗୀ ଶିଳ୍ପ ସାମଗ୍ରୀ ହୋଇଛି।

ଭାରତର ମାନୁଫାକ୍ଚରିଂ, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଭିତ୍ତିଭୂମିର ବିକାଶ ଆଗକୁ ବଢ଼ିବା ସହ ଆଲୁମିନିୟମ୍‌ର ଆବଶ୍ୟକତା ମଧ୍ୟ ବଢ଼ିବ। 'ମେକ୍ ଇନ୍ ଇଣ୍ଡିଆ' ନ୍ୟାସନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍, ଅକ୍ଷୟ ଶକ୍ତିର ବିସ୍ତାର, ପ୍ରତିରକ୍ଷା ଓ ଭିତ୍ତିଭୂମି କ୍ଷେତ୍ରରେ ବଢୁଥିବା ବିନିଯୋଗ ପାଇଁ ବହୁ ପରିମାଣରେ ଆଲୁମିନିୟମ୍ ଆବଶ୍ୟକ ହେବ। ନିତି ଆୟୋଗ ଅନୁଯାୟୀ, ଆଲୁମିନିୟମ୍ କ୍ଷେତ୍ରରେ ଭାରତର ଭଲ ସୁଯୋଗ ରହିଛି। କିନ୍ତୁ ଖଣିଜ ସମ୍ପଦ ରପ୍ତାନି କରି ମୂଲ୍ୟଯୁକ୍ତ ଉତ୍ପାଦ ଆମଦାନି କରିବା ବଦଳରେ ଦେଶରେ ହିଁ ଅଧିକ ମୂଲ୍ୟର ଉତ୍ପାଦ ତିଆରି କରିବା ଆବଶ୍ୟକ। ତେଣୁ ନୀତିର ଗୁରୁତ୍ୱ କେବଳ ଖଣି ଲାଇସେନ୍ସ ଓ ଆଲୁମିନିୟମ୍ ଉତ୍ପାଦନ ବଢ଼ାଇବାରେ ସୀମିତ ନ ରହି ଗବେଷଣା, ଡାଉନଷ୍ଟ୍ରିମ୍ ଶିଳ୍ପ, ପୁନଃବ୍ୟବହାର, ପରିବହନ ବ୍ୟବସ୍ଥା ଓ ଦକ୍ଷ ମାନବ ସମ୍ବଳ ତିଆରି ଦିଗକୁ ମଧ୍ୟ ବଢ଼ିବା ଆବଶ୍ୟକ।

ଓଡ଼ିଶା ଏବେ ନିଜର ଶିଳ୍ପ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ରହିଛି। ଅନେକ ନୂଆ ବିନିଯୋଗ ପ୍ରସ୍ତାବ ଓ କାର୍ଯ୍ୟକ୍ଷମ ଉତ୍ପାଦନକାରୀ ଶିଳ୍ପମାନଙ୍କର ସମ୍ପ୍ରସାରଣ ଯୋଜନା ଦର୍ଶାଉଛି ଯେ ରାଜ୍ୟ ଶିଳ୍ପ ବିକାଶର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏହି ବିନିଯୋଗ ସହ ଯଦି ଭଲ ଭିତ୍ତିଭୂମି, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ ପାଇଁ ସ୍ୱତନ୍ତ୍ର ଶିଳ୍ପ ପାର୍କ, ସରଳ ନିୟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ମଧ୍ୟରେ ଭଲ ସହଯୋଗ ଗଢ଼ିଉଠେ, ତେବେ ଓଡ଼ିଶା ଏସିଆର ଏକ ପ୍ରମୁଖ ଆଲୁମିନିୟମ୍ ମାନୁଫାକ୍ଚରିଂ କେନ୍ଦ୍ର ହୋଇପାରିବ।

ଶିଳ୍ପ ବିକାଶ ସହ ପରିବେଶ ସୁରକ୍ଷା ଓ ସମାଜର ସବୁ ବର୍ଗର ଲୋକଙ୍କ ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ। ଦାୟିତ୍ୱର ସହ ଖଣି ଉତ୍ତୋଳନ, ଖଣି ଅଞ୍ଚଳର ପୁନରୁଦ୍ଧାର, ଜଳର ସଠିକ୍ ବ୍ୟବହାର ଏବଂ ଅକ୍ଷୟ ଶକ୍ତିର ଅଧିକ ବ୍ୟବହାର ଉପରେ ଧ୍ୟାନ ଦେବାକୁ ହେବ। ଏହା ହିଁ ନିର୍ଣ୍ଣୟ କରିବ ଯେ ଓଡ଼ିଶା କେବଳ ଭାରତର ବଡ଼ ଆଲୁମିନିୟମ୍ ଉତ୍ପାଦକ ହେବ ନା ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦନରେ ବିଶ୍ୱସ୍ତରରେ ମଧ୍ୟ ନିଜର ସ୍ଥାନ ପକ୍କା କରିବ। ଓଡ଼ିଶା ପାଖରେ ରହିଛି ଭୂତାତ୍ତ୍ୱିକ ସମ୍ପଦ, ଶିଳ୍ପ କ୍ଷମତା, ଭିତ୍ତିଭୂମି ଓ ନୀତିଗତ ଗତିଶୀଳତାର ଏକ ବିରଳ ସମନ୍ୱୟ। ଯଦି ଓଡ଼ିଶା ଖଣି ଉତ୍ତୋଳନ, ପରିଶୋଧନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ, ନବସୃଜନ ଓ ସ୍ଥାୟୀତ୍ୱକୁ ନେଇ ଏକ ସମନ୍ୱିତ ଆଲୁମିନିୟମ୍ ଇକୋସିଷ୍ଟମ୍ ଗଢିପାରେ, ତେବେ ଏହା ବିଶ୍ୱ ଆଲୁମିନିୟମ୍ ଅର୍ଥନୀତିରେ ଓଡ଼ିଶାକୁ ଏକ ପ୍ରମୁଖ ଭୂମିକାରେ ପ୍ରତିଷ୍ଠିତ କରିବ।

ଶିଳ୍ପ ଇତିହାସରେ କିଛି ସାମଗ୍ରୀ ଦେଶ ତଥା ବିଶ୍ୱ ସ୍ତରରେ ବିକାଶର ଦିଗ ବଦଳାଇଛି। ଊନବିଂଶ ଶତାବ୍ଦୀରେ କୋଇଲା ଶିଳ୍ପକୁ ଆଗକୁ ନେଇଥିଲା। ବିଂଶ ଶତାବ୍ଦୀରେ ତୈଳର ବଡ଼ ଭୂମିକା ଥିଲା। ଆଗାମୀ ଦଶନ୍ଧିଗୁଡ଼ିକରେ ଆଲୁମିନିୟମ୍‌ର ଭୂମିକା ନିର୍ଣ୍ଣାୟକ ହେବ। ନେପୋଲିଅନ୍ ତୃତୀୟଙ୍କ ରାଜକୀୟ ଭୋଜିରେ ଆଲୁମିନିୟମ୍‌ର ପାତ୍ର କେବଳ ବିଶେଷ ଅତିଥିଙ୍କ ପାଇଁ ବ୍ୟବହାର ହେଉଥିଲା। ସେତେବେଳେ ଏହାକୁ ସୁନାଠାରୁ ମଧ୍ୟ ଅଧିକ ଦୁର୍ଲଭ ଓ ମୂଲ୍ୟବାନ ଧାତୁ ଭାବେ ଦେଖାଯାଉଥିଲା। ଆଜି ସେହି ଆଲୁମିନିୟମ୍ ଆଧୁନିକ ଶିଳ୍ପ ଓ ଅର୍ଥନୀତିର ଏକ ମୁଖ୍ୟ ଅଂଶ ହୋଇଛି। ଓଡ଼ିଶା ଯଦି ମୂଲ୍ୟଯୁକ୍ତ ଉତ୍ପାଦନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ ଓ ପରିବେଶ ଅନୁକୂଳ ଉତ୍ପାଦନରେ ବିନିଯୋଗ ଜାରି ରଖେ ତେବେ ରାଜ୍ୟ ଭାରତର 'ଆଲୁମିନିୟମ୍ ରାଜଧାନୀ' ସହ ବିଶ୍ୱସ୍ତରୀୟ ମାନୁଫାକ୍ଚରିଂ କେନ୍ଦ୍ର ଭାବେ ନିଜର ପରିଚୟ ଗଢ଼ିପାରେ।

(ପୂର୍ବତନ ନିର୍ଦ୍ଦେଶକ, ନାଲ୍‌କୋ)
ଭୁବନେଶ୍ୱର, ମୋ: ୯୪୩୭୦୨୨୧୦୯

## ଓଳିଏ ଆହାର ଆଶା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ସରକାରୀ ସ୍କୁଲ ବନ୍ଦ ହେଉଛି। ସରକାରୀ ଫାଇଲଗୁଡ଼ିକରେ ଏହି ପ୍ରକ୍ରିୟାକୁ ମିଶ୍ରଣ ନାମ ଦିଆଯାଇଛି। ତର୍କ ଦିଆଯାଏ, ଏହି ସ୍କୁଲଗୁଡ଼ିକରେ ପିଲାଙ୍କ ସଂଖ୍ୟା ଏତେ କମିଯାଇଛି ଯେ ଚଳାଇବା ଆର୍ଥିକ ଦୃଷ୍ଟିରୁ ବ୍ୟାବହାରିକ ନୁହେଁ; ମାତ୍ର ଏହି ତର୍କ ଅସଲି ପ୍ରଶ୍ନକୁ ଲୁଚାଇଦିଏ ଯେ ବାସ୍ତବରେ ସେହି ସ୍କୁଲଗୁଡ଼ିକୁ ପିଲା କାହିଁକି ଆସୁନାହାନ୍ତି? ଏହା କୌଣସି ପ୍ରାକୃତିକ ବିପତ୍ତି ନୁହେଁ, ବରଂ ଦଶନ୍ଧି ଦଶନ୍ଧିର ନୀତିଗତ ଉଦାସୀନତାର ପରିଣାମ। ଯେତେବେଳେ ଗୋଟିଏ ସ୍କୁଲ ବନ୍ଦ ହୁଏ, ସେତେବେଳେ କେବଳ ଗୋଟିଏ ରେଜିଷ୍ଟର ବନ୍ଦ ହୁଏ ନାହିଁ, ସେହି ଅଞ୍ଚଳର ସବୁଠାରୁ ଦୁର୍ବଳ ବର୍ଗର ପିଲାମାନଙ୍କଠାରୁ ସେମାନଙ୍କ ଜୀବନ ବଦଳାଇବାର ଏକମାତ୍ର ସୁଯୋଗ ଛଡ଼ାଇ ନିଆଯାଏ।

ଆଜି ମଧ୍ୟ ଆମର ଅଧିକାଂଶ ସରକାରୀ ସ୍କୁଲ କୌଣସି ଆଦିମ ଯୁଗକୁ ମନେ ପକାଇଦିଏ। ବର୍ଷା ଋତୁରେ ଅନେକ ସ୍କୁଲରେ ଛାତରୁ ଗଳୁଥିବା ପାଣି ଦାଉରୁ ରକ୍ଷା ପାଇବାକୁ ପିଲାମାନଙ୍କୁ କୌଣସି ଶୁଖିଲା କୋଣରେ ଛିଡ଼ା ହେବାକୁ ପଡ଼େ। ଶୀତଦିନେ କାକର ଚଟାଣରେ ବସିବାର ବାଧ୍ୟବାଧକତା ତ ଖରାଦିନେ ବିନା ପଙ୍ଖାରେ ଶ୍ରେଣୀଗୃହ। ଏହା ହେଉଛି ସେହି ପରିବେଶ, ଯେଉଁଠାରେ ଆମେ ଦେଶର ଭବିଷ୍ୟତଙ୍କଠାରୁ ଏକାଗ୍ରତା ଏବଂ ଉତ୍କୃଷ୍ଟ ପ୍ରଦର୍ଶନର ଆଶା ରଖୁ। ଆମେ ଗୋଟିଏ ପଟେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ କ୍ରାନ୍ତି ଯୁଗରେ ପ୍ରବେଶ କରୁଛନ୍ତି। ଅନ୍ୟପଟେ ଆମର ଲକ୍ଷ ଲକ୍ଷ ବିଦ୍ୟାଳୟର ବାସ୍ତବତା ହେଉଛି ସେଠାରେ ଗୋଟିଏ ବ୍ଲାକ୍‌ବୋର୍ଡ ଏବଂ ବସିବା ପାଇଁ ଚେୟାର ସୁଦ୍ଧା ମିଳିବା କଷ୍ଟକର।

ଭିତ୍ତିଭୂମିର ଏହି ଅଭାବରେ ସବୁଠାରୁ ଲଜ୍ଜାଜନକ ସ୍ଥିତି ହେଉଛି ସ୍ୱଚ୍ଛତା ଓ ପାନୀୟ ଜଳର। ଆଜି ମଧ୍ୟ ଅଗଣିତ ସ୍କୁଲରେ ପିଇବା ପାଣିର ସଫା ଉତ୍ସ ନାହିଁ। ଶୌଚାଳୟଗୁଡ଼ିକର ସ୍ଥିତି ତ ଏତେ ଖରାପ ଯେ କେତେକ ସମୟରେ ସେଗୁଡ଼ିକ ରୋଗର ଘର ପାଲଟିଯାଏ। ଏହି ଦୁରବସ୍ଥାର ସବୁଠାରୁ ବଡ଼ ଓ ସିଧାସଳଖ କ୍ଷତି ଝିଅମାନଙ୍କୁ ସହିବାକୁ ପଡ଼େ। ଝିଅମାନେ କିଶୋରାବସ୍ଥାରେ ପାଦ ଦେବା ପରେ ସ୍ୱଚ୍ଛ ଶୌଚାଳୟର ଅଭାବ ସେମାନଙ୍କ ପାଇଁ ସ୍କୁଲ ଛାଡ଼ିବାର ସବୁଠାରୁ ବଡ଼ କାରଣ ପାଲଟିଯାଏ। ଗୋଟିଏ ଭଙ୍ଗା ଦ୍ୱାର ଥିବା ଶୌଚାଳୟ କୌଣସି ବି ଝିଅର ସ୍ୱପ୍ନକୁ ଭାଙ୍ଗିବା ପାଇଁ ଯଥେଷ୍ଟ।

ସାରା ଦେଶରେ ଶିକ୍ଷକମାନଙ୍କର ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଛି। ଗ୍ରାମାଞ୍ଚଳର ସ୍ଥିତି ଏତେ ଭୟାନକ ଯେ ଅନେକ ସ୍କୁଲ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ଜଣେ ବ୍ୟକ୍ତି ପ୍ରଥମ ଶ୍ରେଣୀରୁ ନେଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସବୁପିଲାଙ୍କୁ ସବୁବିଷୟ ଏକା ସମୟରେ କିପରି ପଢ଼ାଇପାରିବେ? ବିଜ୍ଞାନ, ଗଣିତ ଓ ଇଂରାଜୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ବିଶେଷଜ୍ଞ ଶିକ୍ଷକ ନଥିବା ସାଧାରଣ କଥା ହୋଇଗଲାଣି। ଏହାର ପ୍ରଭାବ ପିଲାଙ୍କ ମୂଳଦୁଆ ଉପରେ ପଡ଼େ। ସେମାନେ କୌଣସିମତେ ବ୍ୟବସ୍ଥାର ଦୟାରୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ତ ହୋଇଯା'ନ୍ତି; କିନ୍ତୁ ମୌଳିକ ଜ୍ଞାନ ଏତେ ଦୁର୍ବଳ ଥାଏ ଯେ ସେମାନେ ଜୀବନର ଆଗାମୀ ଆହ୍ୱାନଗୁଡ଼ିକ ଆଗରେ ଆଣ୍ଠୁ ମାଡ଼ିଦିଅନ୍ତି। ଶିକ୍ଷକଙ୍କ ଅଭାବଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଯେଉଁ ଶିକ୍ଷକମାନେ ଉପସ୍ଥିତ ଅଛନ୍ତି, ସେମାନେ ପଢ଼ାନ୍ତି କମ୍ ଅନ୍ୟ କାମ କରନ୍ତି ବେଶୀ। ଆମ ବ୍ୟବସ୍ଥା ଶିକ୍ଷକଙ୍କୁ ଏକ ବହୁମୁଖୀ କର୍ମଚାରୀ ଭାବି ନେଇଛି। ଏସବୁ ଉପରେ ମଧ୍ୟାହ୍ନ ଭୋଜନ ପରିଚାଳନା, ରାସନ ଆଣିବା, ଗ୍ୟାସ ସିଲିଣ୍ଡର ବ୍ୟବସ୍ଥା କରିବା ଏବଂ ହିସାବ-କିତାବ ରଖିବା ମଧ୍ୟ ଶିକ୍ଷକଙ୍କ ଉପରେ ହିଁ ନ୍ୟସ୍ତ।

ଏହି ଦୁରବସ୍ଥା ସମାଜରେ ଏକ ବ୍ୟବସାୟକୁ ସମୃଦ୍ଧ ହେବାର ସୁଯୋଗ ଦେଇଛି। ଅର୍ଥାତ୍ ଘରୋଇ ସ୍କୁଲର ବଜାର। ଆଜି ସ୍ଥିତି ଏହା ଯେ ଜଣେ ଠେଲାବାଲା କିମ୍ବା ଦିନମଜୁରିଆ ମଧ୍ୟ ନିଜ ପେଟ କାଟି ପିଲାମାନଙ୍କୁ ଗଳିକନ୍ଦିରେ ଖୋଲିଥିବା କୌଣସି ଇଂରାଜୀ ମାଧ୍ୟମ ସ୍କୁଲକୁ ପଠାଇବାକୁ ଚାହୁଁଛି। ଏଥିପାଇଁ ନୁହେଁ ଯେ ତାଙ୍କର ସେଠାକାର ଶିକ୍ଷାର ଗୁଣବତ୍ତା ଉପରେ ଖୁବ୍ ବିଶ୍ୱାସ ଅଛି, ବରଂ ଏଥିପାଇଁ ଯେ ସରକାରୀ ସ୍କୁଲରୁ ତାଙ୍କର ଆଶା ଭାଙ୍ଗିଯାଇଛି। ଦିନେ ବିଦ୍ୟାଳୟ ସାମାଜିକ ସୌହାର୍ଦ୍ଦ୍ୟର ସବୁଠାରୁ ବଡ଼ କେନ୍ଦ୍ର ଥିଲା। ଆଜି ଆମ ଶିକ୍ଷା ବ୍ୟବସ୍ଥା ସମାଜକୁ ଯୋଡ଼ିବା ବଦଳରେ ତାହାକୁ ଧନୀ ଏବଂ ଗରିବର ଦୁଇଟି ସ୍ପଷ୍ଟ ଓ ଦୂରତିକ୍ରମ୍ୟ ଖାଲରେ ବିଭାଜିତ କରୁଛି।

ଗରିବ ପିଲାମାନଙ୍କୁ ସ୍କୁଲ ପର୍ଯ୍ୟନ୍ତ ଆଣିବା ଏବଂ ଅପପୁଷ୍ଟି ସହ ଲଢ଼ିବା ପାଇଁ ମଧ୍ୟାହ୍ନ ଭୋଜନ ଭଳି ମହତାକାଂକ୍ଷୀ ଯୋଜନା ଅଣାଯାଇଥିଲା। ଚିନ୍ତାଧାରା ଏହା ଥିଲା ଯେ କୌଣସି ବି ପିଲା ଖାଲି ପେଟରେ ନ ରହନ୍ତୁ। ଏବେ ଏମିତି ଲାଗୁଛି ଯେ ଅନେକ ପରିବାର ପାଇଁ ପିଲାଙ୍କୁ ସ୍କୁଲ ପଠାଇବାର ପ୍ରାଥମିକ ଉଦ୍ଦେଶ୍ୟ ଶିକ୍ଷା ନୁହେଁ, ବରଂ ଓଳିଏ ଆହାର। ଏହା ଆମ ସାମାଜିକ ବିଷମତାର ସବୁଠାରୁ ଦୁଃଖଦ ଦିଗ। ଯେଉଁ ସ୍କୁଲଗୁଡ଼ିକ ଜ୍ଞାନର ମନ୍ଦିର ହେବା କଥା, ସେଗୁଡ଼ିକ କେବଳ ଅନ୍ନ ବଣ୍ଟନର କେନ୍ଦ୍ର ହୋଇ ରହିଯାଇଛନ୍ତି। ଶିକ୍ଷାର ସେହି ମୂଳ ଉଦ୍ଦେଶ୍ୟ, ଯାହା ପିଲାର ମାନସିକ ଏବଂ ବୌଦ୍ଧିକ ବିକାଶ ସହ ଯୋଡ଼ିହୋଇଥିଲା, ତାହା ଡାଲି-ଭାତ ଥାଳି ପଛରେ କେଉଁଠି ଲୁଚିଗଲାଣି। ଦୁର୍ନୀତି ଶିକ୍ଷାର ପୂରା ଢାଞ୍ଚାକୁ ଫମ୍ପା କରିଦେଇଛି। ପିଲାଙ୍କ ପାଖରେ ବହି, ୟୁନିଫର୍ମ ଏବଂ ସାଇକେଲ ପହଞ୍ଚିବାରେ ଅଧା ଶିକ୍ଷାବର୍ଷ ବିତିଯାଏ। ବହି ବିନା ଶ୍ରେଣୀଗୃହ ବିନା ଅସ୍ତ୍ରଶସ୍ତ୍ରରେ ସୀମାର ସୈନିକ ପରି।

ତଥାପି, ଆଶାର କିରଣ ବାକି ଅଛି। ସାରା ବିଶ୍ୱର ବିକଶିତ ଦେଶରେ ପ୍ରଗତିର ମୁଖ୍ୟ ଆଧାର ସରକାରୀ ସ୍କୁଲ। ସେଠାରେ ବାପା-ମା' ନିଜ ପିଲାମାନଙ୍କୁ ନେଇ ଘରୋଇ ସ୍କୁଲକୁ ଯାଆନ୍ତି ନାହିଁ। ଆମ ଦେଶରେ ମଧ୍ୟ ସମ୍ପ୍ରତି କିଛିବର୍ଷରେ କେତେକ ରାଜ୍ୟ ସରକାର ଏବଂ ଅନେକ ଶିକ୍ଷକ ଏହା ପ୍ରମାଣିତ କରିଛନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ପରିବର୍ତ୍ତନ ସମ୍ଭବ। ଦେଶର କୋଣ-ଅନୁକୋଣରେ ଏପରି ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ କୌଣସି ସରକାରୀ ସାହାଯ୍ୟ ବିନା, ନିଜର ଆଗ୍ରହରେ ସ୍କୁଲଗୁଡ଼ିକୁ ସ୍ମାର୍ଟ କ୍ଲାସ୍ ଏବଂ ସୁନ୍ଦର ପରିସରରେ ରୂପାନ୍ତରିତ କରୁଛନ୍ତି। କିନ୍ତୁ ପରିବର୍ତ୍ତନର ଏହି ଉଦାହରଣଗୁଡ଼ିକ ଯଥେଷ୍ଟ ନୁହେଁ। ଏହି ସମୟରେ ପୂରା ବ୍ୟବସ୍ଥାର କାୟାକଳ୍ପର ଆବଶ୍ୟକତା ଅଛି। ପ୍ରଥମେ ସମାଜକୁ ନିଜର ଚିନ୍ତାଧାରା ବଦଳାଇବାକୁ ପଡ଼ିବ। ଆମକୁ ଏହା ବୁଝିବାକୁ ହେବ ଯେ ସରକାରୀ ସ୍କୁଲଗୁଡ଼ିକ ସରକାରଙ୍କର ନୁହେଁ ଆମ ନିଜର।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ନଡ଼ିଆ
(Coconut-Cocos nucifera)

**ସୌଭାଗ୍ୟସୁନ୍ଦର**

ନଡ଼ିଆ ମୂଳତଃ ଦକ୍ଷିଣ-ପୂର୍ବ ଏସିଆର ମୂଳଜାତ ଉଦ୍ଭିଦ। ଭାରତ ଓ ପୂର୍ବ ଆଫ୍ରିକାକୁ ଏହାର ପ୍ରବେଶ ପରେ ହୋଇଥିବା ବିଶ୍ୱାସ କରାଯାଏ। ଭାରତରେ ନଡ଼ିଆ ଉତ୍ପାଦନରେ ତାମିଲନାଡୁ, କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶ ଅଗ୍ରଣୀ। ଯଦିଓ କେରଳରେ ସର୍ବାଧିକ ସଂଖ୍ୟକ ନଡ଼ିଆ ଗଛ ଅଛି, ହେକ୍ଟର ପିଛା ଉତ୍ପାଦନରେ ତାମିଲନାଡୁ ଆଗରେ ରହିଛି। ନଡ଼ିଆ କେରଳର ସରକାରୀ ରାଜ୍ୟ ଗଛ।

ନଡ଼ିଆ ଏକବୀଜପତ୍ରୀ ଉଦ୍ଭିଦ, ଯାହା ଏକକ କାଣ୍ଡ ବିଶିଷ୍ଟ। କାଣ୍ଡର ଶୀର୍ଷରେ ଅନେକ ପତ୍ର ଚତୁର୍ଦ୍ଦିଗକୁ ବିସ୍ତାରିତ ହୋଇ ରହିଥାଏ। କାଣ୍ଡ ଶାଖାହୀନ, ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ପତ୍ରଗୁଡ଼ିକ ଆକାରରେ ବଡ଼। ପୁରୁଣା ପତ୍ରଗୁଡ଼ିକ ପରିପକ୍ୱ ହେବା ପରେ ଝଡ଼ି ତଳେ ପଡ଼ିଯାଏ ଏବଂ ମସୃଣ ଗଣ୍ଡିରେ ଏକ ଦାଗ ଛାଡ଼ିଯାଏ। ନଡ଼ିଆ ଏକ ଡ୍ରୁପ୍ ବା ଅଷ୍ଟିଳା ଫଳ। ଏହାର ତିନୋଟି ସ୍ତର ଥାଏ - ଯଥା ଏକ୍ସୋକାର୍ପ ବା ବାହ୍ୟାବରଣ, ମେସୋକାର୍ପ ବା ମଧ୍ୟାବରଣ ଏବଂ ଏଣ୍ଡୋକାର୍ପ ବା ଅନ୍ତରାବରଣ (ଅନ୍ତର୍ବର୍ମ)। ଏକ୍ସୋକାର୍ପ ହେଉଛି ଚକଚକିଆ ବାହ୍ୟ ଛାଲ, ସାଧାରଣତଃ ହଳଦିଆ-ସବୁଜରୁ ହଳଦିଆ-ମାଟିଆ ରଙ୍ଗର। ମେସୋକାର୍ପ ଫାଇବର ବା ତନ୍ତୁରେ ଗଠିତ, ଯାହାକୁ କଏର କୁହାଯାଏ। ଏକ୍ସୋକାର୍ପ ଏବଂ ମେସୋକାର୍ପ ନଡ଼ିଆର କତା ତିଆରି କରନ୍ତି, ଯେତେବେଳେ ଏଣ୍ଡୋକାର୍ପ କଠିନ ନଡ଼ିଆ 'ଖୋଳ' ତିଆରି କରନ୍ତି। ଏଣ୍ଡୋକାର୍ପର ଦୂରବର୍ତ୍ତୀ ପ୍ରାନ୍ତରେ ତିନୋଟି ସ୍ୱତନ୍ତ୍ର ଅଙ୍କୁରୀକରଣ ଛିଦ୍ର (ମାଇକ୍ରୋପାଇଲ୍ସ) ଥାଏ। ଦୁଇଟି ଛିଦ୍ର ବନ୍ଦ ହୋଇଥାଏ (ଆଖି), ଯେତେବେଳେ ଗୋଟିଏ କାର୍ଯ୍ୟକ୍ଷମ ଥାଏ। ଏଣ୍ଡୋକାର୍ପ ପ୍ରାରମ୍ଭରେ ଏକ ତରଳ ଏଣ୍ଡୋସ୍ପର୍ମ (ନଡ଼ିଆ ପାଣି) ସହିତ ପରିପୂର୍ଣ୍ଣ ହୋଇଥାଏ। ବିକାଶ ଜାରି ରହିବା ସହିତ, ଏଣ୍ଡୋସ୍ପର୍ମର କୋଷୀୟ ସ୍ତରଗୁଡ଼ିକ ଏଣ୍ଡୋକାର୍ପର କାନ୍ଥ ସହିତ ଜମା ହୁଏ। ଶେଷରେ ତାହା ଖାଦ୍ୟଯୋଗ୍ୟ କଠିନ ଏଣ୍ଡୋସ୍ପର୍ମ ବା ଭ୍ରୂଣପୋଷ କିମ୍ବା ଗର୍ଭପୋଷରେ ପରିଣତ ହୁଏ, ଯାହା ସମୟ ସହିତ କଠିନ ହୁଏ।

ନଡ଼ିଆ ଗଛ ଖାଦ୍ୟ, ଔଷଧ, ଇନ୍ଧନ, ପ୍ରସାଧନ ସାମଗ୍ରୀ, ନିର୍ମାଣ ସାମଗ୍ରୀ, ଇତ୍ୟାଦି ପ୍ରଦାନ କରେ। ଏହା ପୀଡ଼ାଲୋପୀ, ରକ୍ତ ବିଶୋଧକ ଓ କୃମିନାଶକ ହେବା ସହିତ ଉଚ୍ଚ ରକ୍ତଚାପ, ପ୍ରଦାହ, ଅସ୍ଥିସନ୍ଧି ପ୍ରଦାହ, ମଧୁମେହ, ବ୍ୟାକ୍ଟେରିଆ, ଭୂତାଣୁ, ଫଙ୍ଗସ, ତରଳ ଝାଡ଼ା, ନାଳ ରକ୍ତ ଝାଡ଼ା, ମ୍ୟାଲେରିଆ ଆଦି ରୋଗର ପ୍ରତିରୋଧୀ ରୂପେ କାର୍ଯ୍ୟକରେ। ବୃକକ୍, ହୃତପିଣ୍ଡ ଓ ଯକୃତର କାର୍ଯ୍ୟକୁ ସୁରକ୍ଷା ଦିଏ ଏବଂ ଅଲସର ଓ ଚର୍ମରୋଗରୁ ରକ୍ଷା କରେ। ଏହାର ମୂଳ ରଙ୍ଗ ଓ ମାଉଥୱାଶ୍ ପାଇଁ ବ୍ୟବହାର ହୁଏ।

କଞ୍ଚା ନଡ଼ିଆ ଭ୍ରୂଣପୋଷରେ ୪୭ % ପାଣି, ୩୩% ଚର୍ବି, ୧୫% କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଓ ୩% ପ୍ରୋଟିନ୍ ଥାଏ। ନଡ଼ିଆରେ ପଲିଫେନୋଲ୍, ଫେନୋଲ୍, ଟାନିନ୍, ଲ୍ୟୁକୋଆନ୍ଥୋସାଇନାଇଡିନ୍, ଫ୍ଲାଭୋନଏଡ୍ସ, ଟ୍ରାଇଟରପେନ୍ସ, ଷ୍ଟେରଏଡ୍ସ, ସାପୋନିନ୍, ଘନୀଭୂତ ଟାନିନ୍, କ୍ୟାଟେଚିନ୍, ଏପିକେଟେଚିନ୍, ଲୌରିକ୍ ଏସିଡ୍, ବାୟୋଟିନ୍, ରାଇବୋଫ୍ଲାଭିନ୍, ଫୋଲିକ୍ ଏସିଡ୍, ଭିଟାମିନ୍ ବି୧, ବି୬, ଏବଂ ସି, ପାଇରିଡୋକ୍ସିନ୍, ଥିଆମିନ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍, ଏଲ୍-ଆର୍ଜିନାଇନ୍, ଏନଜାଇମ୍ ଏବଂ ଉଦ୍ଭିଦ ହରମୋନ୍‌ର କିଛି ପରିମାଣ ଥାଏ।

ପରିପକ୍ୱ ଫଳର ରସାଳ ଭ୍ରୂଣପୋଷ ଅନେକ ଲୋକଙ୍କ ଖାଦ୍ୟର ଏକ ନିୟମିତ ଅଂଶ। ପରିପକ୍ୱ ନଡ଼ିଆ ଭ୍ରୂଣପୋଷରୁ ତେଲ ଓ ନଡ଼ିଆ କ୍ଷୀର; କଠିନ ଖୋଳ ବା ଏଣ୍ଡୋକାର୍ପରୁ କୋଇଲା ଏବଂ ତନ୍ତୁମୟ ମେସୋକାର୍ପ ବା ମଧ୍ୟାବରଣରୁ କଏର ପାଇଁ ପ୍ରକ୍ରିୟାକରଣ କରାଯାଇପାରିବ। ଶୁଖିଲା ନଡ଼ିଆ ଭ୍ରୂଣପୋଷକୁ କୋପ୍ରା କୁହାଯାଏ ଏବଂ ଏଥିରୁ ପ୍ରାପ୍ତ ତେଲ ଓ କ୍ଷୀର ସାଧାରଣତଃ ରୋଷେଇ, ସାବୁନ ଓ ପ୍ରସାଧନ ସାମଗ୍ରୀରେ ବ୍ୟବହୃତ ହୁଏ। କଠିନ କୋଷ, ତନ୍ତୁମୟ କତା ଓ ଲମ୍ବା ପତ୍ର ସାଜସଜ୍ଜା ପାଇଁ ବ୍ୟବହୃତ ହୁଏ। ନଡ଼ିଆ କତା ଏବଂ ସଢ଼େଇରୁ ପାପୁଛ, କାର୍ପେଟ, କଣ୍ଢେଇ ଆଦି ପ୍ରସ୍ତୁତ କରାଯାଏ। 'ସବୁଜ ନଡ଼ିଆ' ବା 'ପଇଡ଼' ଭାବରେ ଜଣାଶୁଣା ଅପରିପକ୍ୱ ନଡ଼ିଆ, ନଡ଼ିଆ ପାଣି ଏବଂ ନରମ ଜେଲି ଭାବେ ବିକ୍ରି କରାଯାଏ। (କ୍ରମଶଃ...)

ମୋ: ୯୭୭୭୮୦୦୪୦୮

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

# ପ୍ରତ୍ୟେକ ପରିବାରରୁ ଅନ୍ୟୁନ ଜଣେ ସମବାୟ ସଦସ୍ୟ

ଭୁବନେଶ୍ୱର,୩୦।୮ (ସମିସ): ଓଡ଼ିଶା ରାଜ୍ୟ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ଦିଗରେ ସରକାର ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଆସନ୍ତା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ। 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜୀକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେସନ୍‌ର ଶୁଭାରମ୍ଭ ହେବ। ଏହି ସଦସ୍ୟତା ଅଭିଯାନ ସମ୍ବନ୍ଧ ମାଧ୍ୟମରେ ସମବାୟ ବିଭାଗ ଗ୍ରାମାଞ୍ଚଳର ସମସ୍ତ ଘରୁ ଅତିକମରେ ଜଣଙ୍କୁ ସଦସ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି।

ସୂଚନା ଅନୁଯାୟୀ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୮୦ଟି ପ୍ୟାକ୍ସ ଓ ଲ୍ୟାମ୍ପସ ପାଖାପାଖି ୩ ଲକ୍ଷରୁ ଅଧିକ ହିତାଧିକାରୀ ୧୪ କୋଟି ଟଙ୍କା ଲାଭାଂଶ ପାଇବେ। ସେହିପରି ରାଜ୍ୟ ସରକାର ମଧ୍ୟ ଅଂଶୀଦାର ଭାବରେ ୪ କୋଟି ୨୨ ଲକ୍ଷ ଟଙ୍କା ପାଇବେ, ଯାହା ପୁନର୍ବାର ସମବାୟ କ୍ଷେତ୍ରର ବିକାଶ ପାଇଁ ବିନିଯୋଗ ହେବ। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବର୍ତ୍ତମାନ ୭୬ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା ବେଳେ ୧ତାରିଖ ଦିନ ଆଭାଷୀ ମାଧ୍ୟମରେ ଆଉ ୨୧ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟନ କରାଯିବ। ଏହା ସହିତ ଗ୍ରାମାଞ୍ଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଦ୍ରବ୍ୟ ଯୋଗାଇଦେବା ପାଇଁ ୪୬ଟି ଖାଉଟି କେନ୍ଦ୍ର ଏବଂ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ଓ ବେସରକାରୀ ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୦ଟି ଜନସେବା କେନ୍ଦ୍ରର ମଧ୍ୟ ଶୁଭାରମ୍ଭ କରାଯିବ। ସେହିପରି ରାଜ୍ୟର ସମସ୍ତ ଜିଲ୍ଲାରେ ଉନ୍ନତ ଭିତ୍ତିଭୂମି ଥିବା ୧୦୦ଟି ମଡେଲ ମଣ୍ଡି ସ୍ଥାପିତ ହେବ। ପ୍ରଥମ ପର୍ଯ୍ୟାୟରେ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଥିବା ୩୮ଟି ମଡେଲ ମଣ୍ଡି ମଧ୍ୟରୁ ମଙ୍ଗଳବାର ଦିନ କଟକରେ ୨ଟି, ଖୋର୍ଦ୍ଧାରେ ୧ଟି ଏବଂ ପୁରୀରେ ୧ଟି ସମେତ ମୋଟ ୪ଟି ମଡେଲ ମଣ୍ଡିର ଭିତ୍ତିପ୍ରସ୍ତର ଆଭାଷୀ ମାଧ୍ୟମରେ ସ୍ଥାପନ କରାଯିବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ସମବାୟ ବିଭାଗର 'ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା' ଅଧୀନରେ ପ୍ରଥମ ଦଫାରେ ନିର୍ମାଣ ହେବାକୁ ଥିବା ୧୯ଟି ଗୋଦାମ ମଧ୍ୟରୁ ୩ଟିର ଭିତ୍ତିପ୍ରସ୍ତର ସ୍ଥାପନ ହେବ ବୋଲି ଜଣାପଡ଼ିଛି।

# ପଞ୍ଜୀକରଣ ଅବଧି ଅନ୍ୟୁନ ୨୦ ଦିନ ବୃଦ୍ଧି ହେଉ: ବିଜେଡି


ଭୁବନେଶ୍ୱର,୩୦।୮ (ସମିସ): ରାଜ୍ୟର ୨୦ଟି ଜିଲ୍ଲା ବର୍ଷା ଓ ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ପ୍ରତ୍ୟେକ ନଦୀରେ ୨ରୁ ୩ଥର ବନ୍ୟା ଆସିବା ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି । ଗତବର୍ଷ ୨୩ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୭ ଲକ୍ଷ ଚାଷୀ ନାମ ପଞ୍ଜୀକୃତ କରିପାରିଛନ୍ତି। ଏବେ ବି ପ୍ରାୟ ସାଢ଼େ ୪ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣର ଶେଷ ଅବଧିକୁ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଜେଡି ଦାବି କରିଛି ।

ରବିବାର ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଉପସଭାପତି ଶ୍ରୀ ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି ଯେ ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆପ୍ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାର ଯେଉଁ ଆପ୍ ଦେଇଛନ୍ତି, ତାହା ଦ୍ୱାରା ଲକ୍ଷାଧିକ ଭାଗ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ି ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ରିୟଲ ଟାଇମ ବେସିସରେ ଜମି ମାଲିକ ନିଜେ ସମବାୟ ସମିତିରେ ଉପସ୍ଥିତ ରହି ଇ-କେୱାଇସି କରିବା ପାଇଁ ସଫ୍ଟୱେୟାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାଗଚାଷୀ ପୋର୍ଟାଲରେ ପଞ୍ଜୀକରଣ କରି କେମିତି ଧାନ ବିକ୍ରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି । ଏହା ସହିତ ସରକାର ଆଣିଥିବା 'କଲମ-୨' ସଂଶୋଧନକୁ ଏକ କଳା ଆଇନ ଆଖ୍ୟା ଦେଇ ସେ କହିଛନ୍ତି ଯେ ଏକା ସମୟରେ

- ସରକାରଙ୍କ ଭୁଲ ନୀତି ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ଚାଷୀ
- ଭାଗ ଚାଷୀ ଓ କଲମ-୨ର ସଂଶୋଧନକୁ ନେଇ ଅସନ୍ତୋଷ

ଏହି ସଂଶୋଧନ କରିବାକୁ ଯାଇ ଚାଷୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରଥମେ ଚକବନ୍ଦୀ କାର୍ଯ୍ୟ ଶେଷ କରାଯାଉ, ତା'ପରେ ଗ୍ରହଣଯୋଗ୍ୟ ଢଙ୍ଗରେ କଲମ-୨ ସଂଶୋଧନ କରାଯାଉ। ଛତିଶଗଡ଼ରେ ଡବଲ ଇଞ୍ଜିନ ସରକାର ଚାଷୀଙ୍କୁ ପଞ୍ଜୀକରଣ ପାଇଁ ୪ ମାସ ସମୟ ଦେଉଥିବା ବେଳେ ଓଡ଼ିଶାରେ କାହିଁକି ମାତ୍ର ମାସେ ସମୟ ଦିଆଯାଉଛି ? ଓଡ଼ିଶା ଚାଷୀଙ୍କ ପ୍ରତି ଏଭଳି ପାତରଅନ୍ତର ମନୋଭାବ ଗ୍ରହଣଯୋଗ୍ୟ ନୁହେଁ। ପଞ୍ଜୀକରଣଠାରୁ ଆରମ୍ଭ କରି ଟୋକନ ଅବ୍ୟବସ୍ଥା, ମଣ୍ଡି ଅବ୍ୟବସ୍ଥା, ମିଲର ସମସ୍ୟା ଏବଂ ପ୍ରାପ୍ୟ ପ୍ରଦାନରେ ଲମ୍ବା ସମୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ଚାଷୀ ଆଜି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେଉଛନ୍ତି । ଯଦି ସରକାର ତୁରନ୍ତ ଏହି ଦାବିଗୁଡ଼ିକ ପୂରଣ ନ କରନ୍ତି, ତେବେ ରାଜ୍ୟର ଚାଷୀକୁଳ ଏହାର ଦୃଢ଼ ଜବାବ ଦେବେ ବୋଲି ଶ୍ରୀ ଦାସବର୍ମା ଚେତାବନୀ ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଡିଏଲ୍‌ଓ



କେନ୍ଦୁଝର, ୩୦।୮ (ସମିସ): ବିଦ୍ୟୁତ୍ ବିଭାଗର ଜଣେ ଠିକାଦାରଙ୍କ ଲାଇସେନ୍‌ସ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍‌ସ ଟିମ୍ କେନ୍ଦୁଝର ଶ୍ରମ ଅଧିକାରୀ ଆକାଶ ବିଶୋଇଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଭିଜିଲାନସ ବିଭାଗ ଶ୍ରୀ ବିଶୋଇଙ୍କଠାରୁ ୨୦ ହଜାର ଟଙ୍କା ଜବତ କରିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରଖିଛି। ଗତ ୧୪ ତାରିଖରେ ସମ୍ପୃକ୍ତ ଟିପିଏନ୍‌ଓଡିଏଲ୍ ଠିକାଦାର ଲାଇସେନ୍‌ସ ପାଇଁ ଆବେଦନ କରିଥିଲା ବେଳେ ୧୬ ତାରିଖରେ ଶ୍ରୀ ବିଶୋଇ ଏନେଇ ତାଙ୍କଠାରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସମ୍ପୃକ୍ତ ଠିକାଦାର ଭିଜିଲାନ୍‌ସ ବିଭାଗରେ ଅଭିଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍‌ସ ଟିମ୍ ଚଢ଼ଉ କରି କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଧରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ଜାରି ରଖିଥିବା ଭିଜିଲାନ୍‌ସ ସୂତ୍ରରୁ ପ୍ରକାଶ।

## ସ୍ତ୍ରୀକୁ କାଠଫାଳିଆରେ ପିଟିପିଟି ହତ୍ୟା

ତୁରୁମୁଙ୍ଗା, ୩୦।୮ (ସମିସ): ମଦ୍ୟପ ସ୍ୱାମୀର କାଠଫାଳିଆ ଆକ୍ରମଣରେ ସ୍ତ୍ରୀର ଜୀବନ ଯାଇଛି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲୀପଶି ଗ୍ରାମର ଭୂମିଜ ସାହିରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ମହିଳା ଜଣକ ହେଲେ ସବିତା ଭୂମିଜ (୨୨)। ବିଳମ୍ବିତ ରାତିରେ ସ୍ୱାମୀ ହେମନ୍ତ (୨୪) ମଦ୍ୟପାନ କରି ଘରକୁ ଫେରିଥିଲା। ସ୍ତ୍ରୀ ସବିତାଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ହେମନ୍ତ ଏକ କାଠ ଫାଳିଆରେ ସାବିତାଙ୍କୁ ନିର୍ଦ୍ଦୟ ଭାବେ ବାରମ୍ବାର ପିଟିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ପରେ ପାଟଣା ପୁଲିସ ତାକୁ ଗାଁ ନିକଟରୁ ଠାବ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପାଟଣା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ବିଳମ୍ବିତ ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀ ଏବଂ ଦୁଇ ଶିଶୁ ଘରେ ଥିବା ବେଳେ ବଚସା ଉଗ୍ରରୂପ ନେଇଥିଲା। ସକାଳୁ ଘଟଣାସ୍ଥଳରେ ଘଟଗାଁ ଏସଡିପିଓ ପ୍ରତାପ ରଞ୍ଜନ ତ୍ରିପାଠୀ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ସାହାରପଡା ଫାଣ୍ଡି ଅଧିକାରୀ ପାର୍ଥ ଓରାମ, କେନ୍ଦୁଝର ସାଇଣ୍ଟିଫିକ୍ ଅଫିସର ଲଗନା ବେବର୍ତ୍ତା, ଏଏସଆଇ ଧନଞ୍ଜୟ ପାତ୍ର ତଦନ୍ତ କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ୱାର୍ଡ ମେମ୍ବର ନାକୁ ଦାସଙ୍କ ଅଭିଯୋଗ ପରେ ପାଟଣା ଥାନାରେ ଏକ ମାମଲା ରୁଜୁ କରି ସ୍ୱାମୀ ହେମନ୍ତକୁ ଅଟକ ରଖିଛି ପୁଲିସ। ମୃତକଙ୍କ ୪ ବର୍ଷର ଏକ ଶିଶୁପୁତ୍ର ଓ ଦେଢ଼ବର୍ଷର ଏକ ଶିଶୁକନ୍ୟା ଥିବା ବେଳେ ମା'କୁ ହରାଇ ଅନାଥ ହୋଇପଡ଼ିଛନ୍ତି।

**ବେସାହାରା ହେଲେ ଦୁଇ ନିଷ୍ପାପ ଶିଶୁ**

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, dated 29/08/2026, C.F No -1, I , Shreya Suman Dash, D/o Sanjeev Kumar Dash, At Bentapur Jagiri, Bhingarpur, Po- Bhatpatna, Dist - Khorda, Odisha - 752115 declare that I have corrected the spelling of my father's name from Sanjib Kumar Dash to Sanjeev Kumar Dash. Henceforth, he shall be known as **Sanjeev Kumar Dash** for all purposes.
**Shreya Suman Dash**

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar on Dated. 24.08.2026, I, Gitarani Mohapatra, W/o-Narayan Mohapatra, Village- Hansapada, P.O.- Chanrapada, P.S.- Nimapara, Dist- Puri, Odisha, Pin-752106 do hereby declare that I have changed my name from Bijayalaxmi Sahoo to Gitarani Mohapatra. Henceforth she will be known as **Gitarani Mohapatra** for all purposes.

**AFFIDAVIT**
By virtue of an affidavit sworn before Executive Magistrate, Jaleswar, Balasore, Odisha vide Sl. no. 3506 dt.07.08.2026 I, Rupa Bindhani, D/o. Sudarshan Bindhani, At. Prasadsole, P.O. Asabandha, P.S. Raibania, Dist. Balasore, Odisha, PIN-756033, Aadhaar No. 866570871357 declare that I have changed my old name Radharani Bindhani to Rupa Bindhani. Henceforth, I shall be known as **Rupa Bindhani** for all purposes.

**AFFIDAVIT**
I, ALEMARA KHATUN aged about 28 years, W/O- AYUB KHAN, AT-RASAIPUR, BHOGRAI, DIST- BALESWAR , PIN-756038,ODISHA, declared by this Affidavit No.994/2026 Dated. 30.08.2026, That now onwards I shall Be Known As **ALEMARA BIBI** for all future Purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଡ଼ଙ୍ଗରେ ଫସିଛନ୍ତି...

ପ୍ରକଳ୍ପର ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଏହି ବନ୍ୟାରେ ନେପାଳ ଓ ତିବ୍ବତରେ ଥିବା ଶତାଧିକ ବିଦେଶୀ ପର୍ଯ୍ୟଟକ ଏବଂ କୈଳାସ ମାନସରୋବର ତୀର୍ଥଯାତ୍ରୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪୯ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ପ୍ରାୟ ୨୭୦ରୁ ଅଧିକ ଭାରତୀୟ ନାଗରିକ ଏବେ ମଧ୍ୟ ନିଖୋଜ ଅଛନ୍ତି। ନିଖୋଜ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ୪ ଜଣ ନାଗରିକ ମଧ୍ୟ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ୨ ଜଣ ଏବଂ ବରଗଡ଼ର ଜଣେ ମା'-ଝିଅ ଅଛନ୍ତି। ଅନ୍ୟପଟେ ଓଡ଼ିଶାର ଅନ୍ୟ ଦୁଇ ଜଣ ନାଗରିକ ଏବଂ ନେପାଳର ପୋଖରାରେ ଥିବା ଓଡ଼ିଶାର ଜଣେ ଫୁଟବଲ୍ କୋଚ୍ ଏବଂ ୬ ଜଣ ଖେଳାଳି ସୁରକ୍ଷିତ ଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ଏବଂ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀ ଏବଂ କାଠମାଣ୍ଡୁରେ ୨୪-ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ୍ ରୁମ୍ ଓ ହେଲ୍ପଲାଇନ୍ ଜାରି କରାଯାଇଛି।

ନେପାଳର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଭୋଟେ କୋଶୀ ଏବଂ ତ୍ରିଶୂଳୀ ନଦୀର ଜଳସ୍ତର ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନେପାଳ-ଚୀନ ସୀମାରେ ଧସି ପଡ଼ିଥିବା ପାହାଡ଼ ଓ ବରଫଖଣ୍ଡ ନଦୀର ଗତିପଥକୁ ଅବରୋଧ କରି ଏକ ବଡ଼ କୃତ୍ରିମ ହ୍ରଦ ସୃଷ୍ଟି କରିଛି। ଏହାର ବନ୍ଧ ଭାଙ୍ଗିଲେ ତଳମୁଣ୍ଡରେ ପୁଣି ଏକ ପ୍ରଳୟଙ୍କରୀ ବନ୍ୟା ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉଦ୍ଧାରକାରୀ ଦଳ ଏବଂ ନଦୀକୂଳିଆ ଅଞ୍ଚଳର ବାସିନ୍ଦାଙ୍କୁ ଅତ୍ୟଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜଙ୍ଗଲ ସଂରକ୍ଷଣ...

ଦେଖାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ ଆରମ୍ଭରୁ ଗ୍ରାମବାସୀଙ୍କ ବିରୋଧ ଓ ପାରମ୍ପରିକ ରକ୍ଷଣଶୀଳ ମାନସିକତାର ଶିକାର ହୋଇଥିଲେ ମଧ୍ୟ ମୈଥିଳୀ ପଛଘୁଞ୍ଚା ଦେଇ ନ ଥିଲେ। ପୁରୁଷକେନ୍ଦ୍ରିକ ବୋଲି ଧରାଯାଉଥିବା ଜଙ୍ଗଲ ପହରା, ପର୍ଯ୍ୟଟକ ପରିଚାଳନା ଓ ବନ୍ୟଜନ୍ତୁ ସୁରକ୍ଷା ଭଳି ଦାୟିତ୍ୱକୁ ନିଜ କାନ୍ଧକୁ ନେଇ ସେ ନାରୀଶକ୍ତିର ପରିଚୟ ସୃଷ୍ଟି କରିଥିଲେ। ୨୦୨୩ ମସିହାରେ ବନ ବିଭାଗ ସହଯୋଗରେ ସେ ଡେବ୍ରୀଗଡ଼ର ୧୦୦ ସିଟ୍ ବିଶିଷ୍ଟ "ଜିରୋ ପଏଣ୍ଟ ରେଷ୍ଟୁରାଣ୍ଟ'ର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ମାସିକ ପ୍ରାୟ ୯,୫୦୦ ଟଙ୍କା ରୋଜଗାର କରି ନିଜ ପରିବାରର ଆର୍ଥିକ ସ୍ଥିରତା ଆଣିବା ସହ ପିଲାମାନଙ୍କ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି। ମୈଥିଳୀଙ୍କ ପ୍ରେରଣାରେ ଜଙ୍ଗଲରୁ କଞ୍ଚା ଗଛ କାଟିବା ଓ କେନ୍ଦୁପତ୍ର ତୋଳିବା ବନ୍ଦ ହୋଇଛି। ଗ୍ରାମବାସୀଙ୍କୁ ରନ୍ଧନ ଗ୍ୟାସ ବ୍ୟବହାର, ଶୌଚାଳୟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଶିକାର ବିରୋଧରେ ସଚେତନ କରି ସେ ଧୋଡ୍ରେରାକୁସୁମକୁ ଏକ "ସବୁଜ ଗ୍ରାମ' ଭାବେ ଗଢ଼ି ତୋଳିଛନ୍ତି। ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସେ ଗ୍ରାମର ଇକୋ-ଡେଭଲପ୍‌ମେଣ୍ଟ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ ଏକାକୀ ମହିଳା ଓ ବିଧବା ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ଧୋଡ୍ରେରାକୁସୁମରେ ଆଦିବାସୀ ମହିଳା ପରିଚାଳିତ "ହୋମଷ୍ଟେ' ପ୍ରକଳ୍ପ ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ପରେ ସମଗ୍ର ରାଜ୍ୟରେ ଖୁସିର ଲହରୀ ଖେଳିଯାଇଛି। ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମରେ ମୈଥିଳୀଙ୍କୁ ପ୍ରଶଂସା କରିଥିବାରୁ ବେଶ ଖୁସି ଥିବା ମୈଥିଳୀ କହିଛନ୍ତି।

### ପରିବାର ନ ପୋଷିଲେ...

ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡିଡିଓ ସଂପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସଂପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲୋକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ। ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ୭ ଦିନ ବଢ଼ିଲା...

ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଏହାର ଶେଷ ଦିନ ଥିଲା। ତେବେ ବର୍ଷା, ବନ୍ୟା ତଥା କେତେକ କାରଣ ପାଇଁ ଅନେକ ଚାଷୀ ପଞ୍ଜୀକରଣ କରିପାରୁ ନ ଥିଲେ। ଅନ୍ୟପକ୍ଷରେ ନେଟୱାର୍କ ସମସ୍ୟା ଯୋଗୁଁ ଚାଷୀ ରାତିରାତି ପଞ୍ଜୀକରଣ ପାଇଁ ଅପେକ୍ଷା କରୁଥିଲେ । ଯାହାକୁ ନେଇ ଯାବତୀୟ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ ଓ ଏହାପରେ ସରକାର ଅବଧି ୭ ଦିନ ବଢ଼ାଇଛନ୍ତି। ଅପରପକ୍ଷେ ପଞ୍ଜୀକରଣ ବେଳେ ଯେଉଁଠି ନେଟୱାର୍କ ସମସ୍ୟା ରହିଛି, ବୈଷୟିକ ଟିମ୍ ଏହାକୁ ଦୂର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଅନୁଯାୟୀ ଆଜି ସୁଦ୍ଧା ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଖରିଫରେ ମୋଟ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜିକରଣ କରିଥିଲେ।

### ଶୁଦ୍ଧିକ୍ରିୟାର ମାସକ...

ପରିବାର ଲୋକେ ବାଧହୋଇ ମୃତଦେହ ଗ୍ରହଣ କରିବା ସହ ସତ୍କାର କରିଥିଲେ। ପରେ ପୁଅ ମରିଯାଇଥିବା ଭାବି ଶୁଦ୍ଧିକ୍ରିୟା ମଧ୍ୟ କରିଥିଲେ। ମାତ୍ର ମାସକ ପରେ ସନାତନ ଜୀବିତ ଅବସ୍ଥାରେ ଘରକୁ ଫେରି ଆସିଛନ୍ତି। ପୁଲିସର ଖାମଖିଆଲ ନୀତି ଯୋଗୁଁ ଏପରି ଘଟଣା ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବାଲିମି ଥାନାଧିକାରୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ, ଏଭଳି ଅଭିଯୋଗ ଆମ ଥାନାରେ ପୂର୍ବରୁ ହୋଇ ନ ଥିଲା ବୋଲି କହିଛନ୍ତି। ପ୍ରତିକ୍ରିୟା ପାଇଁ ରାସୋଳ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅନ୍ୟପଟେ ସନାତନକୁ ଫେରି ପାଇବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।

### ଶୁଖିଲା ଗଛ ପଡ଼ି...

ଘଟଣାସ୍ଥଳରେ ମୃତକଙ୍କ ପରିବାର ଲୋକେ ପହଞ୍ଚିଥିବା ବେଳେ ଫିରିଙ୍ଗିଆ ଥାନାରେ ମୃତକଙ୍କ ଦାଦା ଦାନଇଁ କହଁର ଗଛ ପଡ଼ି ପୁତୁରାର ମୃତ୍ୟୁ ହୋଇଥିବା ଲିଖିତ ଭାବରେ ଜଣାଇଥିଲେ। ପରେ ଫିରିଙ୍ଗିଆ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଦେଇଥିବା ଜଣାପଡ଼ିଛି। ଏଥିସହ ଅଧିକ ତଦନ୍ତ ଚାଲୁ ରହିଥିବା ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀ ଧର ସାହୁ ସୂଚନା ଦେଇଛନ୍ତି। ଅନ୍ୟପଟେ ରାସ୍ତା କଡ଼ରେ ବିଭିନ୍ନ ଜାଗାରେ ଶୁଖିଲା ଗଛ ବିପଦପୂର୍ଣ୍ଣ ଭାବରେ ରହିଥିବା ବେଳେ ଅଭିଯୋଗ ପରେ ବି କେହି ଗୁରୁତ୍ୱ ଦେଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏପରିକି ବିଭାଗୀୟ ଅବହେଳାରୁ ଏଭଳି ଗଛ ପଡ଼ି ମୃତ୍ୟୁ ଘଟୁଥିବା ଅଞ୍ଚଳବାସୀ କହିଛନ୍ତି।

### ଖସୁନି ପେଟ୍ରୋଲ...

ସାଧାରଣ ଖାଉଟିଙ୍କ ପ୍ରଶ୍ନ ଯେତେବେଳେ ଦେଶରେ ଇଥାନଲର ବ୍ୟବହାର ବୃଦ୍ଧି ପାଉଛି ଏବଂ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବର୍ତ୍ତମାନ ହ୍ରାସ ପାଉଛି, ସେତେବେଳେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କେବେ ହ୍ରାସ ହେବ ? ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ଲିଟର ପ୍ରତି ୧୦୦.୮୦ ଟଙ୍କା ଉପରେ ରହିଛି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ହେଉଛି, ପେଟ୍ରୋଲରେ ଇଥାନଲ ମିଶ୍ରଣର ପ୍ରାଥମିକ ଉଦ୍ଦେଶ୍ୟ ଖୁଚୁରା ଇନ୍ଧନ ମୂଲ୍ୟ ହ୍ରାସ କରିବା ନୁହେଁ, ବରଂ ଆମଦାନୀକୃତ ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା କମ୍ କରିବା।

ଅପରପକ୍ଷେ ଭାରତରୁ ଯାଉଥିବା ପେଟ୍ରୋଲ ଏବେ ରୁଷର 'ଜୀବନ ରେଖା' ପାଲଟିଛି। ୟୁକ୍ରେନର ଡ୍ରୋନ ଆକ୍ରମଣର ପ୍ରଭାବ ଏବେ ରୁଷର ଇନ୍ଧନ ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଅନେକ ରୁଷର ତୈଳ ବିଶୋଧନାଗାର ଉପରେ ଆକ୍ରମଣ ଘରୋଇ ପେଟ୍ରୋଲ ଉତ୍ପାଦନକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ରୁଷ ତାର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ଦେଶରୁ ପେଟ୍ରୋଲ ଆମଦାନୀ କରିବାକୁ ବାଧ ହେଉଛି। ଏହି ପରିସ୍ଥିତିରେ, ଭାରତ ରୁଷକୁ ପେଟ୍ରୋଲର ଏକ ପ୍ରମୁଖ ଯୋଗାଣକାରୀ ଭାବରେ ଉଭା ହୋଇଛି। ମାତ୍ର ୨ ମାସରେ ଭାରତ ରୁଷକୁ ୧୦ ଲକ୍ଷ ବ୍ୟାରେଲ୍ ତୈଳ ରପ୍ତାନି କରିଛି।

## ଫୁଲ ତୋଳିବା ବେଳେ ହାତରେ ପଶିଗଲା ଲୁହା ଗ୍ରୀଲ୍

ପିପିଲି,୩୦।୮ (ସମିସ): ଖୁଦୁରୁକୁଣୀ ଓଷା ପାଇଁ ଫୁଲ ତୋଳିବାକୁ ଯାଇ ନାବାଳିକାଙ୍କ ହାତରେ ପଶିଗଲା ଲୁହା ଗ୍ରୀଲ୍‌ର ରଡ୍। ଗେଟ୍ ବନ୍ଦ ଥିବାରୁ ପାଚେରି ଉପରେ ଚଢ଼ି ଫୁଲ ତୋଳିବାକୁ ଚେଷ୍ଟା କରୁଥିବାବେଳେ ଅସାବଧାନତା କାରଣରୁ ଘଟିଲା ଅଘଟଣ। ଘଟଣା ଘଟିଛି ଡେଲାଙ୍ଗ ଥାନା ରେଙ୍ଗଳ ପଞ୍ଚାୟତ ଯମୁନା ଗାଁରେ। ଶନିବାର ଅପରାହ୍ଣ ସମୟରେ ନାବାଳିକା ଜଣକ ଖୁଦୁରୁକୁଣୀ ପୂଜା ପାଇଁ ଫୁଲ ତୋଳିବାକୁ ଯାଇଥିଲେ। ତେବେ ଗେଟ୍ ବନ୍ଦ ଥିବାରୁ ସେ ପାଚେରି ଉପରେ ଚଢ଼ି ଫୁଲ ତୋଳିବାକୁ ଚେଷ୍ଟା କରୁଥିଲେ। ହେଲେ ପାଚେରି ଉପରେ ଲାଗିଥିବା ସୁରକ୍ଷା ବଳୟ ଗ୍ରୀଲ୍ ହଠାତ୍ ତାଙ୍କ ହାତରେ ପଶିଯାଇଥିଲା। ନାବାଳିକା ଜଣକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଜଟଣୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ନେଇ ଅସ୍ତ୍ରୋପଚାର କରାଯାଇ ହାତରୁ ଲୁହା ଗ୍ରୀଲ୍ ବାହାର କରାଯାଇଥିବା ସୂଚନା ମିଳିଛି। ନାବାଳିକା ଜଣକ ହେଉଛନ୍ତି ସେହି ଗ୍ରାମର ସ୍ୱାଧୀନ ରାୟଙ୍କ ୧୩ ବର୍ଷର ଝିଅ ସୁପ୍ରିୟା ରାୟ। ସେ ଏବେ ସୁସ୍ଥ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

## ହାତୀ ଆକ୍ରମଣରେ ଯୁବକ ମୃତ

ତୁରୁମୁଙ୍ଗା, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ଦୁଧିଆଚୁଆ ନିକଟରେ ଶନିବାର ବିଳମ୍ବିତ ରାତିରେ ହାତୀ ଘଉଡ଼ାଇବାକୁ ଯାଇ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ସଦର ଥାନା କେରୀ ଗ୍ରାମର ବଡ଼ପଶି ସାହିର ସ୍ୱର୍ଗତ ନୃସିଂହ ନାଏକଙ୍କ ପୁଅ ନବଘନ। ବିଳମ୍ବିତ ରାତିରେ ୨୦ ଟିକିଆ ହାତୀପଲଙ୍କୁ ଘଉଡ଼ାଇବା ସମୟରେ ସେ ତଳେ ପଡିଯିବାରୁ ଆକ୍ରମଣ କରିଥିଲା ହାତୀ। ଗୁରୁତର ଅବସ୍ଥାରେ ବନ ବିଭାଗ କର୍ମଚାରୀ ଯୁବକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬**
**ଅବସରରେ ଖୋରଧା ପୌର ପରିଷଦ ତରଫରୁ**
**ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ । ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶ ବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ । ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧ ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ । ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ- ଏହା ହିଁ ଆମର ଆନ୍ତରିକ କାମନା ।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ - ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।


"ସ୍ୱଚ୍ଛ ଖୋରଧା - ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା - ଆମ ସମସ୍ତଙ୍କ ଖୋରଧା"

**କାବେରୀ ମୁଦୁଲି, (ଓ.ପ୍ର.ସେ.)** **ନିର୍ବାହୀ ଅଧିକାରୀ** **ପୌର ପରିଷଦ, ଖୋରଧା**
**ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି** **ପୌରାଧକ୍ଷା** **ପୌର ପରିଷଦ, ଖୋରଧା**
**ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ**
**ଓ ସମସ୍ତ ସଭ୍ୟ ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା**
OIPR-13001/13082/1/26-27/0007 13001/1694/2627

13001/1703/2627
ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଚାନ୍ଦବାଲି
OFFICE OF THE NOTIFIED AREA COUNCIL: CHANDBALI
E.Mail: chandbali.nac@gmail.com Pin:-756133 (Odisha)
ବିଜ୍ଞାପନ



Durga Padia Townhall cum Kalyan Mandap New Bus Stand Sanitation Work Smart Park





Wealth Centre FSTP Neheru Park I love Chandbali

ନିଖିଳ ଭାରତ ସ୍ୱାୟତ ଶାସନ – ୨୦୨୬ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛୁ

୦୧. ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗର ହାତ ବଢାଇ ଚାନ୍ଦବାଲି ସହରାଞ୍ଚଳକୁ ସବୁଜ ସୁନ୍ଦର କରି ଗଢି ତୋଳିବାରେ ସହାୟକ ହୁଅନ୍ତୁ ।
୦୨. ଠିକ ସମୟରେ ପରିଷଦର ବିଭିନ୍ନ ଟିକସ ଓ ଲାଇସେନ୍ସ ଫୀ ପଇଠ କରି ପରିଷଦର ଦ୍ରୁତପ୍ରଗତିରେ ସହାୟକ ହୁଅନ୍ତୁ ।
୦୩. ଆବଶ୍ୟକ ଫୀ ଜମା କରି ପରିଷଦରୁ ଟ୍ରେଡ ଲାଇସେନ୍ସ ହାସଲ କରନ୍ତୁ ।
୦୪. ଗୃହ ନିର୍ମାଣ ପୂର୍ବରୁ ପରିଷଦର ଅନୁମତି ନିଅନ୍ତୁ ଓ ଆବଶ୍ୟକ ପ୍ଲାନ, ଏଷ୍ଟିମେଟ୍ ଅନୁମୋଦନ କରାନ୍ତୁ ।
୦୫. ନିଜ ପରିବେଶକୁ ପରିଷ୍କାର ରଖିବା ସହ ପରିଷଦର ପରିମଳ କାର୍ଯ୍ୟରେ ସହଯୋଗ କରନ୍ତୁ ।
୦୬. ପଲିଥିନ ପରିବେଶର ବଡ ଶତ୍ରୁ, ଏହାର ବ୍ୟବହାର ବନ୍ଦ କରି ପରିବେଶର ସୁରକ୍ଷା କରନ୍ତୁ ।
୦୭. ଘର ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ, ଡେଙ୍ଗୁର ଭୟାଭୟତା ପ୍ରତି ସଚେତନ ରୁହନ୍ତୁ ।
୦୮. ସର୍ବୋପରି ପରିଷଦର ସମ୍ପତି ଆପଣଙ୍କର ସମ୍ପତି, ଏହାର ସୁରକ୍ଷାରେ ସହାୟତା କରନ୍ତୁ ।

ଶ୍ରୀ ଆଭାସ ରଞ୍ଜନ ପାଣିଗ୍ରାହୀ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି
ଶ୍ରୀମତୀ ଶାନ୍ତିଲତା ସେଠୀ ଅଧକ୍ଷା ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି
OIPR-13001/13129/1/26-27/0005

13001/1686/2627 **ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ**
**ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**
**ବିକାଶ ପଥେ " ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି**

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା :-ଗାଈ, ଗୋରୁ, ଛେଳି ,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହନିର୍ମାଣ କରାନ୍ତୁ ।
୮. ନୀଳଗିରି କୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ ।

**ଶ୍ରୀ ଅଂଶୁମାନ ପରିଡା** **ନିର୍ବାହୀ ଅଧିକାରୀ** **ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି**
**ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା** **ଭାରପ୍ରାପ୍ତ ନଗରପାଳ** **ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି**
**ସମସ୍ତ ସଭ୍ୟ/ ସଭ୍ୟା ଓ କର୍ମଚାରୀ ବୃନ୍ଦ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି**
OIPR-13001/13179/1/26-27/0005

**ସୋର ପୌରପାଳିକା କାର୍ଯ୍ୟାଳୟ, ସୋର, ବାଲେଶ୍ୱର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ର ମାଟି ସୋର ପୌରପାଳିକା ର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତରୋତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସୋର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ ।

**କାର୍ଯ୍ୟନିର୍ବାହୀ ଅଧିକାରୀ** **ସୋର ପୌରପାଳିକା**
**ଜିଲ୍ଲାପାଳ ବାଲେଶ୍ୱର ତଥା ଭାରପ୍ରାପ୍ତ ଅଧକ୍ଷ,** **ସୋର ପୌରପାଳିକା, ସୋର**
**ଏବଂ ସମସ୍ତ ପରିଷଦ ବୃନ୍ଦ, ସୋର ପୌରପାଳିକା**
OIPR-13001/13166/1/26-27/0006 13001/1685/2627

13001/1692/2627 **ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମ ରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।
୧) ଆପଣଙ୍କ ପ୍ରଦତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ।
୩) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧାସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭ ) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୯ ) ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପୌରାଞ୍ଚଳରେ ଦେଖା ଦେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଡେଙ୍କ ଓ ଗୁଣି ଗାରିଡି ଭଳି ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ ।

**ଶ୍ରୀ ପ୍ରଦିପ କୁମାର ପ୍ରଧାନ** **ନଗରପାଳ** **ଜଳେଶ୍ୱର ପୌରପାଳିକା**
**ଶ୍ରୀମତୀ ପୁଷ୍ପପ୍ରିୟା କାମିଲା** **ଉପ-ନଗରପାଳ ଜଳେଶ୍ୱର ପୌରପାଳିକା**
**ଶ୍ରୀ ହେମନ୍ତ କୁମାର ସିଂ ଓ ଆର ଏସ (ଏ ) ଜେବି** **କାର୍ଯ୍ୟ ନିର୍ବାହୀ ଅଧିକାରୀ,** **ଜଳେଶ୍ୱର ପୌରପାଳିକା**
**ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା ଜଳେଶ୍ୱର ପୌରପାଳିକା**
OIPR-13001/13126/1/26-27/0007

# ଆଳିପିଙ୍ଗଳ ମଣ୍ଡଳରେ ହାଇମାଷ୍ଟ ଲାଇଟ୍ ଲୋକାର୍ପିତ

ଜଗତସିଂହପୁର,୩୦।୮ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଳିପିଙ୍ଗଳ ମଣ୍ଡଳରେ ୪ଟି ପଞ୍ଚାୟତରେ ସାଂସଦ ଡ. ବିଭୁ ପ୍ରସାଦ ତରାଇଙ୍କ ସାଂସଦ ପାଣ୍ଠିରେ ନିର୍ମିତ ହାଇମାଷ୍ଟ ଲାଇଟ୍ ଲୋକାର୍ପିତ ହୋଇଯାଇଛି। ଏଥିରେ ସାଂସଦଙ୍କ ସମେତ ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି କଳ୍ପନା ମହାନ୍ତି, ସର୍ଜନ ସିଂହ, ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ମଣ୍ଡଳ ସଭାପତି ଅନିରୁଦ୍ଧ ପତି, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି ଏବଂ ଜିଲ୍ଲା ଉପସଭାପତି ବିନୋଦ ବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପଲ୍ଲୀ ପଞ୍ଚାୟତ ମହାକାଳେଶ୍ୱର ମହାଦେବଙ୍କ ପୀଠରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମହିଳା ମୋର୍ଚ୍ଚା ସଭନେତ୍ରୀ ସର୍ଜନ ସିଂହଙ୍କ ମଞ୍ଚ ପରିଚାଳନାରେ ନିଗମାନନ୍ଦ ନନ୍ଦ ସିଂ ଅତିଥି ପରିଚୟ କରିଥିଲା ବେଳେ ମଞ୍ଚରେ ପୂର୍ବତନ ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି, ଜିଲ୍ଲା ସମ୍ପାଦକ ଚିର ରଞ୍ଜନ ପଣ୍ଡା,



ଅରବିନ୍ଦ ସାହୁଙ୍କ ସମେତ ସ୍ଥାନୀୟ ବାସିନ୍ଦା ସାଂସଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ସାହୁ, ପ୍ରମୋଦ ସିଂହ, ଜଗମୋହନ ଓଝା, ସୁବାସ ପରିଡା, ବଦ୍ରି ନାରାୟଣ ପରିଡା, ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ଜଗତସିଂହପୁର ବ୍ଲକ ସାଂସଦ ପ୍ରତିନିଧି ଶିଶିର ପାତ୍ର ଏବଂ ନଗର ସାଂସଦ ପ୍ରତିନିଧି ସମୀର ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ଜଗମୋହନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ଜନହିତକର କାର୍ଯ୍ୟ ଉଦ୍‌ଘାଟିତ

ପାରାଦୀପ,୩୦।୮ (ସମିସ): ଅସ୍ତରାକାଲି ପାରାଦୀପ ପୌର ପାଳିକା ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ପାଳନ କରାଯିବା ଏନେଇ ବହୁ ପୂର୍ବରୁ ପାରାଦୀପରେ ଥିବା ୧୯ଟି ୱାର୍ଡରେ ସ୍ୱଚ୍ଛତା ନେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିଲା। ଏହି ଅବସରରେ ଆଜି ପୌରପାଳିକା ଅଧ୍ୟକ୍ଷ ୫ ନମ୍ବର ୱାର୍ଡ ବାଲିଝୋରରେ ୩ କୋଟି ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବିଭିନ୍ନ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ସହିତ ଶିଳାନ୍ୟାସ ମଧ୍ୟ କରାଯାଇଛି। ବସ୍ତି ଲୋକଙ୍କ ସାମାଜିକ କାର୍ଯ୍ୟକ୍ରମ ପାଇଁ କମ୍ୟୁନିଟି ସେଣ୍ଟର, ଗୋ ସୁରକ୍ଷା ପାଇଁ ଗୋଶାଳାର ଉଦଘାଟନ ଓ ଅନ୍ୟ ଏକ ଗୋଶାଳା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁପ୍ରସାଦ ତରାଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସର କାଳୀନ ସମ୍ବର୍ଦ୍ଧନା ସଭା

ପାରାଦୀପ,୩୦।୮ (ସମିସ): ଆଜି ପାରାଦୀପ ବନ୍ଦର ଏସିଷ୍ଟି ଆସୋସିଏସନ ପକ୍ଷରୁ ଖେରୱାଲ ଦାମାଲ ଲେଡିଜ ଗ୍ରୁପ ତରଫରୁ ଏକ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବନ୍ଦରର ଡେପୁଟି ସେକ୍ରେଟାରୀ ପରାଗ ଟୁଡୁ ଏବଂ ଖେରୱାଲ ଦାମାଲର ସେକ୍ରେଟାରୀ ପୁରୁଷୋତ୍ତମ ବେଶ୍ରା, ଫଗ୍ରାମ ମାରାଣ୍ଡି, ବିରବଲ ଟୁଡୁ, ମଦନ ମାଝୀ, ରାମ ସୋରେନ ଏବଂ ସୁବାସିନୀ ବେଶ୍ରା, ସରସ୍ୱତୀ ବାସକେ, ଦୁର୍ଗା ମୁର୍ମୁଙ୍କ ଦ୍ୱାରା ଧ୍ରୁବଚନ୍ଦ୍ର ତରାଇ, ଜଇରାମ ପୁର୍ତି ଓ ସୁନ୍ଦର ମାରାଣ୍ଡିଙ୍କୁ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ଦେବା ସହ ତାଙ୍କ ପାଇଁ ନାଚଗୀତର ଆୟୋଜନ କରାଯାଇଥିଲା।

## ବିଦ୍ୟୁତ୍ କରେଣ୍ଟ ଲାଗି ମହିଳା ମୃତ

ରଘୁନାଥପୁର,୩୦।୮ (ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ଖଣ୍ଡତରି ଗ୍ରାମରେ ରବିବାର ବିଦ୍ୟୁତ କରେଣ୍ଟ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକା ଜଣଙ୍କ ହେଲେ ଉକ୍ତ ଗ୍ରାମର ରଞ୍ଜିତ ଡାକୁଆଙ୍କ ଝିଅ ଜୟଶ୍ରୀ ଡାକୁଆ (୨୯)। ସେ ବାଲିକୁଦା ଥାନା ମଠସାହି ଶରଣ ଗ୍ରାମର ଜ୍ୟୋତିରଞ୍ଜନ ପରିଡାଙ୍କୁ ବିବାହ କରିଥିଲେ। କିଛିଦିନ ହେବ ଜୟଶ୍ରୀ ବାପ ଘରକୁ ଆସିଥିଲେ। ସକାଳୁ ବାଥରୁମରୁ ନିତ୍ୟକର୍ମ ସାରି ଫେରୁଥିବା ବେଳେ ତଳେ ପଡ଼ିଥିବା ଏକ ଲିକେଜ୍ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଲାଗି ଯାଇଥିଲେ। ପରିବାର ଲୋକେ ତତକ୍ଷଣାତ୍ ବିଦୁ୍ୟତ ସଂଯୋଗକୁ ବିଚ୍ଛିନ୍ନ କରି ଜୟଶ୍ରୀଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଘୁନାଥପୁର ଥାନା ପୁଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଥାନାରେ ଏକ ୟୁଡି କେସ ନଂ ୭/୨୬ ହୋଇଥିବା ଆଇଆଇସି ପ୍ରେମଜିତ ଦାସ ପ୍ରକାଶ କରିଛନ୍ତି।

## ଲୋମାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା

କୁଜଙ୍ଗ,୩୦।୮ (ସମିସ): ରାଜ୍ୟସ୍ତରୀୟ ଜାତୀୟ କ୍ରୀଡ଼ା ଦିବସରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଲାଭ କରିଛନ୍ତି କୁଜଙ୍ଗ ଝିଅ ଲୋମା ସ୍ୱାଇଁ। କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇର ଜୋତିର୍ମୟୀ ଓ ଇଂ. ସଞ୍ଜୟ କୁମାର ସ୍ୱାଇଁଙ୍କ ସୁନା ଝିଅ ଲୋମା ଜଣେ ଦିବ୍ୟାଙ୍ଗ ଝିଅ। ନିଜର ଦକ୍ଷତା, ଦୃଢ଼ ଇଚ୍ଛା ଶକ୍ତି ଓ କଠୋର ଅଧ୍ୟବସାୟ ବଳରେ ଲୋମା




ଜାତୀୟ ସ୍ତରରେ ମୋଟ ୧୦ଟି ପଦକ ସହ ବହୁ ବାର କରେଟ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ମାନିତ ହୋଇଛନ୍ତି। ସେ ଶ୍ରୀଲଙ୍କା, ଉଜ୍‌ବେକିସ୍ଥାନ ସହ ୨୫ତମ ସମର ଡିଫ ଅଲମ୍ପିକ୍ସ ଜାପାନର ଟୋକିଓଠାରେ ବ୍ରୋଞ୍ଜ ପଦକ ଜିତି ପ୍ରଥମ ଭାରତୀୟ ଭାବେ ଗୌରବ ଆଣିଛନ୍ତି। ତାଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ମିଳିଥିବାରୁ ପୂର୍ବତନ ସରପଞ୍ଚ ଧିରେନ୍ଦ୍ର କୁମାର ସ୍ୱାଇଁ, ବୈଷ୍ଣବ ଚରଣ ପରିଡ଼ା, କୋଚ୍ ଡ. ହରିପ୍ରସାଦ ପଟ୍ଟନାୟକ ଓ ଓଡ଼ିଶା ସ୍ପୋର୍ଟସ ଡିଫ ଆସୋସିଏସନ୍ ସଭାପତି ଅସିତ୍ ମିଶ୍ରଙ୍କ ସହ କୁଜଙ୍ଗ ଅଞ୍ଚଳରୁ ବହୁ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ସତ୍ୟସାଇ ପ୍ରେମ ପ୍ରବାହିନୀ ରଥକୁ ସ୍ୱାଗତ

ପାରାଦୀପ/କୁଜଙ୍ଗ,୩୦।୮ (ସମିସ): ଶ୍ରୀସତ୍ୟସାଇ ବାବାଙ୍କର ପ୍ରେମ ପ୍ରଭାହିନୀ ରଥ ଓଡ଼ିଶା ପରିକ୍ରମା କରୁଛି। ରଥ ପରିକ୍ରମା ସହିତ ବିଭିନ୍ନ ସ୍ଥାନରେ ମାଗଣା ସ୍ୱାସ୍ଥ୍ୟ ଶିବିର, ଦରିଦ୍ର ନାରାୟଣ ସେବା ଏବଂ ଆଧ୍ୟାତ୍ମିକ ଭଜନ ସନ୍ଧ୍ୟା ଆଦିର ମଧ୍ୟ ଆୟୋଜନ କରାଯାଉଛି। ଆଜି ସକାଳେ କୁଜଙ୍ଗ ବ୍ଲକର ରାହାମାରେ ପ୍ରଥମେ ରଥକୁ ସ୍ୱାଗତ କରାଯାଇଥିଲା। ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁଙ୍କ ସହ ସମିତି ଆବାହକ ସରୋଜ କୁମାର ବେହେରା, ମହେଶ୍ୱର ମହାନ୍ତି, ସଦାଶିବ ସାହୁ ପ୍ରମୁଖ ଶତାଧିକ ସାଇ ସେବକ ଯୋଗ ଦେଇଥିଲେ। ସେହିପରି ଭୂତମୁଣ୍ଡାଇ ପଞ୍ଚାୟତ ଫୁଲବେଲାରୀ ବାବାଜୀ ଚରଣ ପୃଷ୍ଟିଙ୍କ ପୌରୋହିତ୍ୟ ସ୍ୱାଗତ କରାଯାଇଥିଲା। ଏଥିରେ ରଘୁନାଥ ସାହୁ, ଜୟନ୍ତୀ ସାଇଁ, ଦାଶରଥି ପୃଷ୍ଟି, ସାଇ ଶଙ୍କର ମହାନ୍ତି ଓ ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ସାମିଲ ହୋଇଥିଲେ। ସକାଳ ୧୦ଟାରେ ରଥ ବିଶ୍ୱାଳି ବଜାର ନିକଟରେ ପହଞ୍ଚିଥିଲା। ଏହି ଅବସରରେ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ, ବିଶ୍ୱାଳି ସୌଜନ୍ୟରୁ ଝୋଟିଚିତା, ମୁରୁଜ ଓ ଫୁଲରେ ରଥକୁ ସ୍ୱାଗତ କରାଯାଇଥିଲା। ପରେ ରଥକୁ ବନ୍ଦର ସହର ନୂଆବଜାରରେ ଥିବା ସତ୍ୟସାଇ ମନ୍ଦିରଠାରେ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମିତିର ରାଜ୍ୟ ସଭାପତି ଡା. ସତ୍ୟସ୍ୱରୁପ ପଟ୍ଟନାୟକ, ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପ୍ରଶାନ୍ତ ମହାରଣା ଓ ବହୁ ଭକ୍ତ ଉପସ୍ଥିତ ଥିଲେ।

## ଶିଶୁ ମନ୍ଦିରରେ ସଂସ୍କୃତ ଦିବସ

ଜଗତସିଂହପୁର, ୩୦।୮ (ସମିସ): ଜଗତସିଂହପୁର ଜିଲ୍ଲା ସଂସ୍କୃତ ବିକାଶ ପରିଷଦ ପକ୍ଷରୁ ବଡବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର, ଏସଭିଏମ୍ ଜୁନିୟର କଲେଜର ସେବାନିବୃତ୍ତ ଅଧ୍ୟକ୍ଷ ଡ.ବିଜୟ କୁମାର ବିଶ୍ୱାଳ, ପଣ୍ଡିତ ବିପିନ ବିହାରୀ ପାଣିଗ୍ରାହୀ, ଶିକ୍ଷାବିତ୍ ବସନ୍ତ କୁମାର ଦାଶ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବାରିକ, ଶିକ୍ଷାବିତ୍ ବିଜୟ କୁମାର ରଥ, ଡାକ୍ତର ଶ୍ରୀହର୍ଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁଦିବସରେ ରାଷ୍ଟ୍ରପତି ପୁରସ୍କାର ପାଇବାକୁ ଯାଉଥିବା କୃତି ଶିକ୍ଷକ ପଦରଜ ଉମାକାନ୍ତ ନାୟକ, ସଂସ୍କୃତ ଭାଷାରେ ପାରଦର୍ଶିତା ଲାଭ କରିଥିବା ଦୟାନିଧି ମହାପାତ୍ର, ବିଜୟିନୀ ମହାପାତ୍ର, ପଣ୍ଡିତ ଗୋବିନ୍ଦ୍ର ଚନ୍ଦ୍ର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂସ୍କୃତ ଭାଷା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଶୁଭଶ୍ରୀ ବିଶ୍ୱାଳ, ପ୍ରତିସ୍ମା ସାହୁ, ସ୍ୱାତୀ ସ୍ୱାଗତିକା, ପ୍ରତିକ୍ଷା ଦାସ, ବିଦ୍ୟୁସ୍ମିତା କାଣ୍ଡି ଏବଂ ଏଏମ୍ ରୋଶନୀଙ୍କୁ ପରିଷଦ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଆଲୋକ କୁମାର ଖଟୁଆ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଂସ୍କୃତ ଶିକ୍ଷକ ପ୍ରବୀର ମିଶ୍ର, ଅଧ୍ୟାପକ ପ୍ରଦୀପ୍ତ ଆ.ର୍ଯ୍ୟ ପ୍ରମୁଖ ଏବଂ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ।

## ରୀନା ବେଉରାଙ୍କ ସ୍ମୃତିଚାରଣ ସଭା

ପାରାଦୀପ,୩୦।୮ (ସମିସ): ଇଫ୍‌କୋ ପାରାଦୀପ ୟୁନିଟ୍‌ର ଲୋକସମ୍ପର୍କ ଅଧିକାରୀ ତଥା ନେମାଳ ଅଚ୍ୟୁତାନନ୍ଦ ମନ୍ଦିରର ଟ୍ରଷ୍ଟି ଡ.ପ୍ରସନ୍ନ କୁମାର ବେଉରାଙ୍କ ଧର୍ମପତ୍ନୀ ରୀନା ବେଉରାଙ୍କ ପାଇଁ ସ୍ମୃତିସଭା ତାଙ୍କ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ବ୍ରହ୍ମଚାରୀ ମାନସ ଚୈତନ୍ୟ, ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ, ବ୍ରହ୍ମଜ୍ଞାନ ସ୍ୱାମୀଜୀ, ଅନ୍ୟାନ୍ୟ ପ୍ରମୁଖ ସନ୍ଥ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ



ସମେତ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ପୂର୍ବତନ ସାଂସଦ ଡା. କୁଳମଣି ସାମଲ ଓ ଡା. ରାଜଶ୍ରୀ ମଲ୍ଲିକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ଶ୍ରୀମନ୍ଦିର ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ଅନନ୍ତ ଦାସ ମହାପାତ୍ର, ନିରଞ୍ଜନ ରଥ, ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ବିକ୍ରମ ସିଂହ ଓ ପ୍ରଥମ ମହିଳା ଏକତା ସିଂହ, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ପୌରନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କଟକ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ବରିଷ୍ଠ ଆଇନଜୀବୀ ଶିଶିର ଦାସ, ସୁରେଶ କୁମାର ଦାସ, ହେମନ୍ତ କୁମାର ପରିଡ଼ା, ବିଜେପିର ବରିଷ୍ଠ ନେତା ସୁବ୍ରତ କୁମାର ପ୍ରଧାନ, ସର୍ବେଶ୍ୱର ବଲିୟାରସିଂହ, ପ୍ରିୟରଞ୍ଜନ ଦାଶ ଏବଂ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାର ବହୁ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ଦିବଂଗତ ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ସେହିପରି ଇଫକୋର ପରିଚାଳନା ନିର୍ଦ୍ଦେଶକ କେଜେ ପଟେଲ ଏବଂ ମମତା ପଟେଲ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରକ୍ଷା ବନ୍ଧନ ଉତ୍ସବ

ଜଗତସିଂହପୁର,୩୦।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜଗତସିଂହପୁର ସଦରମହକୁମାରେ ଥିବା ଶାଖାରେ ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଛି। ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ସାଗରିକା ତଥା ବରିଷ୍ଠ ଭ୍ରାତା ବ୍ରହ୍ମାକୁମାର ମିହିର ଉପସ୍ଥିତ ଥିଲେ। ସବୁ ବନ୍ଧନ ମନୁଷ୍ୟ ଜୀବନରେ ଦୁଃଖ ତଥା ସମସ୍ୟା ଆଣିଥାଏ। କେବଳ



ଗୋଟିଏ ବନ୍ଧନ ସମସ୍ତଙ୍କୁ ସବୁପ୍ରକାରରେ ରକ୍ଷା କରିଥାଏ। ତାହା ହେଉଛି ପବିତ୍ରତାର ବନ୍ଧନ, ରକ୍ଷା ବନ୍ଧନ। ତେଣୁ ଆମେମାନେ ନିଜର ମନ, ବଚନ କର୍ମରେ ପବିତ୍ରତା ଅର୍ଥାତ୍ ଶୁଦ୍ଧତାକୁ ପାଳନ କରିବା ଉଚିତ୍ ବୋଲି ବ୍ରହ୍ମାକୁମାରୀ ସାଗରିକା ମାର୍ଗଦର୍ଶନ ଦେଇଥିଲେ।

## ଯୁବ ବିଜେପିର ନୂତନ ଉପସଭାପତି

ବାଲିକୁଦା,୩୦।୮ (ସମିସ): ଜଗତସିଂହପୁର ଜିଲ୍ଲା ଯୁବ ବିଜେପିର ଉପସଭାପତି ଭାବେ ବାଲିକୁଦା ବାଲିସାହିର ଯୁବକ ସୁରେନ୍ଦ୍ର ବିଶ୍ୱାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ତାଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇଥିବାରୁ ସେ ଦଳୀୟ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଯୁବକମାନଙ୍କୁ ସଂଗଠିତ କରି ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ମଜବୁତ କରିବା ସହ ଜନସାଧାରଣଙ୍କ ସେବା ପାଇଁ ସେ ସର୍ବଦା ପ୍ରୟାସ କରିବେ ବୋଲି ସେ ପ୍ରକାଶ କରିଛନ୍ତି।



## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଦେଶଭକ୍ତି କବିତା ଆସର

ଜଗତସିଂହପୁର,୩୦।୮ (ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତ କନ୍ତାର ଗ୍ରାମର କେଳି-କାଞ୍ଚନ-ରତ୍ନାକର ପାଠାଗାର ପ୍ରେକ୍ଷାଳୟରେ ସାହିତ୍ୟ ପତ୍ରିକା ନବକାକଳି ସୌଜନ୍ୟରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ମା' ସାରଳା ଶାଖା ପକ୍ଷରୁ ଦେଶଭକ୍ତି କବିତା



ଆସର ଅନୁଷ୍ଠିତ ହୋଇଯାଇଛି। ପରିଷଦର ଜଗତସିଂହପୁର ଜିଲ୍ଲା ସଭାପତି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦସ୍ୟା ମନୋରମା ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଡ. ବିଷ୍ଣୁପ୍ରିୟା ଦାସ, ସମ୍ମାନୀୟ ଅତିଥି ଭାବେ ବିଜୟ କୁମାର ପତି ମଞ୍ଚାସିନ ହୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସଦସ୍ୟ ଶିଶିର କୁମାର ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଝଙ୍କଡ଼କନ୍ୟା ସବିତା ନାୟକଙ୍କ ସଂଯୋଜନାରେ ୨୭ ଜଣ କବି ଦେଶାତ୍ମବୋଧକ କବିତା ପାଠ କରିଥିଲେ। ଅର୍ଚ୍ଚନା ଦାସ, ଗଗନ ବିହାରୀ ବେହେରା, ହୃଦାନନ୍ଦ ବାରିକ, ଗଣେଶ ମହାନ୍ତି, ମାତୃପ୍ରସାଦ ଶତ୍ରୁଜିତ, ପୁରୁଷୋତ୍ତମ ଦାସ, ଗୌରାଙ୍ଗ ଚରଣ ଦାସ, ଆଶିଷ ପରିଜା, ଶୁଭଲକ୍ଷ୍ମୀ ମହାପାତ୍ର, ବଂଶୀଧର ବେହେରା, ନୀଳକଣ୍ଠ ମିଶ୍ର, ଜୟଶ୍ରୀ ମିଶ୍ର, ଜ୍ଞାନରଞ୍ଜନ ସ୍ୱାଇଁ, ନିର୍ମାଲ୍ୟ ପ୍ରସାଦ ଷ?ଙ୍ଗୀ ପ୍ରଭୃତିଙ୍କ କବିତା ଅତ୍ୟନ୍ତ ମନୋମୁଗ୍ଧକର ହୋଇଥିଲା। ଉପସଭାପତି ଡ. ବିଜୟ କୁମାର ବିଶ୍ୱାଳ କବିତାଗୁଡିକର ସମୀକ୍ଷା କରିଥିଲେ। ସମ୍ପାଦକ, ପଣ୍ଡିତ ଡ. ରବୀନ୍ଦ୍ର ନାଥ ମିଶ୍ର ବିବରଣୀ ପାଠ କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ, ଯୁଗ୍ମ ସଂପାଦକ ସବ୍ୟସାଚୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରେଡିଓ ଆଉଟରିଚ୍ ପକ୍ଷରୁ ସଚେତନତା

ଏରସମା,୩୦।୮ (ସମିସ): ତିରଣ ସ୍ଥିତ ଜଗନ୍ନାଥପୁର ହାଇସ୍କୁଲରେ ରେଡିଓ ଆଉଟରିଚ୍ ୯୦.୮ ଏଫ୍‌ଏମ୍ ପକ୍ଷରୁ ମଶାବାହିତ ରୋଗ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଓ ନ୍ୟାରୋକାଷ୍ଟିଂ ସେସନ୍ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବର୍ଷା ଋତୁରେ ଡେଙ୍ଗୁ, ମ୍ୟାଲେରିଆ ଭଳି ମଶାବାହିତ ରୋଗର ଆଶଙ୍କା ବଢୁଥିବାରୁ




ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ରେଡିଓ ଆଉଟରିଚ୍ ୯୦.୮ ଏଫ୍‌ଏମର ଷ୍ଟେସନ୍ ଡାଇରେକ୍ଟର ସୁବ୍ରତ କୁମାର ପତି ଯୋଗଦେଇ ବର୍ଷା ଋତୁରେ ମଶାବାହିତ ରୋଗରୁ କିପରି ସୁରକ୍ଷିତ ରହିହେବ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ସାମାଜିକ କର୍ମୀ ଡ. ବସନ୍ତ ମଞ୍ଜରୀ ଦାସ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ବର୍ଷା ଋତୁରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ଅଧିକ ସଚେତନ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମଶାବାହିତ ରୋଗର ପ୍ରତିରୋଧ ପାଇଁ ନିଜ ଘର, ବିଦ୍ୟାଳୟ ଓ ଆଖପାଖ ପରିବେଶକୁ ପରିଷ୍କାର ରଖିବା ସହ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ। ନ୍ୟାରୋକାଷ୍ଟିଂ ସେସନ୍‌ରେ ଛାତ୍ରଛାତ୍ରୀ ରେଡିଓରୁ ମଶାବାହିତ ରୋଗ ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ ଜିଙ୍ଗଲ୍ ଶୁଣିଥିଲେ। ସାମ୍ବାଦିକ ତୃପ୍ତି ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଦାସ ରେଡିଓ ଆଉଟରିଚର ଏଭଳି ସଚେତନତାମୂଳକ ପ୍ରୟାସକୁ ପ୍ରଶଂସା କରିଥିଲେ।

## ଶକ୍ତିଶ୍ରୀ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ତିର୍ତ୍ତୋଲ,୩୦।୮ (ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନିମୂଳ ସ୍ଥିତ ବାୟା ଅବଧୂତ ଡିଗ୍ରୀ କଲେଜରେ ଉଚ୍ଚ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଯୁକ୍ତ ୩ ପ୍ରଥମ ବର୍ଷର ବାଳିକା ମାନଙ୍କୁ ଆତ୍ମ ନିର୍ଭରଶୀଳ ଓ ସୁରକ୍ଷିତ କରିବା ଲକ୍ଷ୍ୟରେ ଶକ୍ତିଶ୍ରୀ ସେଲ୍ ପକ୍ଷରୁ ଏକ ସପ୍ତାହ ଧରି ଅନୁଷ୍ଠିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଶକ୍ତିଶ୍ରୀ ସେଲ୍‌ର ଅଧ୍ୟାପିକା ସଂଯୁକ୍ତା ମହାନ୍ତି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷିକା ସୋନାଲି ସାମଲ ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ଆତ୍ମସୁରକ୍ଷା କୌଶଳ ପ୍ରଦାନ କରିଥିଲେ। ଅଧ୍ୟାପିକା ପ୍ରଗତିକା ମହାନ୍ତି ଓ ଅଧ୍ୟାପିକା ମଧୁସ୍ମିତା କବି ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ କର୍ମଚାରୀ ଶିଶିର କୁମାର ମହାପାତ୍ର ଓ କାର୍ଯ୍ୟାଳୟ ସହାୟକ ସତ୍ୟ ନାରାୟଣ ମହାପାତ୍ର ସହଯୋଗ କରିଥିଲେ। ସଂଯୋଜିକା ଅଧ୍ୟାପିକା ମିଲିନା ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

## ଗଣେଶ ମହୋତ୍ସବ ପାଇଁ ଭୂମିପୂଜନ

ପାରାଦୀପ,୩୦।୮ (ସମିସ): ପାରାଦୀପ ସମୁଦ୍ର ବେଳାଭୂମିରେ ସେପ୍ଟେମ୍ବର ୯ରୁ ୨୩ ତାରିଖ ପର୍ଯ୍ୟନ୍ତ ଗଣେଶ ମହୋତ୍ସବ ଅନୁଷ୍ଠିତ ହେବ। ଏହା ତୁଳସୀ ୱେଲଫେୟାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ହେଉଛି। ଏନେଇ ଏକ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମର ସବୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ରହିବ। ତା' ସହିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ସାମଗ୍ରୀର ଷ୍ଟଲ ମଧ୍ୟ



ଖୋଲାଯିବ। ମୀନାବଜାର ସହିତ ପିଲାମାନଙ୍କ ପାଇଁ ବିଭିନ୍ନ ଖେଳ ଷ୍ଟଲ ମଧ୍ୟ ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଯେହେତୁ ପାରାଦୀପ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ସେହି ସମୟ ମଧ୍ୟରେ ଆୟୋଜିତ ହେଉଛି, ସେନେଇ ବହୁ ଜନ ସମାଗମ ହେବା ନେଇ ଆଶା କରାଯାଉଛି।

## ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ ଉତ୍ସବ

ଜଗତସିଂହପୁର,୩୦।୮ (ସମିସ): ଜଗତସିଂହପୁରର ରୋଟାରୀ କ୍ଲବର ୩୯ତମ ପ୍ରତିଷ୍ଠା ଦିବସ ଉତ୍ସବ ଜୟପୁରସ୍ଥିତ ଶିବାନୀ କନଭେନସନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରୋଟାରୀ ଇଣ୍ଟରନ୍ୟାସନାଲ ଜିଲ୍ଲା ୩୨୬୨ର ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ଅନିଲ କୁମାର ସାମଲ (ଅବସରପ୍ରାପ୍ତ ଆଇଏଏସ) ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ନେତୃତ୍ୱକୁ ଶପଥ ପାଠ କରାଇଥିଲେ। ବିଶେଷ ଅତିଥି ଭାବେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ, ପୂର୍ବତନ ସଭାପତି ଆଲୋକ କୁମାର



ଖୁଣ୍ଟିଆଙ୍କଠାରୁ ରୋଟାରୀ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରି ଶପଥ ନେଇଥିଲେ। ସେହିପରି ମାତୃଦତ୍ତ ମହାପାତ୍ର, ପୂର୍ବତନ ସମ୍ପାଦକ ଶେଷପ୍ରକାଶ ସେଠୀଙ୍କଠାରୁ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନୁଷ୍ଠାନରେ ଅତିରିକ୍ତ ସେବା ଅକ୍ଷୟ ଚନ୍ଦ୍ର ମିଶ୍ର, ରସାନନ୍ଦ ରାଉତ, ଉମାକାନ୍ତ ପଟ୍ଟନାୟକ ଓ ଶିବାଶିଷ ସୂରଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ଷ୍ଟେଟ୍ ରିପ୍ରେଜେଣ୍ଟେଟିମାନେ ଏଥିରେ ଯୋଗ ଦେଇଥିଲ। ଏହି ଅବସରରେ ବରିଷ୍ଠ ରୋଟାରିଆନ୍ ଆରତୀ ମହାପାତ୍ରଙ୍କୁ ତାଙ୍କର ଦୀର୍ଘଦିନର ସେବା ଓ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନକୁ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଏବଂ ସାମାଜିକ ପ୍ରଭାବକ ସରୋଜିନୀ ରଥ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜେନ୍ଦ୍ର କୁମାର ଲେଙ୍କା, ଦୁର୍ଯ୍ୟୋଧନ ରଣା, ବିପ୍ଳବ ମହାନ୍ତି, ଡାକ୍ତର ପ୍ରସନ୍ନ କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ନୂତନ ସଭାପତି ସୁଭାଷ ଚନ୍ଦ୍ର ରାଉତଙ୍କ ଶପଥ ସମାରୋହରେ କ୍ଲବକୁ ୫୦ ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଥିଲେ।

## ପ୍ରଜ୍ଞାନ ମିଶନର ଗୀତା ଆବୃତ୍ତି ପ୍ରତିଯୋଗିତା

ପାରାଦୀପ,୩୦।୮ (ସମିସ)

ପ୍ରଜ୍ଞାନ ମିଶନ ପକ୍ଷରୁ ୮ମ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପାରାଦୀପ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ପୌରପାଳିକା ଅନ୍ତର୍ଗତ ୨୨ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏହି ଆଧ୍ୟାତ୍ମିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ବାସବ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରିଷଦ ସୁବ୍ରତ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପାରିଷଦ ପ୍ରତାପ ଚନ୍ଦ୍ର ନାୟକ ଏବଂ ମୁଖ୍ୟବକ୍ତା ଭାବରେ ପଣ୍ଡିତ ପ୍ରଦୀପ ଶତପଥୀ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପ୍ରଜ୍ଞାନ ମିଶନ ପାରାଦୀପ ସଂଯୋଜକ ପ୍ରଶାନ୍ତ କୁମାର ରାଉତ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ



ସତ୍ୟବ୍ରତ ବିଶ୍ୱାଳ, ଦୁର୍ଗାପ୍ରସାଦ ସ୍ୱାଇଁ, ଅଧ୍ୟାପକ ପ୍ରଦୀପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗ ଦେଇଥିଲେ ଶ୍ରୀକାନ୍ତ ଶତପଥୀ, ମନୋଜ କୁମାର ଦାସ, ଡ. ସିଦ୍ଧେଶ୍ୱର ପଣ୍ଡା, ଡ. ପ୍ରତାପ ଚନ୍ଦ୍ର ମହାପାତ୍ର, ସୁଶ୍ରୀ ମମତା କର, ଶିକ୍ଷକ ପ୍ରଦୀପ ଶତପଥୀ, ଡ. ଆରତୀ ତ୍ରିପାଠୀ, ସଂଘମିତ୍ରା ସ୍ୱାଇଁ ଓ ପ୍ରଜ୍ଞା ପରମିତା ରାଉତ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀ ହେଲେ ଗ୍ରୁପ-କର ସାଧନା ସନ୍ମତି ବେହେରା, ଡିଏଭି ଇଫ୍‌କୋ ପ୍ରଥମ, ସୂର୍ଯ୍ୟଜିତ ସାହୁ ଡିଏଭି ପିପିଏଲ,୨ୟ, ଆରୋହି ରାୟଗୁରୁ ଓ ଶ୍ରୀମୟ ଜେନା ଡିଏଭି ପିପିଏଲ, ତୃତୀୟ ସ୍ଥାନ ପାଇଛନ୍ତି। ଗ୍ରୁପ-ଖରେ ଆହନୀରଂସୁ ବେହେରା, ଡିଏଭି ଇଫ୍‌କୋ ପ୍ରଥମ, ଆରାଧ୍ୟା ରାୟଗୁରୁ ଡିଏଭି ପାରାଦୀପ ପୋର୍ଟ, ଦ୍ୱିତୀୟ, ଋତୁପର୍ଣ୍ଣା ସିଂହ ଡିଏଭି ଇଫ୍‌କୋ ତୃତୀୟ ଏବଂ ଗ୍ରୁପ -ଗରେ ସତ୍ୟ ଗୋପାଳ ପରିଡା ଡିଏଭି ପିପିଏଲ ପ୍ରଥମ, ବୈଷ୍ଣବି ଦାସ ଡିଏଭି ପୋର୍ଟ ଦ୍ୱିତୀୟ ଏବଂ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଅଙ୍କିତା ସାହୁ ତୃତୀୟ ସ୍ଥାନ ପାଇଛନ୍ତି। ଜଗନ୍ନାଥ ଶତପଥୀ, ଉର୍ମିଳା ମହାନ୍ତି, ସୁଚିସ୍ମିତା ପଣ୍ଡା, ସୁଶାନ୍ତ ମହାପାତ୍ର ଓ ମାନସ ପ୍ରଧାନ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ସାପ କାମୁଡ଼ାରେ ଭଉଣୀ ମୃତ, ଭାଇ ଗୁରୁତର

କାମାକ୍ଷାନଗର,୩୦।୮ (ସମିସ): କଙ୍କଡାହାଡ଼ ଥାନା କାଲବୁଦ୍ଧିଆ ଗାଁରେ ସାପ କାମୁଡ଼ାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଁର ଜନା ଉଜିଆଙ୍କ ଝିଅ ମମତା ଉଜିଆ (୧୦)। ପୁଅ ଜମ୍ନେଶ୍ୱର ଉଜିଆ (୩)ଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଶନିବାର ରାତିରେ ମମତା ଓ ଜମ୍ନେଶ୍ୱର ଘରେ ଶୋଇଥିବା ବେଳେ ରାତି ପ୍ରାୟ ୩ଟାରେ ଏକ ସାପ ଉଭୟଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ଦୁଇଜଣଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡିକାଲ ନେଇଥିଲେ। ଡାକ୍ତର ମମତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଜମ୍ନେଶ୍ୱରଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ତେବେ ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## ଅଙ୍ଗନବାଡ଼ି କର୍ମୀଙ୍କ ପରଲୋକ



ଖଜୁରିଆକଟା, ୩୦।୮ (ସମିସ): ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ଭଗବାନପୁର ଅଞ୍ଚଳର ଅଙ୍ଗନବାଡ଼ି କର୍ମୀ ସବିତା ମିଶ୍ରଙ୍କ ହୃଦଘାତରେ ପରଲୋକ ହୋଇଛି। ଶନିବାର ସନ୍ଧ୍ୟାରେ ସେ ଘର ବାରଣ୍ଡାରେ ବସିଥିବାବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଉଥିବା ବେଳେ ବାଟରେ ଦେହାନ୍ତ ହୋଇଛି। ରବିବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି।

## ଆନ୍ଦୋଳନକାରୀଙ୍କୁ ଗିରଫ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

ଢେଙ୍କାନାଳ,୩୦।୮ (ସମିସ): ସ୍ୱତନ୍ତ୍ର କୋଲ କରିଡର ରାସ୍ତା ନିର୍ମାଣ ଦାବି ନେଇ କୋଶଳ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିଲେ। ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କ ସହ ପ୍ରଶାସନ ଆଲୋଚନା କରିଥିଲା। ପରବର୍ତ୍ତୀ ସମୟରେ ପ୍ରଶାସନ ଓ ପୁଲିସ ଅଯଥା ହସ୍ତକ୍ଷେପ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କିଛି ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏତଲା କ'ଣ ଓ କିଏ ଦେଇଛି ତାହାର ସ୍ପଷ୍ଟତା ନ ଥିଲେ ମଧ୍ୟ ସେଇ ୫ ଜଣକୁ ଜେଲ ପଠାଇ ଦିଆଗଲା। ଦୀର୍ଘ ୧୩୪ ଦିନ ରହିବା ପରେ ମଧ୍ୟ ଜାମିନ କାହିଁକି ଓ କ'ଣ ପାଇଁ ହେଉନାହିଁ ତାହା ଅନେକ ସନ୍ଦେହ ଓ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କୋଇଡ଼ା ଅଞ୍ଚଳରେ ସ୍ୱତନ୍ତ୍ର କୋଲ କରିଡର ପାଇଁ ସରକାର ନିର୍ଦ୍ଦେଶ ଦେଇପାରୁଛନ୍ତି। ମାତ୍ର ଛେଣ୍ଡିପଦାରେ ହେବ ନାହିଁ, ପ୍ରତିବାଦ କଲେ ଜେଲ ଯିବାକୁ ପଡ଼ିବ ବୋଲି ପୂର୍ବତନ ସାଂସଦ ମହେଶ ସାହୁ ଅଭିଯୋଗ କରିଛନ୍ତି। ଏହା ସରକାର ଓ ପ୍ରଶାସନର ଦୋମୁହାଁ ନୀତିକୁ ପ୍ରମାଣ କରୁଛି। ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ପୂର୍ବତନ ସାଂସଦ ସାହୁ ଦାବି କରିଛନ୍ତି। ଏଥିସହ ଭବିଷ୍ୟତ ପାଇଁ କଡ଼ା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଚିଠିଲେଖି ସେ ଅନୁରୋଧ କରିଛନ୍ତି।

### ବିଜେପିକୁ କଡ଼ା ଜବାବ ଦେଲେ ପୂର୍ବତନ ବିଧାୟକ

# ସୁବିଧାବାଦୀ ରାଜନୀତି କରି ତିଷ୍ଠିରହିବା ଅସମ୍ଭବ



ଢେଙ୍କାନାଳ,୩୦।୮ (ସମିସ): ସ୍ଥାନୀୟ ରଥଗଡ଼ାସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ସୁଧୀର ସାମଲ କହିଲେ ଯେ ସୁବିଧାବାଦୀ ରାଜନୀତି କରି ବେଶୀଦିନ ତିଷ୍ଠି ରହିବା ଅସମ୍ଭବ। ବ୍ୟବସାୟ ଅର୍ଥରେ ଲୋକସେବା କରିବା ଠିକ୍ ନା, ଲୋକଙ୍କ ଠାରୁ ଚାନ୍ଦା ଆଦାୟ କରି ରାଜନୀତି କରିବା କେତେଦୂର ଠିକ୍ ବୋଲି ପ୍ରଶ୍ନ ଉଠାଇଥିଲେ।

ସ୍ଥାନୀୟ ୯ନଂ ୱାର୍ଡ କୁଟୁଣିଆ ପାହାଡ଼ ତଳେ ଥିବା ବସ୍ତିକୁ କେତେକ ବ୍ୟକ୍ତି ବେଆଇନ୍ ଦଖଲ କରିଥିବା ଅଭିଯୋଗରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ପୌର ପ୍ରଶାସନ ପକ୍ଷରୁ ବେଆଇନ୍ ଭାବେ ଗଢ଼ି ଉଠିଥିବା ଏହି ବସ୍ତିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ଘଟଣାକୁ ନେଇ ଦୁଇ ରାଜନୈତିକ ଦଳ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଛି। ଏଠାରେ ବାସ କରୁଥିବା ୨୩୦ ପରିବାର ମଧ୍ୟରୁ ୮୪ଜଣଙ୍କ ପାଖରେ ଭୂ-ଅଧିକାର ଅଧିନିୟମ ୨୦୧୭ ଆଧାରରେ ବୈଧ ପ୍ରମାଣପତ୍ର ରହିଛି। ୯୦ଜଣଙ୍କୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଥିବାବେଳେ ଅବଶିଷ୍ଟ ୫୬ଜଣଙ୍କ ଘର ପାହାଡ଼ ଶିଖରରେ ରହିଥିବାରୁ ଏହାକୁ ବୁଲ୍‌ଡୋଜର ଦ୍ୱାରା ଭଙ୍ଗାଯାଇପାରି ନାହିଁ। ଏଥିପାଇଁ ଶ୍ରମିକ ନିୟୋଜିତ କରାଯାଇ ଭଙ୍ଗାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ଜଣାପଡ଼ିଛି। ଏହି ଜବରଦଖଲ ଉଚ୍ଛେଦ ନେଇ କିଛିଦିନ ତଳେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସାମଜସେବୀ ରାମଚନ୍ଦ୍ର ପାତ୍ର ସିଧାସଳଖ ପୂର୍ବତନ ବିଧାୟକ ସାମଲ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର ସରକାରୀ ଜମି ଦଖଲ ଏବଂ କେତେକ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ଅଭିଯୋଗ ଆଣିଥିଲେ। ଏହି ବ୍ୟକ୍ତିଗତ ଆକ୍ଷେପକୁ ବିରୋଧ କରି ପୂର୍ବତନ ବିଧାୟକ ସାମଲ ବିଜେପିକୁ ଇଙ୍ଗିତ କରି କହିଲେ, ସେମାନେ ମଫସଲ ଓ ସହରବାସୀନ୍ଦାଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରୁଛନ୍ତି। ଗଁଦିଆ, ଓଡ଼ାପଡ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ, ପର୍ଜଙ୍ଗ ଓ ସଦର ବ୍ଲକର ଲୋକମାନେ କ'ଣ ଢେଙ୍କାନାଳ ବାସିନ୍ଦା ନୁହନ୍ତି ବୋଲି ପ୍ରଶ୍ନ କରିଥିଲେ। ଜିଲ୍ଲାର ପ୍ରତ୍ୟେକ ଲୋକଙ୍କ ଅଧିକାର ଢେଙ୍କାନାଳ ଜିଲ୍ଲା ଉପରେ ରହିଛି। ଏପରି ମତଭେଦ ସୃଷ୍ଟି କରି ରାଜନୈତିକ ଦଳର ବ୍ୟକ୍ତି ସବୁଦିନ ତିଷ୍ଠିପାରିବେ ନାହିଁ। ସହରର ୮୦ ପ୍ରତିଶତ ଲୋକ ପ୍ରବାସୀ ହୋଇଥିବା ବେଳେ ମତଭେଦ କରିବା ଆଦୌ ଠିକ୍ ନୁହେଁ। ଢେଙ୍କାନାଳ ପୌରାଞ୍ଚଳରେ ୩୦୦ ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବଳରେ ଥିବା ବେଳେ ପୌର ପ୍ରଶାସନ ଏହାର ଉଚ୍ଛେଦ କେବେ କରିବ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ସେହିପରି ସ୍ଥାନୀୟ ୧ନଂ ୱାର୍ଡ ଜୁଆଙ୍ଗ ସାହିରେ କେତେକ ସରକାରୀ ଜମିକୁ କେତେକ ମୁଷ୍ଟିମେୟ ବ୍ୟକ୍ତି ଭୋଗ ଦଖଲ କରିଥିବା ବେଳେ ଏହାକୁ କାହିଁକି ଉଚ୍ଛେଦ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ବାଜିଚୌକଠାରେ ରାସ୍ତା ସଙ୍କୁଚିତ ହୋଇଥିବାରୁ ଯୋରନ୍ଦା-କପିଳାସ ଯିବାକୁ ଲୋକେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହାକୁ କାହିଁକି ପ୍ରଶସ୍ତୀକରଣ କରାଯାଉନାହିଁ ବୋଲି ପଚାରିଥିଲେ। ବିଜେଡି ସରକାର ସମୟରେ ସହରରେ ୫୦୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ପୌରପରିଷଦ ପକ୍ଷରୁ କୌଣସି ଆଖିଦୃଶିଆ କାର୍ଯ୍ୟ କରାଯାଇ ନାହିଁ ବୋଲି ସେ ଅଭିଯୋଗ କରିଥିଲେ।

ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ କହିଲେ ଯେ ସହରରେ ବହୁମୁଖୀ ପ୍ରକୋଷ୍ଠ, ସ୍ମାର୍ଟ ପାର୍କ, ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ, ମହିମାଗାଦୀ ଯୋରନ୍ଦା ଆଦିର ବିକାଶ ପାଇଁ ବିଜେଡି ସରକାର ଅର୍ଥ ବରାଦ କରିଥିଲେ। ଏମାନେ କେବଳ ଫଳକ ମାରୁଛନ୍ତି। ୯ ମାସ ତଳେ କଲେଜ ଛକରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଉଚ୍ଛେଦ କରାଯାଇଛି। ତାହା ଆଜିପର୍ଯ୍ୟନ୍ତ କାହିଁକି ଉନ୍ନତୀକରଣ ହୋଇପାରୁନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର କହିଲେ, ପୌରାଧ୍ୟକ୍ଷା ଏବଂ ତାଙ୍କ ସ୍ୱାମୀ ବିଭିନ୍ନ ଦୁର୍ନୀତିରେ ବୁଡ଼ିରହି ପୌରସଂସ୍ଥାରେ କାର୍ଯ୍ୟ କରୁଛନ୍ତି। ଟେଣ୍ଡରଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି କରାଯାଇଛି। ମୁଁ ଏବଂ ମୋ ପରିବାର ସଦସ୍ୟ ଚାନ୍ଦମାରି ସାହିରେ ୧୯୮୦ରୁ ବାସ କରିଆସୁଛୁ। ନବୀନ ସରକାର ସମୟରେ ଜାଗା ମିଶନରେ ଏହାର ପଟ୍ଟା ମିଳିଛି। ସେମାନେ ମୋ ନାମରେ ଯେଉଁ ଜମି ପଟ୍ଟା ପ୍ରଦର୍ଶିତ କରୁଛନ୍ତି ତାହା ମୁଁ ପରବର୍ତ୍ତୀ ସମୟରେ ସେହି ଜାଗାକୁ କ୍ରୟ କରିଛି ବୋଲି ସେ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଣ୍ଣନା ପୁହାଣ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ଲିଗାଲ ସେଲ ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ସମେତ ବିଜେଡିର ସମସ୍ତ କାଉନସିଲର ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନଗର ସଭାପତି ବିନୋଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଶିକ୍ଷା କନଭେନସନ୍



ଢେଙ୍କାନାଳ,୩୦।୮ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରଚଳିତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି କରାଯାଇଛି। ଚଳିତ ଶିକ୍ଷା ବର୍ଷରେ ଗତବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା, ବିଜ୍ଞାନ ସମ୍ମତ, ଯୁକ୍ତିସଂଗତ ଓ ମୌଳିକ ଧାରଣାଭିତ୍ତିକ ବିଷୟବସ୍ତୁ ଥାଇ ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା, ବିଦ୍ୟାଳୟ ସ୍ତରରେ ମାତୃଭାଷା ଓ ଇଂରାଜୀ ଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା, ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ପ୍ରୋଗ୍ରେସିଭ ଷ୍ଟୁଡେଣ୍ଟ୍ସ ଫୋରମ୍ ପକ୍ଷରୁ ସ୍ଥାନୀୟ ବିପ୍ଲବୀ ସାରଙ୍ଗଧର ଦାସ ପାଠାଗାରରେ ଏକ ଶିକ୍ଷା କନଭେନସନ୍ ଅନୁଷ୍ଠିତ ହୋଇଛି। ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ଏହି କନଭେନସନରେ ସଭାପତିତ୍ୱ କରିଥିଲେ। ଏଆଇଡିଏସଓ, ଓଡ଼ିଶା ରାଜ୍ୟ ପରିଷଦ ଉପସଭାପତି ଭାଗ୍ୟରବି ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

ଏଆଇଡିଏସଓର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶିକ୍ଷକ ନେତା ବିଭୂତି ସାମଲ, ଶିକ୍ଷାବିତ୍ ଅଶ୍ୱିନୀ ରାୟ, ଚତୁର୍ଭୁଜ ପ୍ରଧାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଗାମୀ ଦିନରେ ଶିକ୍ଷା ସମସ୍ୟାର ସମାଧାନ ପାଇଁ ତୃଣମୂଳ ସ୍ତରରେ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କୁ ସଂଗଠିତ କରି ଦୃଢ଼ ପ୍ରତିବାଦ କରିବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ।

### ଜାତୀୟ କ୍ରୀଡ଼ା ଦିବସ ସମାରୋହ

## ଉଦଯାପନୀ ଦିବସରେ ପଦଯାତ୍ରା



ଢେଙ୍କାନାଳ,୩୦।୮ (ସମିସ): ଜାତୀୟ କ୍ରୀଡ଼ା ଦିବସ ସମାରୋହର ଉଦଯାପନୀ ଅବସରରେ ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି। ହକି ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଉପଲକ୍ଷେ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ୍ରମେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ଏହି ଅବସରରେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଦୀନବନ୍ଧୁ ମଲ୍ଲିକଙ୍କ ସମେତ ବହୁ କ୍ରୀଡ଼ାବିତ୍ ଓ ଯୁବକଯୁବତୀ ପଦଯାତ୍ରାରେ ସାମିଲ ହୋଇଥିଲେ। ଜିଲ୍ଲାର ଗର୍ବ, ଭାରୋତ୍ତୋଳନ ପ୍ରଶିକ୍ଷକ ଗୋପାଳ କୃଷ୍ଣ ଦାସ ଶ୍ରେଷ୍ଠ ପ୍ରଶିକ୍ଷକ ଭାବେ ବିଜୁ ପଟ୍ଟନାୟକ ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

## ବଜ୍ରପାତରେ ୮ ଗୋରୁ ମୃତ



କାମାକ୍ଷାନଗର,୩୦।୮ (ସମିସ): ରବିବାର ଅପରାହ୍ନରେ ବଜ୍ରପାତ ଯୋଗୁଁ ଘାଗରାମୁଣ୍ଡା ପଞ୍ଚାୟତ ଖନ୍ଦା ଗ୍ରାମ ପଦ୍ମପୁର ପଡ଼ା ନିକଟ ଜଙ୍ଗଲରେ ୮ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁଗୁଡ଼ିକ ଚରିବା ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ମୃତ ଗୋରୁଗୁଡ଼ିକ ଗ୍ରାମର ରବି ବେହେରା, ଟୁକୁନ ବେହେରା, ଯୋଗୀ ପିଙ୍ଗୁଆ, ଶର୍ମା ଜଜ, ଶଙ୍କର ଚାତରା, ଗୌତମ ଜଜ ଓ ବିଦେଶୀ ବବଙ୍ଗାଙ୍କର ବୋଲି ଜଣାପଡ଼ିଛି। ଫଳରେ ସମ୍ପୃକ୍ତ ପରିବାରଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଘଟଣା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପ୍ରାଣୀସମ୍ପଦ ବିଭାଗକୁ ଅବଗତ କରାଯାଇ କ୍ଷତିଗ୍ରସ୍ତ ଗୋରୁ ମାଲିକଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ସରପଞ୍ଚ ରଞ୍ଜିତା ନାଏକଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ଏହି ବଜ୍ରପାତ ସମୟରେ ଗାଈ ଚରାଳି ଟିକନ ସିଧୁ ଓ ରଥିଆ ସିଧୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ଜିଲ୍ଲାସ୍ତରୀୟ ତୃତୀୟ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍

## ଧ୍ରୁବ ଅଗ୍ରୱାଲା ଶ୍ରେଷ୍ଠ ଖେଳାଳି




ଢେଙ୍କାନାଳ,୩୦।୮ (ସମିସ): ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ତୃତୀୟ ବ୍ୟାଡମିଣ୍ଟନ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଡ. ଶାନ୍ତିଭୂଷଣ ପଣ୍ଡା ଯୋଗଦେଇ ଖେଳାଳିମାନଙ୍କୁ ବ୍ୟାଡମିଣ୍ଟନ୍‌ର ବିଭିନ୍ନ କୌଶଳ ଓ ଟିପ୍ସ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୧୩ ବର୍ଷରୁ କମ୍ ବାଳିକା ଏକକ ବିଭାଗରେ ଲିଖିତା ନାଏକ, ୧୫ ବର୍ଷରୁ କମ୍ ବାଳିକା ଏକକରେ ଲିଖିତା ନାଏକ, ୧୩ ବର୍ଷରୁ କମ୍ ବାଳକ ଏକକରେ ଆଦିତ୍ୟ ନାୟକ, ୧୫ ବର୍ଷରୁ କମ୍ ବାଳକ ଏକକରେ ଅମ୍ଳାନ ମହାନ୍ତ, ୧୭ ବର୍ଷରୁ କମ୍ ବାଳକ ଏକକରେ ଅମ୍ଳାନ ମହାନ୍ତ, ରନର୍ସଅପ୍ ଭାବେ ୧୩ ବର୍ଷରୁ କମ୍ ବାଳିକା ଏକକ ବିଭାଗରେ ମାଲଭୀନା ସାଇଶ୍ରୀ ବେହେରା, ୧୫ ବର୍ଷରୁ କମ୍ ବାଳିକା ଏକକ ବିଭାଗରେ ରିଧିମା ପାତ୍ର, ୧୩ ବର୍ଷରୁ କମ୍ ବାଳକ ଏକକ ବିଭାଗରେ ଅଭିଷେକ ଆଶୀର୍ବାଦ, ୧୫ ବର୍ଷରୁ କମ୍ ବାଳକ ଏକକ ଭାବେ ଆର୍ଯ୍ୟମାନ ବରାଳ, ୧୭ ବର୍ଷରୁ କମ୍ ବାଳକ ଏକକ ଭାବେ ଆର୍ଯ୍ୟମାନ ବରାଳ ପ୍ରମୁଖ ସଫଳତା ଅର୍ଜନ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଧ୍ରୁବ ଅଗ୍ରୱାଲା ବିବେଚିତ ହୋଇଛନ୍ତି।


## କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ପରିବାର ପକ୍ଷରୁ ହତ୍ୟା ଅଭିଯୋଗ**

କାମାକ୍ଷାନଗର, ୩୦।୮ (ସମିସ): କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମରେ ଏକ କୂଅରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗ୍ରାମର କୋଳିଆ ନାଏକଙ୍କ ସ୍ତ୍ରୀ ମନିତା ନାଏକ (୩୦)। ତେବେ ମନିତାଙ୍କୁ ହତ୍ୟା କରାଯାଇ କୂଅରେ ଫିଙ୍ଗି ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଆପର ବ୍ଲକସ୍ତରୀୟ ବୈଠକ

## କେନ୍ଦ୍ର ଖଣି ଆଇନକୁ ତୀବ୍ର ବିରୋଧ



ଭୁବନ,୩୦।୮ (ସମିସ): ଭୁବନ ବ୍ଲକରେ ଆମ୍ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ ଧଳପଡା ମଝିପାଳ ଶିବ ମନ୍ଦିର ଠାରେ ବନମାଳୀ କବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦଳର ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ କେନ୍ଦ୍ର ବିଜେପି ସରକାର ଓଡ଼ିଶାର ଖଣିଖାଦାନକୁ ଲୁଟିବାପାଇଁ ୧୯୫୭ ମସିହାର ଆଇନ ବଦଳାଇ ରାଜ୍ୟର ବକେୟା ଥିବା ପ୍ରାୟ ଏକ ଲକ୍ଷ କୋଟି ରାଜସ୍ୱ ହାନି ହୋଇଥିବା ବେଳେ ଓଡ଼ିଶା ବାର୍ଷିକ ପ୍ରାୟ ୧୫ ହଜାର କୋଟି ରାଜସ୍ୱ ହରାଇବ। ଏହାର ପ୍ରତିବାଦରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏହି ବିକ୍ଷୋଭ ପ୍ରଦର୍ଶନରେ ଜିଲ୍ଲାବାସୀ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ। ସେପ୍ଟେମ୍ବର ପ୍ରଥମ ସପ୍ତାହରେ କେନ୍ଦ୍ରୀୟ ପ୍ରଭାରୀ ସାଙ୍ଗଠନିକ ସ୍ଥିତି ସୁଦୃଢ଼ କରିବାପାଇଁ ଭୁବନ ବ୍ଲକ ଗସ୍ତରେ ଆସୁଛନ୍ତି ବୋଲି ଜିଲ୍ଲା ସଭାପତି ପଙ୍କଜ ନାୟକ କାର୍ଯ୍ୟକର୍ତ୍ତା ମାନଙ୍କୁ ସୂଚନା ଦେଇଥିଲେ। ବ୍ଲକରେ ଅନେକ ବୃଦ୍ଧବୃଦ୍ଧା ଭତ୍ତାରୁ ବଞ୍ଚିତ ଥିବାବେଳେ ଅନେକ ଗରିବ ଲୋକ ଆବାସ ଯୋଜନାରେ ବଞ୍ଚିତ ରହିଛନ୍ତି ବୋଲି, ଅନିଲ ପରିଡ଼ା, ବୁଲୁ ବେହେରା, ଅଞ୍ଜଳ ପାତ୍ର, ଶଙ୍କର ପାତ୍ର, ବିଶ୍ୱଜିତ ନାୟକ ପ୍ରମୁଖ ମତାମତ ଦେଇଥିଲେ। ଜିଲ୍ଲା ଉପସଭାପତି ପ୍ରସନ୍ନ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଚୟନ



ଢେଙ୍କାନାଳ,୩୦।୮ (ସମିସ): ସ୍ଥାନୀୟ ଜିଲ୍ଲା ଲେଖକ ସଂସଦରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ଢେଙ୍କାନାଳ ସଦର ବ୍ଲକ ଶାଖାର ବୈଠକ ସଂଘର ପ୍ରାକ୍ତନ ସଭାପତି ବୈରାଗୀ ଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ସଂଘର ଜିଲ୍ଲା ସଭାପତି ସୁଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ସଚିନ କୁମାର ନାୟକ ଓ ପ୍ରାକ୍ତନ ସଭାପତି ଅସିତ୍ କୁମାର ମିଶ୍ର ଯୋଗଦେଇଥିଲେ। ସଂଘର ନୀତିନିୟମ, କାର୍ଯ୍ୟଧାରା ଓ ଶିକ୍ଷକମାନଙ୍କର ସଂଘପ୍ରତି ଅଙ୍ଗୀକାରବଦ୍ଧତା ଓ ଶିକ୍ଷକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ତତ୍‌ପରେ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଶାନ୍ତ କୁମାର ପଣ୍ଡା ଉପସଭାପତି ଭାବେ ବିକାଶ ଚନ୍ଦ୍ର ଜେନା, ରମା ବେହେରା, ରାଜେନ୍ଦ୍ର କୁମାର ନାୟକ ସମ୍ପାଦକ ଭାବେ ଶତ୍ରୁଘ୍ନ ମଲ୍ଲିକ ସହ-ସମ୍ପାଦକ ଭାବେ ନାରାୟଣ ନାୟକ, ବିମୋହିନୀ ଦେବୀ, ସୁଜିତ୍ କୁମାର ପାତ୍ର ସାଂଗଠନିକ ସମ୍ପାଦକ ଭାବେ ଦେବେନ୍ଦ୍ର କୁମାର ସେଠୀ, ସଚ୍ଚିଦାନନ୍ଦ ସାହୁ, ଅମ୍ବୁଜ କୁମାର ପୃଷ୍ଟି, ରଜନୀକାନ୍ତ ସାହୁ କୋଷାଧ୍ୟକ୍ଷ ଭାବେ ସୁବାସିନୀ ମିଶ୍ର ସହ-କୋଷାଧ୍ୟକ୍ଷ ଭାବେ ବିଶ୍ୱ ରଞ୍ଜନ ମହାରଣା ମିଡିଆ ସଂଯୋଜକ ଭାବେ ବିଷ୍ଣୁ କୁମାର ମଲ୍ଲିକ ଉପଦେଷ୍ଟା ଭାବେ ସନ୍ତୋଷ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ପାଢୀ ଓ ନିରାକାର ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ କାଳନ୍ଦି ଚରଣ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ୨-୦ ଗୋଲରେ ବାରୁଆଁ ଫୁଟ୍‌ବଲ୍ କ୍ଲବ୍ ବିଜୟୀ



ଢେଙ୍କାନାଳ,୩୦।୮ (ସମିସ): ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚଦଶ ଦିବସରେ ବାରୁଆଁ ଫୁଟ୍‌ବଲ୍ କ୍ଲବ୍ ସହିତ ମା'ମଙ୍ଗଳା ଫୁଟ୍‌ବଲ୍ କ୍ଲବ୍, ବନମାଳିପ୍ରସାଦ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ୨-୦ ଗୋଲରେ ବାରୁଆଁ ଫୁଟ୍‌ବଲ୍ କ୍ଲବ୍ ବିଜୟୀ ହୋଇ ସେମିଫାଇନାଲ୍‌କୁ ଉନ୍ନିତ ହୋଇଅଛି। ଆସନ୍ତା ୨ ତାରିଖରେ ଦ୍ୱିତୀୟ ସେମିଫାଇନାଲରେ ୩୧ତାରିଖ ଖେଳର ବିଜେତା ସହିତ ଖେଳିବ। ଆଜିର ମ୍ୟାଚ୍‌ରେ ଉଭୟ ଟିମ ବେଶ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ। ମ୍ୟାଚରେ ରେଫରୀ ଭାବେ ଆଶୀର୍ବାଦ କାନୁନ୍‌ଗୋ, ଦେବରାଜ ସ୍ୱାଇଁ, ମହେଶ ପ୍ରଧାନ ଓ ମନୋଜ ସେଠୀ ପ୍ରମୁଖ ପରିଚାଳନା କରିଥିବାବେଳେ ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଆଜିରି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଭୂମି ଇନ୍‌ଫ୍ରାର ପ୍ରୋପ୍ରାଇଟର ନିରଦାନନ୍ଦ ନନ୍ଦ, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ଶିଳ୍ପଦ୍ୟୋଗୀ ଇଂ. ଅଶୋକ କୁମାର ଦାଶ ପ୍ରମୁଖ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ନଳିନୀ କୁମାର ଦାସ, ଉପ-ସଭାପତି ତଥା ସାଂଗଠନିକ ସମ୍ପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ମନୋଜ ପଟ୍ଟନାୟକ, ସରୋଜ ପାଢୀ, ଅଜୟ ବାରିକ, ବାବୁ ପାଢୀ, ସୁଶାନ୍ତ ଜେନା, ପର୍ଶୁରାମ ମିଶ୍ର, ସରୋଜ ମହାନ୍ତି, ଅଭିଜିତ୍ ମିଶ୍ର, ପ୍ରତାପ କୁମାର ମହାନ୍ତି, ଶ୍ୟାମସୁନ୍ଦର ମହାପାତ୍ର, ଅଜୟ କୁମାର ପଟ୍ଟନାୟକ, ବସନ୍ତ ବେହେରା, ପ୍ରତୀକ ଭଞ୍ଜ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ଶିବ ପ୍ରସାଦ ଦାଶ, ସଚ୍ଚିଦାନନ୍ଦ ସାହୁ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ, ପ୍ରମୁଖ ଖେଳ ପରିଚାଳନାରେ ସହଯୋଗୀତା କରିଥିଲେ। ଆସନ୍ତା କାଲି ସୋମବାର ଦିନ ଭାଲୁଟାଙ୍ଗର ଫୁଟ୍‌ବଲ୍ କ୍ଲବ୍ ସହିତ ପପୁଲାର ଫୁଟ୍‌ବଲ୍ କ୍ଲବ୍, ନରଣପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟ୍‌ରେ ମୋଟ ୨୪ଟି ଟିମ୍ ଅଂଶଗ୍ରହଣ କରୁଛନ୍ତି ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ ସୂଚନା ଦେଇଛନ୍ତି।

ସକାଳ THE SAKALA



# ପ୍ରଧାନମନ୍ତ୍ରୀଙ୍କ "ମନ୍ କି ବାତ୍' ରାଷ୍ଟ୍ର ନିର୍ମାଣ ଓ ଯୁବଶକ୍ତି ପାଇଁ ପ୍ରେରଣାର ଉତ୍ସ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୩୭ ତମ "ମନ୍ କି ବାତ୍' କାର୍ଯ୍ୟକ୍ରମ ରବିବାର ନୟାପଲ୍ଲୀସ୍ଥିତ ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଶବାସୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ଭାବେ କହିଛନ୍ତି। ଓଡ଼ିଶାର ଇତିହାସ, ପ୍ରାକୃତିକ ପରିବେଶ, କଳା ଓ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଓଡ଼ିଆ ଲୋକଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖକୁ ଆଣିଛନ୍ତି। ଏହି "ମନ୍ କି ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ଐତିହ୍ୟ ଓ ଜନଶକ୍ତିର ଉଲ୍ଲେଖ ଦେଖିବାକୁ ମିଳିଛି। ମୁମ୍ବାଇର କୃଷ୍ଣା ଶେଷାଦ୍ରି ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ଓଡ଼ିଶାର ପ୍ରସିଦ୍ଧ ଭୌମକର ବଂଶର ରାଣୀ ତ୍ରିଭୁବନ ମହାଦେବୀଙ୍କ ପରି ଐତିହାସିକ ଚରିତ୍ର ସହ କଥା ହେବାର ଇଚ୍ଛା ପ୍ରକାଶ କରିଛନ୍ତି। ଫଳରେ ଓଡ଼ିଶାର ଗୌରବମୟ ଇତିହାସ ଜାତୀୟ ସ୍ତରରେ ପୁନର୍ଜୀବିତ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହିପରି ଦେବ୍ରୀଗଡ଼ ଅଭୟାରଣ୍ୟ ନିକଟସ୍ଥ ଧୋଡ୍ରୋକୁସୁମ ଗ୍ରାମର ମୈଥିଳୀ ଭୂଏଁଙ୍କ ଭଳି ଗ୍ରାମୀଣ ମହିଳାମାନଙ୍କ ପରିବେଶ ସୁରକ୍ଷା ଓ ଆରନିର୍ଭରଶୀଳତାର କାହାଣୀ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି। ପୂର୍ବରୁ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା ମୈଥିଳୀ ଇକୋ-ଟୁରିଜିମ୍ ସହ ଯୋଡ଼ିହୋଇ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ପ୍ରାୟ ୬୦ ଜଣ ମହିଳା ଏହି ସ୍ୱାବଲମ୍ବନ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ସଫଳତା ହାସଲ କରୁଥିବା ଆମର ଯୁବବର୍ଗ ଅନେକ ସମୟରେ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିପାରି ନଥାନ୍ତି। ପ୍ରଧାନମନ୍ତ୍ରୀ ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ସଫଳତାକୁ ସାଉଁଟି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ଏକ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରୁଛି। ଆତ୍ମ ନିର୍ଭର ଭାରତ ଗଠନ ପାଇଁ ଯୁବଶକ୍ତିର ସକ୍ରିୟ ସହଯୋଗ ଓ ସଠିକ୍ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ। ଯୁବ ପ୍ରତିଭାମାନଙ୍କୁ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରି ସେ ସେମାନଙ୍କୁ ବିକଶିତ ଭାରତ ନିର୍ମାଣରେ ଭାଗିଦାର ହେବାକୁ ଉତ୍ସାହିତ କରୁଛନ୍ତି। ପ୍ରଧାନମନ୍ତ୍ରୀ ଦେଖାଇଥିବା ବିକାଶ ଓ ସ୍ୱାବଲମ୍ବନର ମାର୍ଗରେ ଅଗ୍ରସର ହୋଇ ଏକ ଆତ୍ମନିର୍ଭର ତଥା ବିକଶିତ ଭାରତ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ସମସ୍ତ ନାଗରିକଙ୍କୁ ଆହ୍ୱାନ ଦେଇଛନ୍ତି।

## ମିଶନ ମୋଡ୍‌ରେ କାର୍ଯ୍ୟକାରୀ ହେବ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି' ଯୋଜନା

# ଓଡ଼ିଶା ପୁଷ୍ଟି ମିଶନରେ ସୁଦୃଢ଼ ହେବ ମାତୃ ଓ ଶିଶୁ ପୁଷ୍ଟି

ଭୁବନେଶ୍ୱର,୩୦।୮ (ସମିସ): ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପୁଷ୍ଟି ମିଶନ (ଓପିଏମ) ର କାର୍ଯ୍ୟାନ୍ୱୟନ ଓ ରଣନୀତି ସମ୍ପର୍କରେ ଏକ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ରାଜ୍ୟରେ ପୁଷ୍ଟିହୀନତାକୁ ଦୂର କରିବା, ଡିଜିଟାଲ



### 'ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା' ଅଧୀନରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକର ଭିତ୍ତିଭୂମି ସୁଦୃଢ଼ୀକରଣକୁ ଗୁରୁତ୍ୱ

ନିରୀକ୍ଷଣ ବଳରେ ସେବା ପ୍ରଦାନକୁ ସୁଦୃଢ଼ କରିବା ସହ 'ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା' ରେ ଅସମ୍ପୂର୍ଣ୍ଣ କୋଠାର ନିର୍ମାଣ କାର୍ଯ୍ୟ ଶେଷ କରିବା, ଆବଶ୍ୟକ ଥିବା ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରି ପିଲାମାନଙ୍କ ପାଇଁ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକର ଭିତ୍ତିଭୂମି ସୁଦୃଢ଼ୀକରଣକୁ ଗୁରୁତ୍ୱ ପ୍ରକାଶ ପାଇଛି।

ବୈଠକରେ ରାଜ୍ୟରେ ମାତୃ ଓ ଶିଶୁ ପୁଷ୍ଟିର ସ୍ଥିତିରେ ଉନ୍ନତି ଆଣିବା ସହ ପୁଷ୍ଟିହୀନତା ଦୂରୀକରଣ ପାଇଁ ମିଶନ୍-ମୋଡ୍‌ରେ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ଓଡ଼ିଶା ପୁଷ୍ଟି ମିଶନ'କୁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ମିଶନ୍-ମୋଡ୍ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଭାବେ କାର୍ଯ୍ୟକାରୀ କରିବା ସହ ଅଧିକ ପୌଷ୍ଟିକ ଅଭାବ ରହୁଥିବା ଚିହ୍ନଟ ୧୮ଟି ଜିଲ୍ଲାରେ ଏହାକୁ ବିଶେଷ ଭାବେ କାର୍ଯ୍ୟକାରୀ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଛି। ଓଡ଼ିଶା ପୁଷ୍ଟି ମିଶନ ଅଧୀନରେ ଏହି ସବୁ ଜିଲ୍ଲାରେ ପ୍ରାଥମିକତା ଦିଆଯାଇଥିବା ୧୦୦ଟି ଆଇସିଡିଏସ୍ ପ୍ରକଳ୍ପ ଅନ୍ତର୍ଗତ ୨୨,୭୦୭ ଅଙ୍ଗନବାଡ଼ି କେନ୍ଦ୍ର, ପୁଷ୍ଟି ସୂଚକାଙ୍କ ଆଧାରରେ ଅପେକ୍ଷାକୃତ ଦୁର୍ବଳ ପ୍ରଦର୍ଶନ କରୁଥିବା ଚିହ୍ନଟ ୨୨୨ ଟି ଅଙ୍ଗନୱାଡି କେନ୍ଦ୍ର ଏବଂ ମାଓ ପ୍ରଭାବିତ ଅଞ୍ଚଳରେ ଆସୁଥିବା ୧୫୯ଟି ଗ୍ରାମୋଦୟ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ମିଶାଇ ମୋଟ ୨୩,୦୮୮ ଟି ଅଙ୍ଗନୱାଡି କେନ୍ଦ୍ରକୁ ସାମିଲ କରାଯାଇଛି। ଏଥିରେ ରାଜ୍ୟର ଚିହ୍ନଟ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି) ଅନ୍ତର୍ଭୁକ୍ତ ରହିଛନ୍ତି। ସୂଚନାଯୋଗ୍ୟ ଯେ୨୦୨୬-୨୭ ଓ ୨୦୨୭-୨୮ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ପୁଷ୍ଟି ମିଶନ ନିମନ୍ତେ ମୋଟ ୩୬୦.୬୮ କୋଟିର ପ୍ରସ୍ତାବିତ ବ୍ୟୟବରାଦ ରହିଛି। ଏହି ଅର୍ଥରାଶି ପୁଷ୍ଟିକର ଖାଦ୍ୟ, ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ, ସଚେତନତା, ନିରୀକ୍ଷଣ, ପୁଷ୍ଟି ସର୍ବେକ୍ଷଣ, ଖାଦ୍ୟର ଗୁଣବତ୍ତା ପରୀକ୍ଷଣ ଓ ମାଇକ୍ରୋନ୍ୟୁଟ୍ରିଏଣ୍ଟ ସମ୍ପର୍କିତ କାର୍ଯ୍ୟକ୍ରମରେ ବ୍ୟୟ ହେବ। ଏଥିସହିତ ବୈଠକରେ ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା' ଅଧୀନରେ ରାଜ୍ୟରେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ, ଅସଂପୂର୍ଣ୍ଣ କେନ୍ଦ୍ରଗୁଡ଼ିକର ସମ୍ପୂର୍ଣ୍ଣକରଣ ଏବଂ ରହିଥିବା ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମିକୁ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିପାଇଁ ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷ ପାଇଁ ବ୍ୟୟ ବରାଦ ରହିଥିବା ବେଳେ ଅସମ୍ପୂର୍ଣ୍ଣ ଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଶୀଘ୍ର ସାରିବା ସହ ସୁରକ୍ଷା ଦୃଷ୍ଟିରୁ ପରବର୍ତ୍ତୀ ପର୍ଯ୍ୟାୟରେ ସେଥିରେ ପାଚେରୀ ନିର୍ମାଣ, ଆବଶ୍ୟକ ନୂତନ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ନିର୍ମାଣ ସହ ସେଥିରେ ପାଚେରୀ ସୁବିଧା କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ପାରିବାରିକ କଳହର କରୁଣ ପରିଣତି

# ପୃଥକ୍ ଘଟଣାରେ ୨ ମୃତ, ଜଣେ ଗୁରୁତର

- ପତ୍ନୀକୁ ହତ୍ୟାକରି ଆତ୍ମହତ୍ୟା ଉଦ୍ୟମ
- ପୁଅର ଠେଙ୍ଗା ମାଡ଼ରେ ବାପା ମୃତ

ବାରିପଦା, ୩୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ପାରିବାରିକ କଳହର ପୃଥକ ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ପ୍ରଥମ ଘଟଣାରେ ଜାମଦାପାଳ ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ନିଜେ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଶନିବାର ରାତି ପ୍ରାୟ ୧୧ଟା ସମୟରେ ଜାମଦାପାଳ ଗ୍ରାମର ୨୫ ବର୍ଷୀୟ ଭଗତ ସିଂ ୧୧୨ ଜରୁରିକାଳୀନ ସେବା ନମ୍ବରକୁ କଲ୍ କରି ତାଙ୍କ ବାପା ବୈଦ୍ୟନାଥ ସିଂ ମା'ଙ୍କୁ ମାରପିଟ୍ କରୁଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଟିମ୍ ପହଞ୍ଚି ଚଟାଣ ରକ୍ତ ଜୁଡୁବୁଡୁ ହୋଇଥିବା ଓ କାଠ ଛାତ ଉପରେ ମା' ଟୁନି ସିଂଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ବୈଦ୍ୟନାଥ ସିଂ ନିଜ ବେକ କାଟି ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ଗୁରୁତର ଆହତ ହୋଇଥିଲେ। ପୁଲିସ ଟିମ୍ ତାଙ୍କୁ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କରି ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା, ପରେ ପିଆରଏମ ମେଡ଼ିକାଲ ଓ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି।

ଅନ୍ୟଏକ ଘଟଣାରେ ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ପଥୁରି ଗାଁରେ ଏହି ଘଟଣା ଘଟିଛି। ବାପା ମହେନ୍ଦ୍ର ଦେହୁରୀଙ୍କୁ ଟଙ୍କା ମାଗି ପୁଅ ସୁମନ୍ତ ବିଫଳ ହେବାରୁ ଠେଙ୍ଗାରେ ପିଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ପୁଅ ସୁମନ୍ତକୁ ଗିରଫ କରି ଅଧିକ ତଦନ୍ତ ଆରମ୍ଭ କରିଛି। ମହେନ୍ଦ୍ର ଦେହୁରୀ ଆଣିଥିବା କିଛି ଟଙ୍କାକୁ ତାଙ୍କ ପୁଅ ସୁମନ୍ତ ମାଗିଥିବାବେଳେ ସେ ଦେବାକୁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ଏହି କଥାକୁ ନେଇ ଉତକ୍ଷିପ୍ତ ହୋଇ ପୁଅ ସୁମନ୍ତ ଏକ ଠେଙ୍ଗାରେ ବାପାଙ୍କୁ ଆକ୍ରମଣ କରି ନିର୍ଦ୍ଦୟ ଭାବେ ପିଟିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବାଙ୍ଗିରିପୋଷି ପୁଲିସ ପହଞ୍ଚି ଅଭିଯୁକ୍ତ ପୁଅ ସୁମନ୍ତ ଦେହୁରୀକୁ ଗିରଫ କରିଛି। ଉଭୟ ଘଟଣାରେ ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଛି।

## ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ବିଜେଡିର ଆହ୍ୱାନ

# ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା କେଉଁ ଲାଭ ପାଇବ, ରାଜ୍ୟବାସୀଙ୍କୁ ବୁଝାନ୍ତୁ

ଭୁବନେଶ୍ୱର,୩୦।୮ (ସମିସ): ରାଜ୍ୟ ବିଜେପିର ରାଜ୍ୟ ସଭାପତିମନମୋହନସାମଲରାଜ୍ୟକୁକ୍ଷତିପହଞ୍ଚାଉଥିବା କଳା ଆଇନ ଏମଏମଡିଆର ଆଇନ-୨୦୨୬କୁ ସମର୍ଥନ ଜଣାଇ ସଂସଦରେ ହାତ ଟେକିଥିଲେ। ତାଙ୍କର ଦାୟିତ୍ୱ ସେ ଓଡ଼ିଶାବାସୀଙ୍କୁ ବୁଝାଇବେ ଯେ, ଏହି କଳା ଆଇନକୁ ସେ କେଉଁଥିପାଇଁ ସମର୍ଥନ କଲେ? ନୂତନ ଭାବେ ଯେଉଁ ଆଇନ ଲାଗୁ କରାଗଲା, ତାହା ଦ୍ୱାରା ଓଡ଼ିଶାର ଲାଭ କେମିତି ହେବ ସେନେଇ ଶ୍ରୀ ସାମଲ ରାଜ୍ୟବାସୀଙ୍କୁ ଅବଗତ କରନ୍ତୁ ବୋଲି ବିଜେଡି ଦାବି କରିଛି।

ଆଜି ଏକ ପ୍ରେସ୍ ବିବୃତିରେ ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ପ୍ରତିକ୍ରିୟାର ଜବାବ ଦେଇ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ଏହି କଳା ଆଇନ ଯୋଗୁଁ ଆମ ରାଜ୍ୟ ଓଡ଼ିଶା ବକେୟା ପାଉଣା ହିସାବରେ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଏବଂ ପ୍ରତ୍ୟେକ ବର୍ଷ ୧୨ ହଜାର କୋଟି ଟଙ୍କାର କ୍ଷତି ସହିବ। ଶ୍ରୀ ସାମଲ ଜାଣିବା ଦରକାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେତେବେଳେ ଯାହା କରନ୍ତି ବା କୁହନ୍ତି, ସର୍ବଦା ଓଡ଼ିଶା ସ୍ୱାର୍ଥକୁ ସର୍ବାଗ୍ରେ ରଖନ୍ତି। ଆଜି ଦିନରେ ଜିଏସଟି ଲାଗୁ ହେବା ଦ୍ୱାରା ଆମ ରାଜ୍ୟ କ୍ଷତି ସହୁଛି। ପୂର୍ବରୁ ଚାଲୁଥିବା ଭ୍ୟାଟ୍, ଜିଏସଟି ଠାରୁ ଓଡ଼ିଶାକୁ ଯଥେଷ୍ଟ ବେଶୀ ଫାଇଦା ଦେଉଥିଲା। ଯେଉଁଥିପାଇଁ ଏକତରଫା ଭାବେ ଜିଏସଟି ଲାଗୁ ହେବା ବେଳେ ନବୀନ ବାବୁ ଓଡ଼ିଶାର ପକ୍ଷ ରଖି ସ୍ପଷ୍ଟ କରିଥିଲେ ଯେ, ଜିଏସଟି ଲାଗୁ ହେବା ଦ୍ୱାରା ଓଡ଼ିଶାର କ୍ଷତି ହେବ। ୧୨ ହଜାର କୋଟିର ହିସାବ ଦେବା ପାଇଁ ବିଜେଡି ପ୍ରସ୍ତୁତ। ଏହି କଳା ଆଇନ ଦ୍ୱାରା ଓଡ଼ିଶାର କେମିତି ଲାଭ ହେବ, ଯଦି ସତ୍ସାହାସ ଅଛି ମନମୋହନ ସାମଲ ଓଡ଼ିଶାବାସୀଙ୍କ ପାଖରେ ତଥ୍ୟ ରଖନ୍ତୁ।

# ହୀରାକୁଦ ଡ୍ୟାମ୍‌ର ୮ ଗେଟ୍ ଖୋଲା

## ଜଳଭଣ୍ଡାରର ଜଳସ୍ତର ୬୨୫.୧୨ ଫୁଟ୍‌କୁ ବୃଦ୍ଧି

ସମ୍ବଲପୁର,୩୦।୮ (ସମିସ): ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଉଛି। ଏହାକୁ ନଜରରେ ରଖି ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ସନ୍ଧ୍ୟା ୮ଟାରେ ଆଉ ୩ଟି ଗେଟ ଖୋଲା ଯାଇଛି। ଏବେ ମୋଟ ୮ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ସନ୍ଧ୍ୟା ସାଢେ ୯ଟାର ରିପୋର୍ଟ ଅନୁସାରେ ଏବେ ହୀରାକୁଦ ଜଳସ୍ତର



୬୨୫.୧୨ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୫ଟି ଏବଂ ଡାହାଣପାର୍ଶ୍ୱର ୩ଟି ଏହିପରି ମୋଟ ୮ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୭,୨୩୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୨୬,୨୯୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୧,୩୯୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୧,୯୬୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨,୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ବେଲଗାଁଠାରେ ୨୦,୫୦୦ କ୍ୟୁସେକ, ପଥର୍ଲାଠାରେ ୫୦,୧୫୪ କ୍ୟୁସେକ୍, ଖଇରମାଳଠାରେ ୧,୮୨,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୪୬,୨୫୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୨,୪୪,୩୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି।

# ଖିମଜୀ ଜୁଏଲର୍ସ ଅନୁଗୋଳ ଶୋ'ରୁମ୍‌ର ପ୍ରଥମ ବାର୍ଷିକୋତ୍ସବ

ଭୁବନେଶ୍ୱର,୩୦।୮ (ସମିସ): ଅଳଙ୍କାର ପ୍ରତିଷ୍ଠାନ ଖିମଜୀ ଜୁଏଲର୍ସ ଏହାର ଅନୁଗୋଳ ଶୋରୁମ୍‌ର ପ୍ରଥମ ବାର୍ଷିକୋତ୍ସବ ପାଳନ କରୁଛି। ଶଙ୍କର ସିନେମା ହଲ୍ ରୋଡ୍, ଅନୁଗୋଳଠାରେ ଅବସ୍ଥିତ ୬,୦୦୦ ବର୍ଗ ଫୁଟର ଏହି ବିଳାସପୂର୍ଣ୍ଣ ଶୋରୁମ୍, ଓଡ଼ିଶାରେ କମ୍ପାନୀର ୧୦ତମ ଶୋରୁମ୍ ଏବଂ ଜିଲ୍ଲାର ଅନ୍ୟତମ ବୃହତମ ଅଳଙ୍କାର ଶୋରୁମ୍ ଭାବରେ ସ୍ୱୀକୃତି ହାସଲ କରିଛି।


### ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍

ଏହି ସ୍ୱତନ୍ତ୍ର ମାଇଲଖୁଣ୍ଟକୁ ପାଳନ କରିବା ପାଇଁ ଖିମଜୀ ଜୁଏଲର୍ସ ୨୦୨୬ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ଏକ ସପ୍ତାହବ୍ୟାପୀ ବାର୍ଷିକୋତ୍ସବ ପାଳନ ଘୋଷଣା କରିଛି ଯାହା ଗ୍ରାହକମାନଙ୍କୁ ସ୍ୱତନ୍ତ୍ର ବାର୍ଷିକୋତ୍ସବ ଲାଭ ସହିତ ଏହାର ସୁନା, ହୀରା, ପ୍ଲାଟିନମ୍ ଓ ରୁପା ଅଳଙ୍କାରର ବ୍ୟାପକ ସଂଗ୍ରହରୁ କିଣାକିଣି କରିବାର ଏକ ସୁଯୋଗ ପ୍ରଦାନ କରୁଛି। ବାର୍ଷିକୋତ୍ସବ ପାଳନର ଏକ ଅଂଶ ସ୍ୱରୂପ ଗ୍ରାହକମାନେ ସୁନା ଓ ହୀରା ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୫୦% ରିଆତି, ରୁପା ଗଢ଼ା ମଜୁରୀ ଏବଂ ଏମ୍‌ଆର୍‌ପି ଆଇଟମ୍ ଉପରେ ଫ୍ଲାଟ୍ ୨୦% ରିଆତି ଏବଂ ପ୍ଲାଟିନମ୍ ଗଢ଼ା ମଜୁରୀ ଉପରେ ଫ୍ଲାଟ୍ ୨୦% ରିଆତି ପାଇପାରିବେ। ଏହି ସ୍ୱତନ୍ତ୍ର ଅଫର୍‌ଗୁଡ଼ିକ ଗ୍ରାହକମାନଙ୍କ ପାଇଁ ବାର୍ଷିକୋତ୍ସବ ପାଳନକୁ ଆହୁରି ସ୍ମରଣୀୟ କରିବା ସହିତ ସେମାନଙ୍କୁ ଖିମଜୀ ଜୁଏଲର୍ସର ସର୍ବଶେଷ ଡିଜାଇନ୍ ଓ ସଂଗ୍ରହଗୁଡ଼ିକୁ ଆବିଷ୍କାର କରିବାର ଏକ ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, ଅନୁଗୋଳ ଶୋ'ରୁମ୍‌ର ପ୍ରଥମ ବାର୍ଷିକୋତ୍ସବ ଆମ ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମାଇଲଖୁଣ୍ଟ। ବିଗତ ଗୋଟିଏ ବର୍ଷ ମଧ୍ୟରେ ଅନୁଗୋଳର ଜନସାଧାରଣଙ୍କ ନିକଟରୁ ଆମେ ପାଇଥିବା ଆନ୍ତରିକତା, ବିଶ୍ୱାସ ଓ ସ୍ନେହ ପ୍ରକୃତରେ ଉତ୍ସାହଜନକ। ଅନୁଗୋଳ ହେଉଛି ଆକାଂକ୍ଷା, ଉଦ୍ୟୋଗ ଓ ବିକଶିତ ହେଉଥିବା ଅଭିଳାଷର ସହର ଏବଂ ଆମେ ଏହାର ବିକାଶ ଗାଥାର ଏକ ଅଂଶ ହୋଇ ଗର୍ବିତ। ଏହି ବାର୍ଷିକୋତ୍ସବ କେବଳ ଏଠାରେ ଆମର ଉପସ୍ଥିତିର ଗୋଟିଏ ବର୍ଷର ଉତ୍ସବ ନୁହେଁ ବରଂ ଆମର ଗ୍ରାହକମାନଙ୍କ ସହିତ ଆମେ ଗଢ଼ିଥିବା ସମ୍ପର୍କର ଏକ ଉତ୍ସବ।

















## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୯୧୯ - ଆମେରିକାରେ କମ୍ୟୁନିଷ୍ଟ ପାର୍ଟିର ଗଠନ।
- ୧୯୫୭ - ମାଲେସିଆ ବ୍ରିଟେନ୍‌ଠାରୁ ସ୍ୱତନ୍ତ୍ର ହେଲା।
- ୧୯୯୫ - ପ୍ରଥମ ଥର ପାଇଁ ଏମିନେଷ୍ଟି ଇଣ୍ଟରନ୍ୟାସନାଲ୍ ଚୀନ୍‌ରେ ମାନବାଧିକାର ଉପରେ ଆପତ୍ତି ଉଠାଇଲା।
- ୧୯୯୮ - ଉତ୍ତର କୋରିଆ ଜାପାନ ଉପରେ ବାଲିଷ୍ଟିକ୍ ମିସାଇଲ୍ କ୍ଷେପଣ କଲା।
- ୨୦୦୮ - ଭାରତ ସରକାର ଅମରନାଥ ଟ୍ରଷ୍ଟ ଜମି ବିବାଦର ସମାଧାନ କଲେ।


# ସଲମାନ୍‌ଙ୍କ ସହ କାମ କରିବାକୁ ଆଗ୍ରହୀ ରାଜକୁମାର ହିରାନୀ



ରାଜକୁମାର ହିରାନୀ ଦୀର୍ଘ ୨୩ ବର୍ଷ ହେଲାଣି ନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ କାମ କରୁଛନ୍ତି। ୨୦୦୩ରେ ସେ 'ମୁନ୍ନାଭାଇ ଏମ୍‌ବିବିଏସ୍' ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଥିଲେ। ସେ ତାଙ୍କ କ୍ୟାରିୟରରେ ସଞ୍ଜୟ ଦତ୍ତ, ରଣବୀର କପୁର, ଶାହରୁଖ ଖାନ୍, ଅମିର ଖାନ୍‌ଙ୍କ ଭଳି ବଡ଼ ବଡ଼ କଳାକାରଙ୍କ ସହ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ହେଲେ ଏଯାଏଁ ସେ ସଲମାନ୍‌ଙ୍କ ସହ କୌଣସି ବି ପ୍ରୋଜେକ୍ଟରେ କାମ କରିନାହାନ୍ତି। ତେବେ, ସେ ସଲମାନ୍‌ଙ୍କ ସହ ଚଳଚ୍ଚିତ୍ର କରିବାକୁ ଚାହାଁନ୍ତି ବୋଲି କହିଛନ୍ତି।

ନିକଟରେ ଏକ ସାକ୍ଷାତକାରରେ ତାଙ୍କୁ ପଚରାଯାଇଥିଲା ଯେ, ଭବିଷ୍ୟତରେ ସେ ସଲମାନ୍‌ଙ୍କ ସହ କାମ କରିବେ କି ? ଏହା ଉପରେ ରାଜକୁମାର ହିରାନୀ କହିଥିଲେ, "ମୁଁ ତାଙ୍କ ସହ କାମ କରିବାକୁ ଚାହୁଁଛି। ଏମିତି ନୁହେଁ ଯେ ଆମର ଦେଖା ହୋଇନାହିଁ। ଆମେ ଅନେକ ଥର ପରସ୍ପରକୁ ଭେଟିଛୁ। ମୁଁ ମଧ୍ୟ ତାଙ୍କ ସହ କାମ କରିବାକୁ ନେଇ ବେଶ୍ ଉତ୍ସାହିତ ଅଛି। ହେଲେ ଏଯାଏଁ ମୋତେ ସେମିତି କିଛି କାହାଣୀ ମିଳିନାହିଁ ଯାହା ଉପରେ ଆମେ ଦୁହେଁ ଏକାଠି କାମ କରିପାରିବୁ। ତେଣୁ ଯଦି କେବେ ସମ୍ଭବ ହୁଏ, ତେବେ ଆମେ ଏକାଠି ନିଶ୍ଚୟ କାମ କରିବୁ।' ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଏବେ ବାମଶୀ ପେଡିପଲ୍ଲୀଙ୍କର ଫିଲ୍ମ 'ମନଷ୍ଟର୍'ରେ କାମ କରୁଛନ୍ତି। ଯଦିଓ ଏଯାଏଁ ଚଳଚ୍ଚିତ୍ରର ନାମ ଘୋଷଣା କରାଯାଇ ନାହିଁ, କିନ୍ତୁ ଏହି ଚଳଚ୍ଚିତ୍ରର ନାମ 'ମନଷ୍ଟର୍' ହୋଇପାରେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଛି। ଇଦ୍ ୨୦୨୭ରେ ଏହା ରିଲିଜ୍ ହେବ।

# ଅଟିଜିମ୍ ପୀଡ଼ିତ ପୁଅ ପାଇଁ ମା'ର ଅନନ୍ୟ ପ୍ରୟାସ



ସନ୍ତାନର ଖୁସି ପାଇଁ ଜଣେ ମା' ଯେ କେତେ ଦୂର ଯାଇପାରେ, ତାର ଏକ ଅଦ୍ଭୁତ ଏବଂ ପ୍ରେରଣାଦାୟୀ ଉଦାହରଣ ସାମ୍ନାକୁ ଆସିଛି କାନାଡାର ନ୍ୟୁ ବ୍ରନ୍ସୱିକ୍‌ରୁ। ଜେସିକା ଫେଲଚର ନାମ୍ନୀ ଜଣେ ମହିଳା ନିଜର ୧୧ ବର୍ଷୀୟ ଅଟିଜିମ୍ ପୀଡ଼ିତ ପୁଅ ପାଇଁ ତାଙ୍କ ହାତରେ କି-ବୋର୍ଡ ଟାଟୁ ତିଆରି କରିଛନ୍ତି। ହଣ୍ଟର୍ ଅଟିଜିମ୍ ଯୋଗୁଁ ସାଧାରଣ ପିଲାଙ୍କ ଭଳି କଥା କହିପାରେ ନାହିଁ। ସେ ନିଜର ଦୈନନ୍ଦିନ ଆବଶ୍ୟକତା ପ୍ରକାଶ କରିବା ପାଇଁ ଏକ ଇଲେକ୍ଟ୍ରୋନିକ୍ ସ୍ପିଚ୍ ଡିଭାଇସ୍ ଉପରେ ନିର୍ଭର କରୁଥିଲା। ଦିନେ ଏକ ରେଷ୍ଟୁରାଣ୍ଟରେ ହଠାତ୍ ସେହି ଡିଭାଇସ୍‌ର ବ୍ୟାଟେରି ସରିଗଲା। ଡିଭାଇସ୍ ବନ୍ଦ ହେବା ମାତ୍ରେ ହଣ୍ଟର୍ ନିଜ କଥା କହିପାରି ନ ଥିଲା। ହଣ୍ଟର୍ କିନ୍ତୁ ହାର୍ ମାନି ନ ଥିଲା, ସେ ଏକ କାଗଜ ଟୁକୁଡ଼ାରେ ନିଜ ହାତରେ ଏକ କିବୋର୍ଡ ଆଙ୍କି, ଅକ୍ଷରଗୁଡ଼ିକୁ ଛୁଇଁ ମା'ଙ୍କୁ ନିଜ କଥା ବୁଝାଇବାକୁ ଚେଷ୍ଟା କଲା। ସେହି ଦୃଶ୍ୟ ମା' ଜେସିକାଙ୍କ ହୃଦୟକୁ ଆନ୍ଦୋଳିତ କଲା। ସେ ଅନୁଭବ କଲେ ଯେ, ବ୍ୟାଟେରି କିମ୍ବା ଚାର୍ଜର ଅଭାବରୁ ତାଙ୍କ ପୁଅ ଭାବପ୍ରକାଶ କରିବାରୁ ବିଚ୍ୟୁତ ହେବା କଥା ନୁହେଁ। ଏହାପରେ ଜେସିକା ଏହାର ଏକ ସମାଧାନର ରାସ୍ତା ଖୋଜିଲେ। ସେ ନିଜ ବାମ ହାତର ଆଗ ଭାଗରେ ଏକ କି-ବୋର୍ଡ ଟାଟୁ କଲେ। ଏହି ଟାଟୁରେ କେବଳ ଅକ୍ଷର ନୁହେଁ କିଛି ଭାବପ୍ରକାଶକ ଇମୋଜି ମଧ୍ୟ ରହିଛି। ହଣ୍ଟର୍ ଏବେ ମା'ଙ୍କ ହାତର ଟାଟୁକୁ ଛୁଇଁ ନିଜ ମନର ସବୁ କଥା ସେକେଣ୍ଡକରେ କହିଦିଏ। ଜେସିକା ଯେତେବେଳେ ଏହି ପ୍ରେରଣାଦାୟୀ ଯାତ୍ରାର ଭିଡିଓ ସୋସିଆଲ ମିଡିଆରେ ସେୟାର କଲେ, ତାହା ଦେଖୁଦେଖୁ ଭାଇରାଲ ହୋଇଗଲା। ଜଣେ ମା'ଙ୍କର ଏହି ନିଃସ୍ୱାର୍ଥପର ପ୍ରୟାସକୁ ଦେଖି ଅନେକେ ଆଖିର ଲୁହ ରୋକିପାରି ନ ଥିଲେ। ଏହି କାହାଣୀ କେବଳ ଏକ ଟାଟୁର କଥା କହେନାହିଁ, ବରଂ ଏହା ଦର୍ଶାଏ ଯେ, ପ୍ରଯୁକ୍ତିବିଦ୍ୟା ଠାରୁ ମାନବୀୟ ସମ୍ବେଦନଶୀଳତା ଓ ଭଲପାଇବାର ଶକ୍ତି କେତେ ଗୁଣରେ ଅଧିକ। ଜେସିକାଙ୍କ ଏହି ପଦକ୍ଷେପ ସାରା ବିଶ୍ୱର ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କ ପିତାମାତାଙ୍କୁ ଏକ ନୂଆ ଦିଶା ଦେଖାଇଛି।

# କୀଟପତଙ୍ଗଙ୍କ ଆହାର ଛଡ଼ାଉଛି ଷ୍ଟ୍ରିଟ୍‌ଲାଇଟ୍

ରାସ୍ତାଗୁଡ଼ିକୁ ଆଲୋକିତ କରିବା ପାଇଁ ରାସ୍ତା କଡ଼ରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଏ। ହେଲେ ଏହି ଷ୍ଟ୍ରିଟ୍‌ଲାଇଟ ଦ୍ୱାରା କୀଟପତଙ୍ଗଗୁଡ଼ିକ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ବୈଜ୍ଞାନିକମାନେ ଏକ ନୂତନ ଅଧ୍ୟୟନରେ ଚେତାବନୀ ଦେଇ କହିଛନ୍ତି ଯେ, ସାରା ବିଶ୍ୱରେ କୀଟପତଙ୍ଗଙ୍କ ସଂଖ୍ୟା କମିବା ପଛରେ ଷ୍ଟ୍ରିଟ୍‌ଲାଇଟ୍ ଦାୟୀ। କୀଟପତଙ୍ଗଙ୍କ ଉପରେ ଆସିଥିବା ଏହି ସଙ୍କଟ ଯୋଗୁଁ ପ୍ରକୃତିର ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ବୈଜ୍ଞାନିକମାନେ କହିଛନ୍ତି ଯେ, ରାତିସାରା ଜଳୁଥିବା ଷ୍ଟ୍ରିଟ୍‌ଲାଇଟ୍ ଯୋଗୁଁ ଗଛର ପତ୍ରଗୁଡ଼ିକ ଅସ୍ୱାଭାବିକ ଭାବେ ଶକ୍ତ ହୋଇଯାଉଛି, ଯାହା କୀଟପତଙ୍ଗମାନଙ୍କୁ ଭୋକରେ ମରିବା ପାଇଁ ବାଧ କରୁଛି। ବୈଜ୍ଞାନିକମାନେ ଏହି ପ୍ରକ୍ରିୟା ପଛରେ ଥିବା କାରଣଗୁଡ଼ିକୁ ମଧ୍ୟ ସ୍ପଷ୍ଟ କରିଛନ୍ତି। ରାତିରେ କୃତ୍ରିମ ଆଲୋକ ସଂସ୍ପର୍ଶରେ ଆସିବା ଯୋଗୁଁ ଗଛଗୁଡ଼ିକର ଆଲୋକ ସଂଶ୍ଳେଷଣ ଚକ୍ର ପ୍ରଭାବିତ ହେଉଛି। ଫଳରେ ପତ୍ରଗୁଡ଼ିକ ବହୁତ ଟାଣ ଓ ଶକ୍ତ ହୋଇଯାଉଛି। ଏହାବାଦ୍ ଆଲୋକ ପ୍ରଦୂଷଣ ଯୋଗୁଁ ଏହି ପତ୍ରଗୁଡ଼ିକରେ ଫସ୍‌ଫରସ୍ ଭଳି ଜରୁରୀ ପୋଷକ ତତ୍ତ୍ୱର ପରିମାଣ କମିଯାଏ। ଏହାଦ୍ୱାରା ପତ୍ରଗୁଡ଼ିକ



କୀଟପତଙ୍ଗମାନଙ୍କ ପାଇଁ ଖାଦ୍ୟ ଉପଯୋଗୀ ହୋଇ ରହେନାହିଁ। ଅତ୍ୟଧିକ ଆଲୋକ ଯୋଗୁଁ ଗଛଗୁଡ଼ିକ ପତ୍ରରେ 'ଟାନିନ୍' ଭଳି ପ୍ରତିରକ୍ଷା ରାସାୟନିକ ପଦାର୍ଥ ଅଧିକ ପ୍ରସ୍ତୁତ କରନ୍ତି, ଯାହା ପତ୍ରର ସ୍ୱାଦକୁ ପିତା ବା ଖରାପ କରିଦିଏ। ଜୀବବିଜ୍ଞାନୀମାନେ ଚୀନ୍‌ର ବେଜିଂ ସହରରେ ଗଛଗୁଡ଼ିକ ଉପରେ ପରୀକ୍ଷା କରି ଦେଖିଥିଲେ ଯେ, ଯେଉଁଠାରେ ଷ୍ଟ୍ରିଟ୍‌ଲାଇଟ୍ ବହୁତ ପ୍ରଖର ଥାଏ, ସେଠାରେ ପତ୍ରଗୁଡ଼ିକୁ କୀଟପତଙ୍ଗମାନେ ଆଦୌ ଖାଇପାରନ୍ତି ନାହିଁ। ଏହାଦ୍ୱାରା ପତ୍ର ଖାଉଥିବା କୀଟ ଖାଦ୍ୟ ନ ପାଇ ମରିଯାଉଛନ୍ତି। ଯଦି ଏହି ପ୍ରାଥମିକ କୀଟପତଙ୍ଗମାନେ ମରିଯିବେ, ତେବେ ସେମାନଙ୍କୁ ଖାଉଥିବା ପକ୍ଷୀ ଏବଂ ଅନ୍ୟାନ୍ୟ ଛୋଟ ଜୀବମାନେ ମଧ୍ୟ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବେ। ଏହା ସହରୀ ଜୈବ ବିବିଧତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକମାନେ ଏହାର ପ୍ରତିକାର ସ୍ୱରୂପ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି। ରାତି ସାରା ସମାନ ପ୍ରଖରତାରେ ଲାଇଟ୍ ନ ଜଳାଇ, ବିଳମ୍ବିତ ରାତିରେ ଷ୍ଟ୍ରିଟ୍‌ଲାଇଟ୍‌ର ପ୍ରଖରତା କମାଇବା ସହ କୀଟପତଙ୍ଗ ଓ ଗଛକୁ କମ୍ ପ୍ରଭାବିତ କରୁଥିବା ନିର୍ଦ୍ଦିଷ୍ଟ ରଙ୍ଗର ଏଲ୍‌ଇଡି ଲାଇଟ୍ ବ୍ୟବହାର କରିବା ପାଇଁ କହିଛନ୍ତି।

## ସ୍ୱସ୍ତି



# ପବିତ୍ର ଜନ୍ମାଷ୍ଟମୀ

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି।

ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି। ଏଥର ସେପ୍ଟେମ୍ବର ୪ରେ ଜନ୍ମାଷ୍ଟମୀ ପାଳନ କରାଯିବ।

# ଶନିଦେବଙ୍କୁ ଦାନ

**ଶନି ଦେବଙ୍କ କୃପା ପାଇବା ତଥା ଜୀବନରେ କଷ୍ଟ କମ୍ କରିବା ପାଇଁ ପବିତ୍ର ମନରେ କରାଯାଉଥିବା ଦାନ ଖୁବ୍ ପ୍ରଭାବଶାଳୀ ବୋଲି କୁହାଯାଏ। ଏଣୁ ନିଜ କ୍ଷମତା ଅନୁସାରେ ଗରିବ, ଅସହାୟଙ୍କୁ ଦାନ କରିବା ଉଚିତ। ସେହିପରି ଛୋଟ ଦାନ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି କୁହାଯାଏ। ଶନିଦେବଙ୍କ କୃପା ଦ୍ୱାରା ଜୀବନରେ ସ୍ଥିରତା ଆସେ ଏବଂ ସଫଳତା ମିଳିଥାଏ।**

- ଶନିବାର ତଥା ଅମାବାସ୍ୟାରେ ଶନିଦେବଙ୍କ ଉଦ୍ଦେଶ୍ୟରେ ଗରିବଙ୍କୁ ଦାନ କରିବା ଉଚିତ।
- ଶନିବାର କଳା ରାଶି ଦାନ କରିବା ଉଚିତ।
- ଲୁହା ଜିନିଷ ମଧ୍ୟ ଦାନ କରିବା ଭଲ।
- କଳା ରଙ୍ଗ କମ୍ବଳ ଶନିବାର କିମ୍ବା ଅମାବାସ୍ୟାରେ ଗରିବ ଅସହାୟଙ୍କୁ ଦାନ କରନ୍ତୁ।
- ସେହିପରି କଳା ଜୋତା, ଚପଲ ବି ଦାନ କରିପାରିବେ।
- ଛତା ତଥା ରାଶି ଲଡୁ ଦାନ କରିବା ଶୁଭ। ଶନିଙ୍କ ଶୁଭ ଫଳ ପ୍ରାପ୍ତି ହୁଏ।



# ଭାଦ୍ରବ ମାସର ମହତ୍ତ୍ୱ

**ଭାଦ୍ରବ ମାସ ଚାଲିଛି। ଏହି ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**



ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

# ବୁଧିବାମନ ବ୍ରତ



**ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।**

ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

■ ଏସିଆ କପ୍ ମହିଳା କ୍ରିକେଟ

## ବୃହତ୍ ବିଜୟରୁ ଭାରତର ଅଭିଯାନ

ଦୁବାଇ,୩୦।୮ (ଏଜେନ୍ସି): ଶେଫାଳି ବର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ବୋଲରଙ୍କ ମିଳିତ ପ୍ରଚେଷ୍ଟା ବଳରେ ଭାରତ ୯୪ରନ୍‌ର ବୃହତ୍ ବ୍ୟବଧାନରେ ଥାଇଲାଣ୍ଡକୁ ପରାସ୍ତ କରି ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟରେ ବିଜୟ ଅଭିଯାନ ଆରମ୍ଭ କରିଛି। ଏହି ମ୍ୟାଚ୍‌ରେ



ଶେଫାଳି ୩୬ବଲ୍ ଖେଳି ୮ ଚୌକା ଓ ୩ଛକା ବଳରେ ସର୍ବାଧିକ ୬୪, ପ୍ରତୀକା ରାୱଲ ୨୨ଓ ଉପଅଧିନାୟିକା ସ୍ମୃତି ମନ୍ଧାନା ୧୯ ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ୍ କରିଥିଲା। ପ୍ରତିପକ୍ଷ ଦଳର ସୁଲୀପର୍ଣ୍ଣ ଲାଓମି ୨୬ରନ୍‌ରେ ୩ଟି ଓ ସୁନିଦ୍ଦା ଚତୁରଙ୍ଗରତ୍ନା ୩୧ ରନ୍‌ରେ ୨ ୱିକେଟ ନେଇଥିଲେ। ଜବାବରେ ଭାରତର ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ଥାଇଲାଣ୍ଡ -୧୬.୧ଓଭରରେ ୬୫ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନାନାପାଟ ସର୍ବାଧିକ ୪୧ ରନ୍ କରିବା ସହ ଏକମାତ୍ର ଖେଳାଳିଭାବେ ଦୁଇ ଅଙ୍କରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ୩ଜଣ ସ୍ପିନର ନନ୍ଦିନୀ ଶର୍ମା ୩ଟି, ଦୀପ୍ତି ଶର୍ମା ୩ଟି ଓ ଶ୍ରୀ ଚରଣି ୨ଟି ୱିକେଟ ଅକ୍ତିଆର କରିଛନ୍ତି। କିନ୍ତୁ ଏହି ମ୍ୟାଚ୍‌ରେ ଭାରତ ଯେପରି ବ୍ୟାଟିଂ କରିଛି ତାହା ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇ ଦେଇଛି।

## ଟେଷ୍ଟ ସିରିଜ୍ ହାରିଲା ପାକିସ୍ତାନ

ଲର୍ଡ୍ସ,୩୦।୮ (ଏଜେନ୍ସି): ଇଂଲଣ୍ଡ ଫାଷ୍ଟ ବୋଲରଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଶେଷ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ୧୯୪ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୦ରେ ଅପରାଜେୟ ଅଗ୍ରଣୀ ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ଟେଷ୍ଟ ସିରିଜ୍ ଜିତିନେଇଛି। ଏହି ମ୍ୟାଚ୍‌ରେ ୩୫ ରନ୍ ଦେଇ ୮ ଟି ୱିକେଟ ନେଇଥିବା ଇଂଲଣ୍ଡ ଫାଷ୍ଟ ବୋଲର ଓଲି ରବିନସନଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଲିଡ୍‌ସରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ଏକ ଇନିଂସ ଓ ୧୦୩ ରନ୍‌ରେ ପରାସ୍ତ କରିଥିଲା। ସିରିଜର ତୃତୀୟ ତଥା ଶେଷ ଟେଷ୍ଟ ବର୍ମିଂହାମ୍‌ରେ ସେପ୍ଟେମ୍ବର ୯ରୁ ୧୩ ଯାଏ ଖେଳାଯିବ। ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଦତ୍ତ ୩୭୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପାକିସ୍ତାନ ସାଉଦ୍ ସକିଲଙ୍କ ୯୭ ରନ୍ ସତ୍ତ୍ୱେ ୧୯୪ ରନ୍‌ରେ ଅଲଆଉଟ ହୋଇଥିଲା। ଏହି ଟେଷ୍ଟରେ ଇଂଲଣ୍ଡ ପ୍ରଥମ ଇନିଂସରେ ୨୯୦ ଓ ଦ୍ୱିତୀୟ ଇନିଂସରେ ୨୦୮ ରନ୍ କରିଥିଲା। ଜବାବରେ ପାକିସ୍ତାନ ପ୍ରଥମ ଇନିଂସରେ ୧୧୦ରନ୍ କରିଥିଲା।

## ସରେ ପାଇଁ ଖେଳିବେ ଆକ୍ୱିବ ନବି

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଜମ୍ମୁ-କାଶ୍ମୀରର ଦ୍ରୁତ ବୋଲର ଆକ୍ୱିବ ନବି ଦାର୍ କାଉଣ୍ଟି କ୍ରିକେଟ୍ ଖେଳିବେ। ସରେ ଦଳ ପକ୍ଷରୁ ୩ଟି କାଉଣ୍ଟି ଚାମ୍ପିଅନସିପ୍ ମ୍ୟାଚ୍ ଖେଳିବାକୁ ନବି ସଂକ୍ଷିପ୍ତ ଚୁକ୍ତି କରିଛନ୍ତି। ସରେ ପକ୍ଷରୁ ନବି ଏହି ୩ଟି ମ୍ୟାଚ୍ ଯଥାକ୍ରମେ ୟର୍କଶାୟର (ସେପ୍ଟେମ୍ବର ୨ରୁ), ସସେକ୍ସ (ସେପ୍ଟେମ୍ବର ୮ରୁ) ଓ ଗ୍ଲାମରଗନ (ସେପ୍ଟେମ୍ବର ୧୫ରୁ) ବିପକ୍ଷରେ ଖେଳିବେ। ଭାରତୀୟ ଦଳ ଅକ୍ଟୋବରରେ ନ୍ୟୁଜିଲାର୍ଣ୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତରେ ଭାରତ ଦଳ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚଟି ଲେଖାଏ ଟି-୨୦ ଓ ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ୨୨ରେ ପ୍ରଥମ ଟି-୨୦ ଖେଳାଯିବ। ଉଲ୍ଲେଖଯୋଗ୍ୟ, ନବି ରଣଜୀ ଟ୍ରଫିର ଗତ ସିଜନରେ ସର୍ବାଧିକ ୱିକେଟ ହାସଲକାରୀ ବୋଲର ରହିଛନ୍ତି। ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ନିକଟରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ପ୍ରଥମଥର ସୁଯୋଗ ମିଳିଥିଲା। କିନ୍ତୁ ନବି ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ତେବେ ଭାରତର ଆଗାମୀ ନ୍ୟୁଜିଲାଣ୍ଡ ଟୁର୍‌କୁ ଲକ୍ଷ୍ୟରେ ରଖି ନବିଙ୍କୁ ପ୍ରସ୍ତୁତି କରିବା ଲାଗି ବିସିସିଆଇ ତାଙ୍କୁ କାଉଣ୍ଟି ଖେଳିବାକୁ ଏହି ଯୋଜନା କରିଛି।

## ମେସି ଇଭେଣ୍ଟର ଟିକଟ ଅର୍ଥ ମିଳିବ

କୋଲକାତା, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ବଡ଼ ଘୋଷଣା କରିଛନ୍ତି। ଗତ ବର୍ଷ ଆର୍ଜେଣ୍ଟିନା ସୁପର୍ ଷ୍ଟାର୍ ଲିଓନେଲ ମେସିଙ୍କ ବିଶୃଙ୍ଖଳିତ ଇଭେଣ୍ଟ ପାଇଁ ଟିକଟ୍ କିଣିଥିବା ସମସ୍ତ ୩୩ ହଜାର ପ୍ରଶଂସକଙ୍କୁ ଅର୍ଥ ଫେରସ୍ତ କରାଯିବ। ରାଜ୍ୟର କ୍ରୀଡା ବଜେଟରୁ ଏହି ଅର୍ଥ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଗତବର୍ଷ ଡିସେମ୍ବର ୧୩ ତାରିଖରେ ଫୁଟବଲ ତାରକା ମେସି କୋଲକାତାର ଯୁବ ଭାରତୀ ଷ୍ଟାଡିୟମ୍ ପରିଦର୍ଶନରେ ଆସିଥିଲେ। କିନ୍ତୁ ଏହି ହାଇଭୋଲଟେଜ ଇଭେଣ୍ଟରେ ବିଶୃଙ୍ଖଳା ଆଚରଣ ଲାଗି କାର୍ଯ୍ୟକ୍ରମକୁ ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ମେସିଙ୍କ ଝଲକ ଟିକିଏ ପାଇବା ଲାଗି ପ୍ରାୟ ୩୩ ହଜାର ପ୍ରଶଂସକ ୪ରୁ ୬ ହଜାର ଟଙ୍କା ଲେଖାଏ ଦେଇ ଟିକେଟ୍ କିଣିଥିଲେ।

**ପୁରୁଷ ହକି ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ପରାସ୍ତ**

# ଟାଇଟଲ୍ ବଜାୟ ରଖିଲା ଜର୍ମାନୀ

ୱାଭରେ,୩୦।୮ (ଏଜେନ୍ସି)



ସ୍ପେନ୍‌କୁ ୧-୦ ଗୋଲରେ ହରାଇ ଜର୍ମାନୀ ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଚାମ୍ପିଅନ ହୋଇଛି। ଏହା ଫଳରେ ଏହି ଦଳ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ୨୦୨୩ ସଂସ୍କରଣରେ ନେଦରଲ୍ୟାଣ୍ଡ୍ସକୁ ହରାଇ ଯେଉଁ ସଫଳତା ବା ଚାମ୍ପିଅନ ହୋଇଥିଲା ତାହା ବଜାୟ ରଖିବାରେ ସମର୍ଥ ହୋଇଛି। ବିଜୟୀ ଜର୍ମାନୀ ପକ୍ଷରୁ ଏକମାତ୍ର ଗୋଲ୍‌ଟି ମାଇକେଲ ଷ୍ଟ୍ରୁଥୋଫ୍ ସ୍କୋର କରିଛନ୍ତି। ଏହି ବିଜୟ ସହ ଜର୍ମାନୀ ଏକମାତ୍ର ଦଳ ଯିଏକି ଦୁଇଥର ଟାଇଟଲ ବଜାୟ ରଖିବାରେ ସଫଳ ହୋଇଛି। ଏହି ଦଳ ୨୦୦୨ ଓ ୨୦୦୬ରେ ପ୍ରଥମେ ଏବଂ ୨୦୨୩ ଓ ୨୦୨୬ରେ ଦୁଇଥର କ୍ରମାଗତ ଟାଇଟଲ ବିଜୟୀ ହୋଇଥିଲା। ଗତକାଲି ଅନୁଷ୍ଠିତ ମହିଳା ବିଭାଗରେ ଯୁଗ୍ମ ଆୟୋଜକ ନେଦରଲ୍ୟାଣ୍ଡସକୁ ହରାଇ ଆର୍ଜେଣ୍ଟିନା ଚାମ୍ପିଅନ ହୋଇଥିଲା। ଆଜି ପୁରୁଷ ବିଭାଗରେ କାଂସ୍ୟ ପଦକ ଲାଗି ଖେଳାଯାଇଥିବା ମୁକାବିଲାରେ ଆର୍ଜେଣ୍ଟିନା ୨-୧ଗୋଲରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ଏହା ଫଳରେ ଆର୍ଜେଣ୍ଟିନା କାଂସ୍ୟ ପଦକ ହାସଲ କରିଛି। ଆଜି ଖେଳାଯାଇଥିବା ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ଥିଲାବେଳେ ଦ୍ୱିତୀୟାର୍ଦ୍ଧର ୪୧ତମ ମିନିଟ୍‌ରେ ଆର୍ଜେଣ୍ଟିନାର ବରିଷ୍ଠ ଖେଳାଳି ଟୋମାସ ଡୋମେନ୍ ପ୍ରଥମ ଏବଂ ୫୯ତମ ମିନିଟ୍‌ରେ ପେନାଲ୍‌ଟି କର୍ଣ୍ଣରରୁ ଅଧିନାୟକ ମାଟିଆସ୍ ରେ' ଦ୍ୱିତୀୟ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ୪୯ତମ ମିନିଟ୍‌ରେ ଫ୍ଲୋରିସ୍ ମିଡେନଡ୍ରପ୍ ପେନାଲ୍ଟି କର୍ଣ୍ଣରରୁ ଗୋଲ ଶୁଝାଇଦେଇଥିଲେ। ଆର୍ଜେଣ୍ଟିନାର ଡୋମେନ୍ ୧୦ଟି ଗୋଲ ଦେଇ ଟୁର୍ଣ୍ଣାମେଣ୍ଟର ଟପ୍ ସ୍କୋରର ବିବେଚିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ୫୦ଟି ମ୍ୟାଚ୍‌ରୁ ୨୪୮ ଗୋଲ କରିଥିଲେ।

### ଅଷ୍ଟମରେ ରହିଲା ଭାରତ

ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ବେଲଜିୟମଠାରୁ ୪-୩ ପେନାଲ୍ଟି ଗୋଲରେ ପରାଜିତ ହୋଇ ଭାରତୀୟ ଦଳ ଅଷ୍ଟମ ସ୍ଥାନରେ ରହିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲେ ମଧ ଭାରତ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଆଦୌ ଉନ୍ନତ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ଅନ୍ୟପକ୍ଷରେ କ୍ୱାର୍ଟର ଫାଇନାଲକୁ ଯାଇଥିବା ଅନ୍ୟ ଦୁଇ ଦଳ ମଧ୍ୟରୁ ଅଷ୍ଟ୍ରେଲିଆ ୫ମ ଓ ଇଂଲଣ୍ଡ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। କ୍ଲାସିଫିକେସନ ମୁକାବିଲାରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

### ନ୍ୟୁଜିଲାଣ୍ଡ ୯ମ, ଆୟର୍ଲାଣ୍ଡ ୧୦ମ

ଟୁର୍ଣ୍ଣାମେଣ୍ଟର ୯ରୁ ୧୬ତମ କ୍ଲାସିଫିକେସନ ମୁକାବିଲା ମଧ ବେଶ ରୋମାଞ୍ଚକର ହୋଇଥିଲା। ଏଥିରେ ଆୟର୍ଲାଣ୍ଡକୁ ୫-୩ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ୯ମ ସ୍ଥାନରେ ରହିଥିଲା। ପାକିସ୍ତାନ ୪-୩ ପେନାଲ୍ଟି ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ୧୧ଶ, ଜାପାନକୁ ୩-୧ ଗୋଲରେ ହରାଇ ଫ୍ରାନ୍ସ ୧୩ଶ ଓ ମାଲେସିଆକୁ ୨-୧ ଗୋଲରେ ହରାଇ ୱେଲ୍ସ ୧୫ଶ ସ୍ଥାନ ଅଧିକାର କରିଥିଲା।

### ପୁରୁଷ ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧- ଜର୍ମାନୀ, ୨-ସ୍ପେନ୍, ୩-ଆର୍ଜେଣ୍ଟିନା, ୪-ନେଦରଲ୍ୟାଣ୍ଡସ, ୫-ଅଷ୍ଟ୍ରେଲିଆ, ୬-ଇଂଲଣ୍ଡ, ୭-ବେଲଜିୟମ, ୮-ଭାରତ, ୯-ନ୍ୟୁଜିଲାଣ୍ଡ, ୧୦-ଆୟର୍ଲାଣ୍ଡ, ୧୧- ପାକିସ୍ତାନ, ୧୨-ଦକ୍ଷିଣ ଆଫ୍ରିକା, ୧୩-ଫ୍ରାନ୍ସ, ୧୪-ଜାପାନ, ୧୫-ୱେଲ୍ସ, ୧୬-ମାଲେସିଆ।

### ମହିଳା ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧-ଆର୍ଜେଣ୍ଟିନା, ୨-ନେଦରଲ୍ୟାଣ୍ଡସ, ୩- ବେଲଜିୟମ, ୪-ଅଷ୍ଟ୍ରେଲିଆ, ୫-ଭାରତ, ୬-ଜର୍ମାନୀ, ୭- ସ୍ପେନ୍, ୮-ଚୀନ୍, ୯-ଇଂଲଣ୍ଡ, ୧୦-ଆମେରିକା, ୧୧-ଜାପାନ, ୧୨-ସ୍କଟଲାଣ୍ଡ, ୧୩-ଆୟର୍ଲାଣ୍ଡ, ୧୪- ଦକ୍ଷିଣ ଆଫ୍ରିକା, ୧୫-ନ୍ୟୁଜିଲାଣ୍ଡ, ୧୬- ଚିଲି।

**ଦୁଲୀପ ଟ୍ରଫି ସେମିଫାଇନାଲ**

## କେନ୍ଦ୍ରାଞ୍ଚଳ ୨୬୬ରେ ସୀମିତ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଏଠାରେ ରବିବାର ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫିର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି କେନ୍ଦ୍ରାଞ୍ଚଳ ୨୬୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ରିଙ୍କୁ ସିଂ ସର୍ବାଧିକ ୬୦, ଆର୍ଯ୍ୟାନ ଜୁଏଲ ୪୬, ନଂ-୧୧ ବ୍ୟାଟର ଯଶ ଠାକୁର ଅପରାଜିତ ୩୦, ହର୍ଷ ଦୁବେ ୨୭ ଓ ଆର୍ଯ୍ୟନ ପାଣ୍ଡେ ୨୨ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ପେସର ୮ଟି ଓ ସ୍ପିନର ୨ଟି ୱିକେଟ ନେଇଛନ୍ତି। ଅଭିଜିତ ସରକାର ଓ ମୁକେଶ କୁମାର ୩ଟି ଲେଖାଏଁ, ମହମ୍ମଦ୍ ସାମି ୨ଟି ୱିକେଟ ପାଇଛନ୍ତି। ପ୍ରଥମ ମ୍ୟାଚ୍‌ର ହିରୋ ଶାହବାଜ ଅହମ୍ମଦ୍‌ଙ୍କ ସ୍ଥାନରେ ଖେଳିଥିବା ସ୍ପିନର କୌନେନ୍ କ୍ୟୁରେଶୀଙ୍କୁ ୨ଟି ୱିକେଟ ମିଳିଛି। ଓଡ଼ିଶାର ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିନାହିଁ।



### ଉତ୍ତରାଞ୍ଚଳ ୧୯୫, ଦକ୍ଷିଣାଞ୍ଚଳ ୪୦/୨

ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମଧ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ମାତ୍ର ୧୯୫ ରନ୍‌ରେ ଆଉଟ ହୋଇଯାଇଛି। ଦଳ ପକ୍ଷରୁ କମରାନ ଇକବାଲ ୭୬, ଅଧିନାୟକ କନ୍ହେୟା ୱାଧାୱାନ୍ ୩୫ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ଘାତକ ବୋଲିଂ କରି ବିଦ୍ୱାଥ କାଭେରପ୍ପା ସର୍ବାଧିକ ୪ଟି, ଏମ୍‌ଡି ନୀଧୀଶ ଓ ତନୟ ତ୍ୟାଗରାଜନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣାଞ୍ଚଳ ୧୮ ଓଭରରେ ୨ ୱିକେଟ ହରାଇ ୪୦ରନ୍ କରିଥିଲାବେଳେ ନାରାୟଣ ଜଗଦୀଶନ ୩୪ ରନ୍‌ରେ ଅପରାଜିତ ଅଛନ୍ତି। ଅଂଶୁଲ କାମ୍ବୋଜ ଓ ଗୁରନୁର ବ୍ରାର ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।


## ୯୦୦ ୱିକେଟ୍ ପୂରଣ କଲେ ସାମି

ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ତାଙ୍କ କ୍ୟାରିୟରରେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଷଷ୍ଠ ଭାରତୀୟ କ୍ରିକେଟର୍ ଭାବେ ସାମି ପ୍ରଫେସନାଲ କ୍ରିକେଟ୍‌ରେ ୯୦୦ ୱିକେଟ ପୂରଣ କରିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଦୁଲୀପ୍ ଟ୍ରଫି ସେମିଫାଇନାଲ ମ୍ୟାଚ ଅବସରରେ ସାମି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାମି କେନ୍ଦ୍ରାଞ୍ଚଳ ବିପକ୍ଷ ସେମିଫାଇନାଲ ମ୍ୟାଚର ପ୍ରଥମ ଦିବସରେ ଦୁଇଟି ୱିକେଟ ନେଇଥିଲେ। ଏଥିସହ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟର ତିନୋଟିଯାକ ଫର୍ମାଟରେ ତାଙ୍କ ମୋଟ୍ ୱିକେଟ ସଂଖ୍ୟା ୯୦୦ ଛୁଇଁଛି। ସାମି ବର୍ତ୍ତମାନ ସୁଦ୍ଧା ପ୍ରଥମଶ୍ରେଣୀ କ୍ରିକେଟରେ ୩୭୯, ଲିଷ୍ଟ-ଏ'ରେ ୨୮୩ ଓ ଟି-୨୦ କ୍ରିକେଟରେ ୨୩୮ ଟି ୱିକେଟ ନେଇଛନ୍ତି।



**ୟୁଏସ୍ ଓପନ୍**

## ହ୍ୟାଟ୍ରିକ ଟାଇଟଲ୍ ଲକ୍ଷ୍ୟରେ ସାବାଲେଙ୍କା



ନ୍ୟୁୟର୍କ, ୩୦।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଛି। ମହିଳା ବିଭାଗର ଟପ୍ ସିଡ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା ଦ୍ୱିତୀୟ ଦିବସରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ସାବାଲେଙ୍କା ପ୍ରଥମ ରାଉଣ୍ଡରେ କଲମ୍ବିଆର କାମିଲା ଓସୋରିଓଙ୍କୁ ଭେଟିବେ। ୨୮ ବର୍ଷୀୟା ସାବାଲେଙ୍କା ଗତ ଦୁଇଟି ସଂସ୍କରଣର ହେବ ଏଠାରେ ଚାମ୍ପିଅନ ହୋଇ ଆସୁଛନ୍ତି। ତେଣୁ ଏଥର ମଧ ସର୍ବିୟା ତାରକା ଟାଇଟଲ୍ ବଜାୟ ରଖି ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛନ୍ତି। ଯଦି ସାବାଲେଙ୍କା ଏଥର ମଧ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୟୁଏସ୍ ଓପନ୍‌ରେ ବିରଳ ହ୍ୟାଟ୍ରିକ ସଫଳତା ପାଇବେ। ଏଥିପୂର୍ବରୁ ଏକମାତ୍ର ମହିଳା ଖେଳାଳି ଭାବେ ସେରେନା ୱିଲିୟମ୍ସ କ୍ରମାଗତ ୩ଟି (୨୦୧୨, ୨୦୧୩ ଓ ୨୦୧୪) ସିଜନ ଧରି ୟୁଏସ୍ ଓପନ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ। ପ୍ରଥମ ଦିବସରେ ରବିବାର ମହିଳା ବିଭାଗରେ ୧୯ତମ ସିଡ୍ ଇଟାଲୀର ଯସ୍ମିନ ପାଓଲିନ ଓ ସ୍ଲୋଭେନିଆର ଭେରୋନିକା ଏର୍ଜାଭେକ ସାମ୍ନାସାମ୍ନି ହୋଇଛନ୍ତି। ସେହିଭଳି ତୃତୀୟ ସିଡ୍ ଜେସିକା ପେଗୁଲା ପ୍ରଥମ ଦିବସରେ ରୋମାନିଆର ଏଲିନା ଗାବ୍ରିଏଲ ରୁସେଙ୍କ ସହ ମୁକାବିଲା କରିବେ। ପୁରୁଷ ବିଭାଗରେ ୭ମ ସିଡ୍ ଡାନିଲ ମେଡଭେଡେଭ ଓ ଫ୍ରାନ୍ସର ହୁଗୋ ଗାସଟନଙ୍କ ମଧ୍ୟରେ ଲଢ଼େଇ ହେବ।

**ସିଏଚେମ୍ ଟ୍ରଫି କ୍ରିକେଟ**

## ଓଡ଼ିଶା-ମୁମ୍ବାଇ ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୩୦।୮ (ସମିସ): ଓଡ଼ିଶା ଓ ମୁମ୍ବାଇ ମଧ୍ୟରେ ଚାଲିଥିବା ସିଏଚେମ୍ ଟ୍ରଫିର ସିନିଅର ମୁକାବିଲାର ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଏହା ଫଳରେ ଓଡ଼ିଶା ଏକ କ୍ୱାଲିଟି ଦଳ ବିପକ୍ଷରେ ଅଭ୍ୟାସ କରିବାର ସୁଯୋଗ ପାଇଛି, କିନ୍ତୁ ଜଣେ ହେଲେ ଦମ୍‌ଦାର ପ୍ରଦର୍ଶନ ଦେବାରେ ସମର୍ଥ ହୋଇନାହାନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ମୁମ୍ବାଇର ୧୯୨ ରନ୍ ଜବାବରେ ଓଡ଼ିଶା ୧୭୭ ରନ୍ କରିଥିଲା। ୧୪ ରନ୍‌ରେ ଆଗୁଆ ଥିବା ମୁମ୍ବାଇ ୮ ୱିକେଟରେ ୨୪୧ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ହାର୍ଦ୍ଦିକ ତୋମାରେ ୭୨ରନ୍ କରିଥିଲାବେଳେ ଓଡ଼ିଶାର ଆମଦାନୀକାରୀ ବୋଲର ଲଳିତ ଯାଦବ ଓ ସମ୍ବିତ ବରାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୫୫ ରନ୍‌ରେ ପଛରେ ଥାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ୨ ୱିକେଟରେ ୧୦୬ ରନ୍ କରିବା ପରେ ଖେଳ ବନ୍ଦ ରହିଥିଲା। ଓମ୍‌ଟି ମୁଣ୍ଡେ ୪୦ ଓ ସନ୍ଦୀପ ପଟ୍ଟନାୟକ ୩୫ରନ୍‌ରେ ଅପରାଜିତ ରହିଥିଲେ।

**ସେପ୍ଟେମ୍ବର ୨୦ରୁ ଓଡ଼ିଶା ଟି-୨୦ ଲିଗ୍**

## ଚାରୋଟି ବର୍ଗରେ ହେବ ଖେଳାଳି ଡ୍ରାଫ୍ଟ

ଭୁବନେଶ୍ୱର, ୩୦।୮ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୨୦ରୁ ଆଇକନିକ ବାରବାଟୀ ଷ୍ଟାଡିୟମ ଆରମ୍ଭ ହେବାକୁଯାଉଛି। ଗତବର୍ଷ ଭଳି ଏଥର ମଧ ୬ଟି ଫ୍ରାଞ୍ଚାଇଜ

**ଆଇକନିକ ଖେଳାଳିଙ୍କୁ ମିଳିବ ସର୍ବାଧିକ ୧.୨୫ ଲକ୍ଷ**

ମଧ୍ୟରେ ୧୦ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ। ଅଂଶଗ୍ରହଣକାରୀ ଏହି ୬ଟି ଦଳ ହେଲେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ, ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ, କେନ୍ଦୁଝର ମାଇନର୍ସ ଓ ସମ୍ବଲପୁର ୱାରିୟର୍ସ। ଏହି ଛଅଗୋଟି ଫ୍ରାଞ୍ଚାଇଜ ଲାଗି ଖେଳାଳି ଡ୍ରାଫ୍ଟ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ। ଡ୍ରାଫ୍ଟ ପ୍ରକ୍ରିୟା ଲାଗି ଖେଳାଳିଙ୍କୁ ୪ଟି କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ଏ'ରେ ରାଜ୍ୟର ସିନିଅର ଖେଳାଳିଙ୍କୁ ରଖାଯାଇଛି। ଏଥିସହ ଗତ



ସିଜନରେ ୨୩ ବର୍ଷରୁ କମ୍ ବୟସରେ ଆଖିଦୃଶିଆ ପ୍ରଭାବୀ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କୁ ଏହି ବର୍ଗରେ ରଖାଯାଇଛି। ସେହିଭଳି କାଟାଗୋରୀ-ବି'ରେ ରାଜ୍ୟର ୨୩ ବର୍ଷରୁ କମ୍ ବୟସବର୍ଗର ଖେଳାଳିଙ୍କୁ ନିଆଯାଇଛି। ଏହାବାଦ୍ ୧୯ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କିଛି ମନୋନୀତ ଖେଳାଳିଙ୍କୁ ମଧ ବି' କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ସି'ରେ କେବଳ ୧୯ ବର୍ଷରୁ କମ୍ ବର୍ଗର ଖେଳାଳି ସ୍ଥାନ ପାଇଛନ୍ତି। ଭିଜି ଟ୍ରଫି ଓ କଳାହାଣ୍ଡି କପ୍ ଖେଳାଳିଙ୍କ ଲାଗି ଅନ୍ତିମ ତଥା କାଟାଗୋରୀ-ଡି ରଖାଯାଇଛି। ଏହିବର୍ଗରେ ନାମ ପଞ୍ଜୀକରଣ କରି ଖେଳାଳି ନିଜ ନାମକୁ ଡ୍ରାଫ୍ଟକୁ ନେଇପାରିବେ ବୋଲି ଓସିଏ'ର ସିଇଓ ସୁବ୍ରତ ବେହେରା ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଗତ ସଂସ୍କରଣ ଭଳି ଏଥର ମଧ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଦଳ ୨୦ ଲକ୍ଷ ଟଙ୍କା ପାଇବ। ଦ୍ୱିତୀୟ ସଂସ୍କରଣର ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଓ ଫ୍ଲଡ ଲାଇଟରେ ଖେଳାଯିବ। ସେହିଭଳି ମ୍ୟାଚର ସିଧାପ୍ରସାରଣ ଜିଓ ହଟ୍‌ଷ୍ଟାର ଓ ତରଙ୍ଗ ଟିଭିରେ କରାଯିବ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସଂସ୍କରଣରେ ଟୁର୍ଣ୍ଣାମେଣ୍ଟର ନାମ ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫି ରଖାଯାଇଛି। ଯାହାକି ପ୍ରଥମ ସଂସ୍କରଣରେ କେବଳ ଓଡ଼ିଶା ଟି-୨୦ ଲିଗ୍ ନାମରେ ଖେଳାଯାଇଥିଲା। କେବଳ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ 'ସିଏମ ଟ୍ରଫି' ଯୋଡ଼ା ଯାଇଛି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଖେଳାଳି ଦର

| | | |
|---|---|---|
| ଆଇକନିକ୍ | : | ୧.୨୫ ଲକ୍ଷ |
| କାଟାଗୋରୀ-ଏ | : | ଏକ ଲକ୍ଷ |
| କାଟାଗୋରୀ-ବି | : | ୭୫ ହଜାର |
| କାଟାଗୋରୀ-ସି | : | ୫୦ ହଜାର |
| କାଟାଗୋରୀ-ଡି | : | ୪୦ ହଜାର |

**ରାଜ୍ୟ ସ୍କୁଲ ଓପନ ଚେସ୍**

## ଓମ୍ ଚାମ୍ପିଅନ, ସାତ୍ତ୍ୱିକ ରନର୍ସଅପ୍

ଭୁବନେଶ୍ୱର,୩୦।୮ (ସମିସ): ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲର ଓମ୍ ଶତପଥୀ ତୃତୀୟ ବାସୁଦେବ ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆଜି ଅନୁଷ୍ଠିତ ଏହି ଦିନିକିଆ ଏବଂ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓମ୍ ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ସମାନ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଓମ୍ ଟାଇଟଲ ଜିତିଥିଲାବେଳେ ସାତ୍ତ୍ୱିକ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଏମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ଡିଏଭି'ର ଆଶୁତୋଷ ଅରୁଣ ଦାସ ତୃତୀୟ, ପୋଖରୀପୁଟ ଡିଏଭି'ର ଦିବ୍ୟାଂଶ ମହନ୍ତ ଚତୁର୍ଥ ଓ ସାଇ ସ୍ୱାଗତ ପରିଜା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏହା ଏକ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲେ ମଧ କେବଳ ଭୁବନେଶ୍ୱର ପ୍ରତିଯୋଗୀ ପ୍ରଥମ ୫ଟି ସ୍ଥାନ ଅଧିକାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲାବେଳେ ଖୋର୍ଦ୍ଧା ସ୍ପେଶାଲ ଟ୍ରେଜେରୀ ଅଫିସର ରାଜେଶ ମହନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ନିର୍ଲିପ୍ତା ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS